ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩୧/୨୦୨୬ (୧୮ ପୃଷ୍ଠା) | Bhubaneswar, Tuesday, March 31/2026 | Page 18 | ₹ 7.00 | SAMBALPUR

୫୨ଶ ଭାଗ ୧୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 125 | ମୂଲ୍ୟ ₹୭/-



ଶୀତଳ ୱାର୍ଲ୍ଡ ଆର୍ଚର ଅଫ୍ ଇୟର

ୱାର୍ଲ୍ଡ ଆର୍ଚେରୀ ଦ୍ୱାରା 'ୱାର୍ଲ୍ଡ ଆର୍ଚର ଅଫ୍ ଇୟର ୨୦୨୫' ବିବେଚିତ ହୋଇଛନ୍ତି ଭାରତୀୟ ତୀରନ୍ଦାଜ ଶୀତଳ ଦେବୀ।

୧୮ ୦୨

ଭୟଭୀତ ଶାହରୁଖ

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭୟଭୀତ ବଲିଉଡ ବାଦଶାହା ଶାହରୁଖ ଖାନ୍ ତାଙ୍କ ଫିଲ୍ମ 'କିଙ୍ଗ୍'ର ଶୁଟିଂ ଦୁବାଇ ପରିବର୍ତ୍ତେ ମୁମ୍ବାଇରେ କରିବାକୁ ସ୍ଥିର କରିଛନ୍ତି।

ଡଲାର ହେଲା ୯୫.୨୧ ଟଙ୍କା

- ଭାରତର ବିତ୍ତୀୟ ନିଅଣ୍ଟ ୧୨.୫ ଲକ୍ଷ କୋଟି ଟଙ୍କା
- କୋଭିଡ୍ ପରଠୁ ସବୁଠୁ ଖରାପ ସ୍ଥିତିରେ ପୁଞ୍ଜି ବଜାର

ନୂଆଦିଲ୍ଲୀ,୩୦।୩(ରଏଟର୍ସ/ପି.ଟି.)

ଭାରତୀୟ ଟଙ୍କା ଗତ କିଛି ମାସ ଧରି ଏସିଆର ସବୁଠୁ ନିକୃଷ୍ଟ ମୁଦ୍ରା ଭାବେ ପ୍ରଦର୍ଶନ ଜାରି ରଖିଥିବାବେଳେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏହାର ଦୁର୍ଦ୍ଦଶାକୁ ବହୁଗୁଣିତ କରିଦେଇଛି। ବିଶେଷକରି ଇରାନ୍ ଯୁଦ୍ଧ ଅମିତାର ନାଁ ନେଉ ନ ଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ମୂଲ୍ୟ ବୃଦ୍ଧି ଭାରତୀୟ ଅର୍ଥନୀତି ପାଇଁ କାଳ ହୋଇଛି। ଭୂରାଜନୈତିକ ଉତ୍ତେଜନା ଭିତରେ ଘରୋଇ ବଜାର ଉପରେ ନିବେଶକମାନେ ଭରସା କରିପାରୁ ନାହାନ୍ତି। ଏଭଳି ସ୍ଥିତିରେ ପୁଞ୍ଜି ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ବିପୁଳ ଅର୍ଥ ଉଠାଇ ନିବେଶର ନିରାପଦ ବିକଳ୍ପକୁ ବାଛୁଥିବା ଦେଖିବାକୁ ମିଳିଛି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ସେନ୍‌ସେକ୍ସ ୬,୪୪୩ ପଏଣ୍ଟ (୮.୨୦%) ଓ ନିଫ୍ଟି ୨,୨୮୦ (୯.୨୫%) ଖସିସାରିଲାଣି। ୨୦୨୦ ମାର୍ଚ୍ଚରେ କୋଭିଡ୍-୧୯ ସଂକ୍ରମଣ ପରଠାରୁ ଶେୟାର ବଜାରର ଏପରି ଅବସ୍ଥା ଦେଖିବାକୁ ମିଳି ନ ଥିଲା। ଗୁଜରାଟ ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ଶିଳ୍ପ ୟୁନିଟ୍‌ଗୁଡ଼ିକ ବନ୍ଦ ହେବାରେ ଲାଗିଥିବାରୁ ଦେଶର ମାନୁଫାକ୍ଚରିଂ (ବିନିର୍ମାଣ) କାର୍ଯ୍ୟକଳାପ ଗତ ସାଢ଼େ ୪ ବର୍ଷରେ ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଅପରପକ୍ଷେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ସୋମବାର ଡଲାର ତୁଳନାରେ ୯୫.୨୧ ଟଙ୍କା ଅତିକ୍ରମ କରିବା ଦେଶର ଅର୍ଥନୀତି ପାଇଁ ଚିନ୍ତାଜନକ ସ୍ଥିତି ଉପୁଜାଇଛି। ସରକାରୀ ସ୍ତରରେ ନିଆଯାଉଥିବା ନୀତି ଆର୍ଥିକ ସଂସ୍କାର କ୍ଷେତ୍ରରେ ପର୍ଯ୍ୟାପ୍ତ ହେଉ ନ ଥିବାବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ମଧ୍ୟ ସ୍ୱାଧୀନ ଭାବେ କୌଣସି ନିଷ୍ପତ୍ତି ନେଇପାରୁ ନାହିଁ। ଏସବୁ ଭିତରେ ବିଦାୟୀ ଆର୍ଥିକବର୍ଷରେ ଦେଶର ବିତ୍ତୀୟ ନିଅଣ୍ଟ ୧୨.୫ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି। ଫେରାଇନେଇଛନ୍ତି। ୨୦୨୬ ମାର୍ଚ୍ଚ ୩୦ରେ ଭାରତୀୟ ମୁଦ୍ରାର ସବୁଠୁ ଖରାପ ପ୍ରଦର୍ଶନ ଦେଖିବାକୁ ମିଳିଛି। ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ପ୍ରଥମ ଥର ପାଇଁ ୯୫ ଟଙ୍କାର ସ୍ତରକୁ ଭାଙ୍ଗିଦେଇଛି। ୨୦୨୬ ଆର୍ଥିକବର୍ଷରେ ଟଙ୍କା ପ୍ରାୟ ୯.୯% ଦୁର୍ବଳ ହୋଇଛି, ଯାହାକି ଗତ ୧୪ ବର୍ଷରେ ଏହାର ସବୁଠୁ ଦୁର୍ବଳ ବାର୍ଷିକ ଅବମୂଲ୍ୟାୟନ। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ (ଫରେକ୍ସ) ମାର୍କେଟରେ ସୋମବାର ସେସନ୍‌ରେ କାରବାର ଆରମ୍ଭ ବେଳକୁ ଟଙ୍କା ଖୋଲିବା ମାତ୍ରେ ୯୫.୨୧କୁ ଖସିଥିଲା। କାରବାର ଶେଷ ଆଡ଼କୁ ସ୍ଥିତିରେ ସାମାନ୍ୟ ସୁଧାର ଆସି ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୪.୮୩ ଟଙ୍କା ରହିଥିଲା। ୨୦୨୫ ଏପ୍ରିଲରେ ଆରମ୍ଭ ହୋଇଥିବା ଏହି ଆର୍ଥିକବର୍ଷରେ ଟଙ୍କା ୧୧% ଖସିସାରିଲାଣି। ୨୦୧୧-୧୨ ପରେ ଏହା ହେଉଛି ଟଙ୍କାର ସବୁଠୁ ନିକୃଷ୍ଟ ପ୍ରଦର୍ଶନ। ଦେଖିବାକୁ ଗଲେ ୨୦୨୬ ପ୍ରାରମ୍ଭରୁ ଭାରତୀୟ ଅର୍ଥନୀତି ☞ପୃଷ୍ଠା-୪

SIKSHA 'O' ANUSANDHAN

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through JEE-Main, Please visit: www.soa.ac.in

33001/27/2526

ଆଜିର ସମ୍ପାଦକୀୟ

ନିର୍ବାଚନ ପରେ

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା

ସୁଭଦ୍ରା

ନୂତନ ହିତାଧିକାରୀଙ୍କ ପାଇଁ ପଞ୍ଜୀକରଣ ଆରମ୍ଭ

ଆବେଦନର ସମୟ ସୀମା : ୦୧-୩୦ ଅପ୍ରେଲ୍ ୨୦୨୬

ଯୋଗ୍ୟତା	ଆବେଦନ ପ୍ରକ୍ରିୟା
• ନୂତନ ଯୋଗ୍ୟ ମହିଳା, ଯେଉଁମାନଙ୍କୁ ୧ ଅପ୍ରେଲ୍ ୨୦୨୬ ସୁଦ୍ଧା ୨୧ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ହୋଇଥିବ (ଅଦ୍ୟାବଧି ପଞ୍ଜୀକୃତ ହୋଇନାହାନ୍ତି)।	• ଅଙ୍ଗନୱାଡ଼ି କେନ୍ଦ୍ର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଃଶୁଳ୍କରେ ଫର୍ମ ଉପଲବ୍ଧ।
• ଆବେଦନକାରୀ ସୁଭଦ୍ରା ଯୋଜନାର ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବେ।	• ଆବେଦନକାରୀ ନିଜର ଆଧାର ନମ୍ବର ଓ ଆଧାର ସହ ଲିଙ୍କ ଥିବା ମୋବାଇଲ ନମ୍ବର ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ପ୍ରଦାନ କରି ନିଃଶୁଳ୍କ ଆବେଦନ କରିପାରିବେ।

ଘରେ ଘରେ ସୁଭଦ୍ରା

ପୁଲିସ୍ ହେଲ୍ପଲାଇନ୍ ୧୧୨ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ମହିଳା ହେଲ୍ପଲାଇନ୍ ୧୮୧ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

ୱେବସାଇଟ - www.subhadra.odisha.gov.in.

OIPR-33001/33001/2/25-26/0006

Sunfeast marie light

ଉପକାରିତା ସହିତ + ଭିଟାମିନ୍-D

ଆପଣଙ୍କ ଦୈନନ୍ଦିନ ଚା' ସମୟରେ ଏକ ସରଳ ଅପଗ୍ରେଡ୍ ।

ଆପଣଙ୍କ ପ୍ରିୟ ମରି ଲାଇଟ୍ ଏବେ ଭିଟାମିନ୍ D ରେ ପରିପୂର୍ଣ୍ଣ,
ଆପଣଙ୍କ ପସନ୍ଦର ସମାନ ସ୍ୱାଦ ସହିତ ।

ଏବେ ହିଁ ଘରକୁ ଆଣନ୍ତୁ

#300 g

ରଚନାତ୍ମକ ଚିତ୍ରଣ | *ସୀମିତ ଅବଧି ଅଫର। ଷ୍ଟକ୍ ଥିବା ପର୍ଯ୍ୟନ୍ତ ଅଫର ବୈଧ। ଏହି ଅଫର ବିନା ମଧ୍ୟ ପ୍ୟାକ୍ ବଜାରରେ ଉପଲବ୍ଧ

ଦିଲ୍ଲୀରେ ଆଜି

କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, କିରେନ ରିଜିଜୁ ଏବଂ ଡ. ସୁକାନ୍ତ ମଜୁମଦାରଙ୍କ ନେତୃତ୍ୱରେ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସୋମବାର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟିବା ପରେ ଇସି ମୁଖ୍ୟାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। (ଫଟୋ: ଚମନ ଗୌତମ)

ମାଓବାଦୀମୁକ୍ତ ଉଦ୍ୟମକୁ ନେଇ ଏନ୍‌ଡିଏ, ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ,୩୦।୩(ପି.ଟି.)

ଦେଶକୁ ମାଓବାଦୀମୁକ୍ତ କରିବା ପ୍ରସଙ୍ଗକୁ ନେଇ ସୋମବାର ଲୋକ ସଭାରେ ଶାସକ ଏନ୍‌ଡିଏ ଏବଂ ବିରୋଧୀ ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି। ମାଓବାଦୀଙ୍କ ଗଡ଼ କୁହାଯାଉଥିବା ବସ୍ତର ଏବେ ପ୍ରାୟତଃ ମାଓବାଦୀମୁକ୍ତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ପୂର୍ବର ଉପା ସରକାର ମାଓବାଦୀଙ୍କୁ ଦମନ କରିବାରେ ବିଫଳ ହୋଇଥିବା କହି ଏନ୍‌ଡିଏ ସଦସ୍ୟମାନେ କଡ଼ା ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ କହିଛି, ତାଙ୍କ ସରକାର ଅମଳରେ ମାଓବାଦୀ ଦମନ ପାଇଁ ଅନେକ ଉଦ୍ୟମ କରାଯାଇଥିଲା ଏବଂ ଉକ୍ତ ସଂଗଠନର ବହୁ ଶୀର୍ଷ ନେତା ନିହତ ହୋଇଥିଲେ। ଶିବସେନା ସଦସ୍ୟ ଶ୍ରୀକାନ୍ତ ଶିନ୍ଦେ ଉକ୍ତ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରି କହିଥିଲେ, ଭାଜପା ଶାସନରେ ଲାଲ୍ କରିଡର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ପୂର୍ବ ସରକାର ଠିକ୍ ସମୟରେ ପଦକ୍ଷେପ ନେଇଥିଲେ ସ୍ଥିତି ଭିନ୍ନ ହୋଇଥାନ୍ତା। କିନ୍ତୁ ସେତେବେଳର ସରକାର ମଜଭୁତ ନ ଥିଲା, ଅସହାୟ ଥିଲା। ଗତବର୍ଷ ୩୧୭ ମାଓବାଦୀ ନିହତ ହୋଇଥିବାବେଳେ ୮୬୨ ଜଣ ଗିରଫ ହୋଇଛନ୍ତି ଏବଂ ୧,୯୦୦ ଜଣ ଆତ୍ମସମର୍ପଣ କରିଛନ୍ତି। କେନ୍ଦ୍ରୀୟ କମିଟିର ୬ ସଦସ୍ୟଙ୍କ ସମେତ ଅନ୍ୟୂନ ୨୮ ମାଓବାଦୀ ନେତା ନିହତ ହୋଇଥିବାବେଳେ ୨୦୨୬ରେ ବର୍ତ୍ତମାନ ସୁଦ୍ଧା ୬୩୦ ଜଣ ମାଓବାଦୀ କ୍ୟାଡର ହିଂସା ମାର୍ଗ ଛାଡ଼ିଛନ୍ତି। କଂଗ୍ରେସ ଶାସନ କାଳରେ ସର୍ବାଧିକ ମାଓବାଦୀ ଆକ୍ରମଣ ହେଉଥିବା ଚିଟିପି ଏମ୍‌ପି ବାୟରେଡ୍ଡୀ ଶାବରୀ କହିଥିଲେ।

କଂଗ୍ରେସ ସଦସ୍ୟ ସପ୍ତଗିରି ଉଲାକା କହିଥିଲେ, ଉପା ସରକାର ଗ୍ରୀନ୍ ହଣ୍ଟ ଅଭିଯାନ ଆରମ୍ଭ କରିବା ସହ ମାଓବାଦୀ ବିପଦର ମୁକାବିଲା ପାଇଁ କୋବ୍ରା ବାହିନୀ ଗଠନ କରିଥିଲା। କେବଳ ଉପା ସରକାର କଲ୍ୟାଣ ଏବଂ ସୁରକ୍ଷା ଉପରେ ସମାନ ଗୁରୁତ୍ୱ ଦେଇଥିଲା ବୋଲି ଉଲାକା କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତା ସମିତ୍ ପାତ୍ର କହିଥିଲେ, ମୋଦି ସରକାରଙ୍କର ସ୍ପଷ୍ଟତା ଏବଂ ସଂକଳ୍ପ ରହିଥିବାବେଳେ ଉପା ସରକାର ଦ୍ୱନ୍ଦ୍ୱ ଓ ଅସ୍ପଷ୍ଟତାର ସମ୍ମୁଖୀନ ହୋଇଥିଲେ।

ପ୍ରେମିକାଙ୍କୁ ହତ୍ୟାକରି ୩ ଖଣ୍ଡ କଲେ ନୌସେନା କର୍ମଚାରୀ

ହାଇଦ୍ରାବାଦ,୩୦।୩

ପ୍ରେମିକା ପୋଲିପାଲ୍ଲି ମୌନିକାଙ୍କୁ ହତ୍ୟାକରି ମୃତଦେହକୁ ୩ ଖଣ୍ଡ କରିବା ପରେ ଫ୍ରିଜ୍‌ରେ ଲୁଚାଇ ରଖିଥିବା ଅଭିଯୋଗରେ ନୌସେନାର ୩୦ ବର୍ଷୀୟ ଟେକ୍‌ନିସିଆନ୍ ଚିଣ୍ଟଦା ରବୀନ୍ଦ୍ରଙ୍କୁ ଗିରଫ କରାଯାଇଛି। ବିଶାଖାପାଟଣାରେ ଏକ ଭଡ଼ା ଫ୍ଲାଟ୍‌ର ବନ୍ଦ ଘରେ ଏଭଳି ଅପରାଧ ଘଟିଛି। ଘର ଭିତରେ କ'ଣ ଘଟୁଛି, ସେ ସମ୍ପର୍କରେ ବାହାର ଲୋକେ କିଛି ସୁରାକ ପାଇ ନ ଥିଲେ। ଆଇଏନ୍‌ଏସ୍ ଡେଗାରେ ପୋଷ୍ଟିଂ ହୋଇଥିବା ରବୀନ୍ଦ୍ର ଗଜୁୱାକାରେ ଘର ଭଡ଼ାନେଇ ରହୁଥିଲେ। ରବିବାର ସେ ମୌନିକାଙ୍କୁ ଘରକୁ ଡାକିଥିଲେ। ସେ ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ମୌନିକା ରବୀନ୍ଦ୍ରଙ୍କଠାରୁ ୩.୫ ଲକ୍ଷ ଟଙ୍କା ନେଇଥିଲେ। ସେମାନଙ୍କ ସମ୍ପର୍କକୁ ରବୀନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଜଣାଇଦେବେ ବୋଲି ମୌନିକା ଧମକ ଦେଉଥିଲେ। ରବୀନ୍ଦ୍ର ତାଙ୍କୁ ଶ୍ୱାସରୁଦ୍ଧ କରି ମାରିଦେବା ପରେ ମୃତଦେହକୁ ୩ ଖଣ୍ଡ କରି ଫ୍ରିଜ୍‌ରେ ଲୁଚାଇଥିଲେ ବୋଲି ପୋଲିସ କହିଛି।

ହର୍ମୁଜ୍ ଖୋଲ, ନଚେତ୍ ଖର୍ଗ ଧ୍ୱଂସ କରିଦେବୁ

ୱାଶିଂଟନ୍, ୩୦।୩

ଇରାନ୍–ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଇରାନ୍‌କୁ ଚେତାବନୀ ଦେବା ସହ ଆଣବିକ ବୁଝାମଣା ଏବଂ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସ୍ୱାଭାବିକ କରିବା ଲାଗି ଚେତାବନୀ ଦେଇଛନ୍ତି। ଯଦି ଇରାନ୍ ତୁରନ୍ତ ଏଥିନେଇ ପଦକ୍ଷେପ ଗ୍ରହଣ ନ କରେ ତେବେ ଆମେରିକା ଇରାନ୍‌ର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ କରିବ ବୋଲି ଟ୍ରମ୍ପ୍ କହିଛନ୍ତି। ଇରାନ୍‌ର ପାୱାର ପ୍ଲାଣ୍ଟଗୁଡିକ ସହ ଏହାର ଗୁରୁତ୍ୱପୂର୍ଣ୍ଣ ତୈଳ ଭଣ୍ଡାର ଥିବା ଖର୍ଗ ଦ୍ୱୀପକୁ ଧ୍ୱଂସ କରିଦିଆଯିବ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ଟ୍ରମ୍ପ୍ 'ଟ୍ରୁଥ୍' ସୋସିଆଲ ମିଡିଆରେ ଉଲ୍ଲେଖକରି କହିଛନ୍ତି, ଯୁଦ୍ଧ ବନ୍ଦ ଓ ଆଣବିକ ବୁଝାମଣା କରିବାକୁ ଇରାନ୍‌ର ଏକ ନୂଆ ଏବଂ ଅପେକ୍ଷାକୃତ ନରମବାଦୀ ଗୋଷ୍ଠୀ ସହ ଆଲୋଚନା ଜାରି ରହିଛି। ଏହି ଗୋଷ୍ଠୀ ଯୁଦ୍ଧ ବନ୍ଦ କରିବାକୁ ଅନୁକୂଳ ପଦକ୍ଷେପ ନେବ ବୋଲି ଆମେ ଆଶାବାଦୀ। କିନ୍ତୁ କୌଣସି କାରଣରୁ ଯଦି ବୁଝାମଣା ସମ୍ଭବ ନ ହୁଏ ତେବେ

ଇରାନ୍‌କୁ ଟ୍ରମ୍ପଙ୍କ ଚରମବାଣୀ

ଆମେରିକା ତୁରନ୍ତ ଇରାନ୍‌ର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ ଆରମ୍ଭ କରିଦେବ ବୋଲି ଟ୍ରମ୍ପ୍ କହିଛନ୍ତି। ପୂର୍ବ ଧମକ ଅନୁସାରେ ଆମେରିକା ଇରାନ୍‌ର ପ୍ରମୁଖ ତୈଳ କୂପ ସମେତ ଖର୍ଗ ଦ୍ୱୀପ ଏବଂ ଏହାର ପାୱାର ପ୍ଲାଣ୍ଟଗୁଡିକୁ ଧ୍ୱଂସ କରିଦେବ ବୋଲି ସେ କହିଛନ୍ତି। ଇରାନ୍‌ର ଖାମେନେଇ ନେତୃତ୍ୱାଧୀନ କ୍ଷମତା କେନ୍ଦ୍ରକୁ ଧ୍ୱଂସ କରିଦିଆଯାଇଥିଲାବେଳେ ଖୁବ୍‌ଶୀଘ୍ର ଇରାନ୍ ସହ ଚାଲିଥିବା ଯୁଦ୍ଧ ଶେଷ କରିଦିଆଯିବ ବୋଲି ଟ୍ରମ୍ପ୍ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଇରାନ୍ ବାଚସ୍ପତି ମହମ୍ମଦ

ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ସହ ଆଲୋଚନାକୁ ଇରାନ୍‌ର ଅସ୍ୱୀକାର

ମୁମ୍ବାଇ , ୩୦।୩

ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ସହ ଇରାନ୍‌ର ଆଲୋଚନା ବିଷୟକୁ ଇରାନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅସ୍ୱୀକାର କରାଯାଇଛି। ଯୁଦ୍ଧ ବୁଝାମଣା ପାଇଁ ଆମେରିକା ସହ ପ୍ରତ୍ୟକ୍ଷ ଭାବେ କୌଣସି ଆଲୋଚନା ହୋଇ ନାହିଁ ବୋଲି ମୁମ୍ବାଇସ୍ଥିତ ଇରାନ୍‌ର ବାଣିଜ୍ୟ ଦୂତାବାସ ପ୍ରବକ୍ତା କହିଛନ୍ତି। ଆମେରିକା ଇରାନ୍‌କୁ ଦେଇଥିବା ୧୫ ସୂତ୍ରୀ ସର୍ତ୍ତାବଳୀକୁ କେବଳ ପାକିସ୍ତାନ ମାଧ୍ୟମରେ ଇରାନ୍‌କୁ ଦିଆଯାଇଛି। କିନ୍ତୁ ଯୁଦ୍ଧ ବୁଝାମଣାକୁ ନେଇ ଆମେରିକା ସହ ଇରାନ୍‌ର ପ୍ରତ୍ୟକ୍ଷ ଆଲୋଚନା ହୋଇ ନାହିଁ ବୋଲି ସେ କହିଛନ୍ତି।

ବାଘେର ଘାଲିବାଫ୍‌ଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ସହ ଆମେରିକା ଆଲୋଚନା ଜାରି ରଖିଥିବା ଟ୍ରମ୍ପ ପରୋକ୍ଷରେ ଇଙ୍ଗିତ କରିଆସୁଥିଲେ ହେଁ ଟ୍ରମ୍ପ୍‌ଙ୍କ ଏଭଳି ଚେତାବନୀକୁ ନେଇ ଇରାନ୍‌ର କୌଣସି ପ୍ରତିକ୍ରିୟା ସାମ୍ନାକୁ ଆସିନାହିଁ। ସେପଟେ ଆରବସାଗରରେ ଆମେରିକାର ୨ଯୁଦ୍ଧ ଜାହାଜ ଆବ୍ରାହମ୍ ଲିଙ୍କନ୍ ଓ ୟୁଏସ୍‌ଏସ୍ ଟ୍ରିପୋଲିର ଉପସ୍ଥିତି ଏବଂ ୫୦ ହଜାରରୁ ଅଧିକ ଆମେରିକୀୟ ସୈନିକ ନିୟୋଜିତ ରହିଥିଲାବେଳେ ଇରାନ୍‌ରେ ଗ୍ରାଉଣ୍ଡ ଅପରେଶନ ଆରମ୍ଭ କରିବାକୁ ଆମେରିକା ପ୍ରସ୍ତୁତି ନେଇସାରିଥିବା କୁହାଯାଇଛି। ତା' ଭିତରେ ଟ୍ରମ୍ପ୍‌ଙ୍କ ଉକ୍ତ ଚେତାବନୀ ଆଗକୁ ଭୟଙ୍କର ସ୍ଥିତି ଉତ୍ପନ୍ନ କରିବା ଆଶଙ୍କା ବଢାଇଛି।

୧ରୁ ଫାସ୍‌ଟାଗ୍ ବାର୍ଷିକ ଦେୟ ବଢ଼ିବ

ନୂଆଦିଲ୍ଲୀ,୩୦।୩

ଏପ୍ରିଲ ୧ରୁ ଫାସ୍‌ଟାଗ୍ ବାର୍ଷିକ ଦେୟ ବଢ଼ିବ ବୋଲି ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଘୋଷଣା କରାଯାଇଛି। ଗତବର୍ଷ ଆରମ୍ଭ ହୋଇଥିବା ଏହି ପ୍ରିପେଡ୍ ଟୋଲ୍ ଯୋଜନା ପାସ୍ ମୂଲ୍ୟ ୩,୦୦୦ ଟଙ୍କା ରହିଥିଲା। ଏଥିରେ ୨୦୦ ଥର ପର୍ଯ୍ୟନ୍ତ କିମ୍ବା ସମ୍ପୂର୍ଣ୍ଣ ଗୋଟିଏ ବର୍ଷ (ଯେଉଁଟି ପ୍ରଥମେ) ଟୋଲ୍ ଅତିକ୍ରମ କରିବା ଅନୁମତି ରହିଛି। ଏପ୍ରିଲ ୧ରୁ ଆରମ୍ଭ ହେଉଥିବା ୨୦୨୬–୨୭ ଆର୍ଥିକ ବର୍ଷ ପାଇଁ ଫାସ୍‌ଟାଗ୍ ବାର୍ଷିକ ପାସ୍ ମୂଲ୍ୟରେ ୭୫ ଟଙ୍କା ବୃଦ୍ଧି କରାଯାଇ ୩,୦୭୫ ଟଙ୍କା ରଖାଯାଇଛି। ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନୂଆ ମୂଲ୍ୟ ଘୋଷଣା କରାଯାଇଛି। ଜାତୀୟ ରାଜପଥ ଦେୟ (ମୂଲ୍ୟ ନିର୍ଦ୍ଧାରଣ ଓ ସଂଗ୍ରହ) ନିୟମ, ୨୦୦୮ର ବ୍ୟବସ୍ଥା ଅନୁଯାୟୀ ମୂଲ୍ୟରେ ସଂଶୋଧନ କରାଯାଇଥିବା ମନ୍ତ୍ରଣାଳୟ କହିଛି। ସମ୍ପ୍ରତି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ଫାସ୍‌ଟାଗ୍ ବାସ୍ଯୁଜର ଅଛନ୍ତି। ଘରୋଇ ଯାନ ମାଲିକଙ୍କ ମଧ୍ୟରେ ଫାସ୍‌ଟାଗ୍ ପାଇଁ ଆଗ୍ରହ ବଢ଼ିଛି।

ସୁନାଖଣି ବିବାଦରୁ ଦକ୍ଷିଣ ସୁଦାନରେ ୭୦ ଜଣଙ୍କୁ ହତ୍ୟା

ଜୁବା,୩୦।୩

ଦକ୍ଷିଣ ସୁଦାନ ରାଜଧାନୀ ଉପକଣ୍ଠରେ ଏକ ସୁନାଖଣି ଖନନ ବିବାଦକୁ ନେଇ କେତେଜଣ ବନ୍ଧୁକଧାରୀ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗୁଳିକରି ହତ୍ୟା କରିଥିବା ପୋଲିସ ସୋମବାର ସ୍ପଷ୍ଟ କରିଛି। ଏକ ଖୋଲା ସ୍ଥାନରେ ବହୁସଂଖ୍ୟାରେ ମୃତଦେହ ପଡ଼ିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ବିଧାନ ପରିଷଦ ସଭ୍ୟ ପଦରୁ ନୀତୀଶଙ୍କ ଇସ୍ତଫା

ପାଟନା,୩୦।୩(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବାରୁ ସୋମବାର ରାଜ୍ୟ ବିଧାନ ପରିଷଦରୁ ଇସ୍ତଫା ଦେଇଛନ୍ତି। କିଏ ନୂଆ ସରକାରର ନେତୃତ୍ୱ ନେବେ, ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ମେଣ୍ଟ ସମୀକରଣରେ ଉଭୟ ଭାଜପା ଏବଂ ଜେଡିୟୁ ନେତୃତ୍ୱ ନେବା ପାଇଁ ଚାପ ପକାଇପାରନ୍ତି। ମୁଖ୍ୟମନ୍ତ୍ରୀ ପଦ ପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥା ପ୍ରସଙ୍ଗ ଉଠାଇ ବରିଷ୍ଠ ମନ୍ତ୍ରୀ ଶ୍ରବଣ କୁମାର କହିଥିଲେ, ବିଧାନସଭା କିମ୍ବା ବିଧାନ ପରିଷଦ ସଦସ୍ୟ ନ ଥାଇ ଜଣେ ୬ ମାସ ମୁଖ୍ୟମନ୍ତ୍ରୀ ପଦରେ ରହିପାରିବେ। ତେବେ ନୀତୀଶ ସମ୍ପୂର୍ଣ୍ଣ ୬ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହି ନ ପାରନ୍ତି ବୋଲି ଏନ୍‌ଡିଏ ସୂତ୍ରରୁ କୁହାଯାଇଛି।

ଆମେରିକୀୟ ବିମାନ ପାଇଁ ସ୍କେନ୍ ଏୟାରସ୍ପେଶ୍ ବନ୍ଦ

ମାଡ୍ରିଦ, ୩୦।୩

ଇରାନ୍ ଯୁଦ୍ଧରେ ସାମିଲ ଆମେରିକୀୟ ବିମାନ ପାଇଁ ସ୍କେନ୍ ତାହାର ଆକାଶମାର୍ଗ ବନ୍ଦ କରିଦେଇଛି। ଇରାନ୍ ବିପକ୍ଷରେ ଆମେରିକା–ସ୍କେନ୍‌ର ମିଳିତ ସାମରିକ ଘାଟିକୁ ମଧ୍ୟ ବ୍ୟବହାର କରିବାକୁ ଦିଆଯିବ ନାହିଁ ବୋଲି ସ୍କେନ୍ ପ୍ରତିରକ୍ଷା ମନ୍ତ୍ରୀ ମାର୍ଗାରିତା ରୋବଲ୍ସ କହିଛନ୍ତି। ସ୍କେନ୍ ନାଟୋ ସଦସ୍ୟ ହୋଇଥିଲେ ମଧ୍ୟ ଏଭଳି ନିଷ୍ପତ୍ତି ନେଇଛି।

ବ୍ୟକ୍ତିଗତ ତଥ୍ୟ ଗୋପନ ରହିବ: ଜନଗଣନା କମିଶନର

ନୂଆଦିଲ୍ଲୀ,୩୦।୩(ପି.ଟି.)

ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ଠିକ୍ ତଥ୍ୟ ଦେବା ପାଇଁ ଭାରତର ମହାପଞ୍ଜିକାର ତଥା ଜନସଂଖ୍ୟା କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣ ସୋମବାର ନାଗରିକମାନଙ୍କୁ ପରାମର୍ଶ ଦେଇଛନ୍ତି। ବ୍ୟକ୍ତିଗତ ତଥ୍ୟ ଗୋପନୀୟ ରହିବ ଏବଂ କୌଣସି ଯୋଜନାରେ ସୁବିଧା ପାଇବା ପାଇଁ କିମ୍ବା ପ୍ରମାଣ ଭାବରେ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏପ୍ରିଲ ମାସରୁ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ୧୬ତମ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଥିବାବେଳେ ଏକ ଖବରଦାତା ସମ୍ମିଳନୀରେ କମିଶନର କହିଛନ୍ତି, ଜନଗଣନା ଆଇନର ଧାରା ୧୫ ଅନୁଯାୟୀ, ସମସ୍ତ ବ୍ୟକ୍ତିଗତ ତଥ୍ୟ ଗୋପନୀୟ ଅଟେ। ଏହାକୁ ସୂଚନା ଅଧିକାର ଆଇନରେ ଶେୟାର କରାଯାଇପାରିବ ନାହିଁ ଏବଂ ଏହାକୁ କୌଣସି ସରକାରୀ କିମ୍ବା ଘରୋଇ ସଂଗଠନକୁ ଦିଆଯାଇପାରିବ ନାହିଁ। କେବଳ ପରିସଂଖ୍ୟାନଗତ ମୋଟ ତଥ୍ୟ ସାରଣୀକରଣ ଉଦ୍ଦେଶ୍ୟରେ ବ୍ୟବହୃତ ହେବ ବୋଲି କମିଶନର କହିଛନ୍ତି। ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ଜାତିଗତ ତଥ୍ୟ ସଂଗ୍ରହ କରାଯିବ। ଜଣେ ବ୍ୟକ୍ତି ଚାହିଁଲେ ପ୍ରଥମ ପର୍ଯ୍ୟାୟ ଗୃହ ତାଲିକାକରଣ ଏବଂ ଗୃହଗଣନା ସମୟର ୧୫ ଦିନ ମଧ୍ୟରେ ଡିଜିଟାଲି ନିଜର ବ୍ୟକ୍ତିଗତ ତଥ୍ୟ ଦାଖଲ କରିପାରିବେ। ଏଭଳି ସେଲ୍ଫ ଇନୁମେରେଶନ ବ୍ୟବସ୍ଥା ପ୍ରଥମ ଥର ପାଇଁ କାର୍ଯ୍ୟକାରୀ ହୋଇଛି।

ପାକ୍ ସହ ଯୁଦ୍ଧରେ ଭାରତକୁ ସମର୍ଥନ କରିବନି ଆମେରିକା

ସଦାସର୍ବଦା ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଥିବା ଆମେରିକା କେବେ ବି କାହାର ନିଜର ହୋଇ ରହିଥିବା ଦେଖାଯାଇ ନାହିଁ। ଭାରତକୁ ନିଜର ପ୍ରମୁଖ ରଣନୀତିକ ରାଷ୍ଟ୍ରଭାବେ ବିଚାର କରୁଥିବା ଆମେରିକା ଯୁଦ୍ଧ ବେଳେ ଭାରତକୁ ସମର୍ଥନ କରିବ ନାହିଁ ବୋଲି ସ୍ପଷ୍ଟ କରିବା ଏହାର ଏକ ଜ୍ୱଳନ୍ତ ଉଦାହରଣ ହୋଇପାରେ। ସେଥିପାଇଁ ଭାରତ ରୁଷିଆ , ଫ୍ରାନ୍ସ ଭଳି ରାଷ୍ଟ୍ରଙ୍କ ସହ ବିଶ୍ୱାସ ଓ ସମ୍ପର୍କ ବଢାଇବାକୁ ବାଧ ହୋଇଛି ବୋଲି ରଣନୀତିକାରମାନେ ମତ ଦେଇଛନ୍ତି।

ୱାଶିଂଟନ୍ /ନୂଆଦିଲ୍ଲୀ, ୩୦।୩

ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ବଢ଼େ ଏବଂ ଏହା ଯୁଦ୍ଧର ରୂପ ନିଏ ତେବେ ଆମେରିକା ଭାରତକୁ ସମର୍ଥନ କରିବ ନାହିଁ। ନିକଟରେ ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଏବଂ କୂଟନୀତିଜ୍ଞ ବିଭିନ୍ନ ମଞ୍ଚରେ ଦେଇଥିବା ସାକ୍ଷାତ୍‌କାର ଏବଂ ଆଲୋଚନାବେଳେ ଏହି ବିଷୟ ସ୍ପଷ୍ଟ କରିଛନ୍ତି ବୋଲି 'ସନ୍‌ଡେ ଗାର୍ଡିଅନ୍'ରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ସୂତ୍ରରୁ ଜଣାପଡ଼ିଛି। ଯଦିଓ ଭାରତ ଆମେରିକାର ଏକ ପ୍ରମୁଖ ରଣନୀତିକ ଅଂଶୀଦାର ରାଷ୍ଟ୍ର ହୋଇ ରହିଛି, ତଥାପି ପାକିସ୍ତାନ ସହ ଯୁଦ୍ଧ ହେଲେ ଆମେରିକା ଭାରତକୁ ସମର୍ଥନ କରିବ ନାହିଁ। କୌଣସି ସର୍ତ୍ତ ବିନା ନୂଆଦିଲ୍ଲୀ ଆମେରିକାଠାରୁ ଏଭଳି ଆଶା ମଧ୍ୟ କରିବା ଉଚିତ ନୁହେଁ ବୋଲି ଆମେରିକୀୟ କୂଟନୀତିଜ୍ଞମାନେ କହିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଆମେରିକୀୟ ଅଧିକାରୀମାନଙ୍କ ଅନୁଯାୟୀ, ଆମେରିକା ଭାରତକୁ ତାହାର ପ୍ରମୁଖ ଅଂଶୀଦାର ଭାବେ ବିଚାର କରିବା ସହ ଇଣ୍ଡୋ–ପାସିଫିକ୍ ନୀତିରେ ଭାରତକୁ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦେଇଛି। କିନ୍ତୁ ପାକିସ୍ତାନ ସହ କୌଣସି ବିବାଦ ଉପୁଜିଲେ ଆମେରିକା ଭାରତକୁ ସର୍ତ୍ତବିହୀନ ସମର୍ଥନ ଦେବନାହିଁ। ଆମେରିକା ନିଜର ଜାତୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେବ ଏବଂ ଅନ୍ତର୍ଜାତୀୟ ନିୟମ କାନୁନ ଅନୁଯାୟୀ ଭାରତ ପ୍ରତି ଆଭିମୁଖ୍ୟ ଗ୍ରହଣ କରିବ। ଏପରିକି ଭାରତ–ପାକିସ୍ତାନ ଯୁଦ୍ଧରେ ଆମେରିକା ପାକିସ୍ତାନକୁ

ପାକିସ୍ତାନ ପଟୁ ଭାରତକୁ ବିପଦ ଆଶଙ୍କା

ଅବଦୁଲ ବସିତ୍

ଅସିମ୍ ମୁନିର୍

ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ଭାରତ–ପାକ୍ ଯୁଦ୍ଧ ପ୍ରସଙ୍ଗ ଉଠାଇବା ଏକ ସ୍ୱାଭାବିକ ବିଷୟ ହୋଇ ନ ପାରେ ବୋଲି ସାମରିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ପାକିସ୍ତାନ ବର୍ତ୍ତମାନ ଆଭ୍ୟନ୍ତରୀଣ ସୁରକ୍ଷା ସମସ୍ୟାକୁ ନେଇ ଚିନ୍ତାରେ ରହିଥିବାବେଳେ ଆଫ୍‌ଗାନିସ୍ତାନକୁ ନେଇ ବିଚଳିତ ରହିଛି। ଏହାଛଡ଼ା କୌଣସି ସମୟରେ ଇରାନ୍‌ର ପ୍ରତିକୂଳ ପ୍ରଭାବ ମଧ୍ୟ ପାକିସ୍ତାନ ଉପରେ ପଡ଼ିପାରେ ବୋଲି ଆଶଙ୍କା ରହିଛି। ଏହାଦ୍ୱାରା ବିଚଳିତ ପାକିସ୍ତାନ କିଛି ବି ପଦକ୍ଷେପ ନେଇପାରେ ବୋଲି କୁହାଯାଉଛି। ନିକଟରେ ପାକିସ୍ତାନର ପୂର୍ବତନ କୂଟନୀତିଜ୍ଞ ଅବଦୁଲ ବସିତ୍ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବାବେଳେ ଦିଲ୍ଲୀ ଏବଂ ମୁମ୍ବାଇ ଉପରେ ଆକ୍ରମଣ କରିବାକୁ ପାକିସ୍ତାନ ପଛାଇବ ନାହିଁ ବୋଲି କହିବା ଏବଂ ପାକିସ୍ତାନ ଉପରେ ବିପଦ ପଡ଼ିଲେ ଆମେ ବିଶ୍ୱର ଅଧା ଭାଗ ଧ୍ୱଂସ କରିଦେବୁ ବୋଲି ପାକ୍ ସେନାମୁଖ୍ୟ ଅସିମ୍ ମୁନିର୍ କହିବା ଘଟଣା ଭିନ୍ନ କିଛି ଇଙ୍ଗିତ କରୁଛି ବୋଲି ବିଚାର କରାଯାଉଛି। ସେପଟେ ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଏସଏ ଅଜିତ ଡୋଭାଲ ଏବଂ ପ୍ରତିରକ୍ଷା ବିଭାଗ ସହ ଆଲୋଚନା କରିବା ସହ ସ୍ୱତନ୍ତ୍ର କମିଟି ଗଠନ କରିଛନ

ଧରିତ୍ରୀ 52 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ ଳବାର, ମାର୍ଚ୍ଚ ୩୧/୨୦୨୬ | Bhubaneswar, Tuesday, March 31/2026 | ପୃଷ୍ଠା-୩

ବଳକା ଧାନ କିଣିବା ପାଇଁ ଧାର୍ଯ୍ୟ ସମୟକୁ ଆଉ ୧୫ ଦିନ ବୃଦ୍ଧି ଦାବିରେ ଚାଷୀମାନେ ସୋମବାର ଯାଜପୁର ସହରର ମାନସାପୋଲ ନିକଟରୁ ଦଣ୍ଡବତ ଆନ୍ଦୋଳନ କରି ଜିଲାପାଳଙ୍କ ଅଫିସ୍ ଅଭିମୁଖେ ଯାଉଛନ୍ତି। (ଫଟୋ: ହର୍ଷବର୍ଦ୍ଧନ ବେହେରା)

ଭୁବନେଶ୍ୱରରେ ବଙ୍ଗୀୟ ମହିଳାଙ୍କୁ ଗଣବଳାତ୍କାର

- ରେଳ ଷ୍ଟେଶନରେ ଛାଡ଼ିବା ବାହାନାରେ ବର୍ବରତା
- ୨ ଆମ୍ବୁଲାନ୍ସ ଡ୍ରାଇଭର ଗିରଫ

ରାଜଧାନୀ ଭୁବନେଶ୍ୱରରେ ଏକ ଲଜ୍ଜାଜନକ ଘଟଣା ଲୋକଲୋଚନକୁ ଆସିଛି। ଭୁବନେଶ୍ୱରରେ ରାଜମିସ୍ତ୍ରି ଭାବେ କାମ କରୁଥିବା ସ୍ୱାମୀଙ୍କୁ ଦେଖା କରିବା ପାଇଁ ପଶ୍ଚିମବଙ୍ଗରୁ ଆସିଥିବା ଜଣେ ବଙ୍ଗୀୟ ମହିଳାଙ୍କୁ ଲିଫ୍ଟ ଦେବା ଆଳରେ ୨ଜଣ ଯୁବକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡ଼ିତା ମହିଳାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉଭୟ ଅଭିଯୁକ୍ତ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରନ୍ତି।

ଭୁବନେଶ୍ୱର,୩୦।୩(ତ୍ରିନାଥ ମହାନ୍ତି)

ପଶ୍ଚିମବଙ୍ଗର ଜଣେ ମହିଳାଙ୍କ ସ୍ୱାମୀ ଚନ୍ଦକା ଅଞ୍ଚଳରେ ଘରଭଡ଼ା ନେଇ ରାଜମିସ୍ତ୍ରି କାମ କରନ୍ତି। ଗତ ୨୫ ତାରିଖ ଦିନ ସମ୍ପୃକ୍ତା ମହିଳା ପଶ୍ଚିମବଙ୍ଗରୁ ଚନ୍ଦକାରେ ରହୁଥିବା ସ୍ୱାମୀଙ୍କ ପାଖକୁ ଆସିଥିଲେ। ୨୭ତାରିଖ ରାତିରେ ସ୍ୱାମୀଙ୍କ ସହ କୌଣସି କଥାକୁ ନେଇ ମହିଳାଙ୍କ ଝଗଡ଼ା ହୋଇଥିଲା। ଏହା ପରେ ମହିଳା ଜଣକ ସ୍ୱାମୀ ରହୁଥିବା ଭଡ଼ାଘରୁ ପଳାଇ ଆସିଥିଲେ। ଏହି ସମୟରେ ଆମ୍ବୁଲାନ୍ସ ଡ୍ରାଇଭର ନାରାୟଣ ସାହୁ ମହିଳାଙ୍କୁ ଏକାକୀ ଦେଖି କୁଆଡ଼େ ଯାଉଛ ବୋଲି ପଚାରିଥିଲେ। ମହିଳା ଜଣକ ରେଳ ଷ୍ଟେଶନକୁ ଯାଉଥିବା ଜାଣିବା ପରେ ନାରାୟଣ ତାଙ୍କୁ ଆମ୍ବୁଲାନ୍ସରେ ଛାଡ଼ିଦେବାକୁ କହିଥିଲେ। ମହିଳା ଜଣକ ଆମ୍ବୁଲାନ୍ସ ଦେଖି ନାରାୟଣଙ୍କ କଥାକୁ ବିଶ୍ୱାସ କରି ସେଥିରେ ବସିଥିଲେ। ହେଲେ ନାରାୟଣ ମହିଳାଙ୍କୁ ଷ୍ଟେଶନ ନ ନେଇ ଆମ୍ବୁଲାନ୍ସରେ ତମାଣ୍ଡୋ ଥାନା ଜଣେ ଯୁବତୀଙ୍କୁ ଗଣବଳାତ୍କାର ଘଟଣା ମହିଳାମାନଙ୍କୁ ଭୟଭୀତ ☞ପୃଷ୍ଠା–୪

ଦୁବେଙ୍କ ମନ୍ତବ୍ୟରୁ ଝଡ଼

ରାଜ୍ୟ ସଭାରେ କକ୍ଷ୍ୟ ତ୍ୟାଗ କଲା ବିଜେଡି

୧୯୬୨ ଭାରତ-ଚାଇନା ଯୁଦ୍ଧ ବେଳେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏବଂ ଆମେରିକୀୟ ଗୋଇନ୍ଦା ସଂସ୍ଥା ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ମଧ୍ୟରେ ଯୋଗସୂତ୍ର ପାଲଟିଥିଲେ ବୋଲି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଦେଇଥିବା ମନ୍ତବ୍ୟ ଝଡ଼ ସୃଷ୍ଟି କରିଛି। ଦୁବେଙ୍କ ଆପତ୍ତିଜନକ ମନ୍ତବ୍ୟର ପ୍ରଥମ ପ୍ରତିବାଦ ସ୍ୱରୂପ ତାଙ୍କ ନେତୃତ୍ୱାଧୀନ ଆଇଟି ଏବଂ ଯୋଗାଯୋଗ ସମ୍ପର୍କିତ ସଂସଦୀୟ କମିଟିରୁ ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଇସ୍ତଫା ଦେଇଥିବାବେଳେ ସୋମବାର ବିଭିନ୍ନ ମହଲରୁ କ୍ଷୋଭ ପ୍ରକାଶ ପାଇଛି। ରାଜ୍ୟ ସଭାରେ ବିଜେଡି ସଦସ୍ୟମାନେ ଦୁବେଙ୍କ କ୍ଷମାପ୍ରାର୍ଥନା ଦାବିରେ କକ୍ଷତ୍ୟାଗ କରିଛନ୍ତି। ସେହିପରି ଓଡ଼ିଶା ବିଧାନସଭା ବାହାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କଡ଼ା ପ୍ରତିକ୍ରିୟା ଦେଇ ଦୁବେଙ୍କୁ ମାନସିକ ରୋଗୀ ବୋଲି ଅଭିହିତ କରିଛନ୍ତି। ଦୁବେଙ୍କ ପାଇଁ ମେଣ୍ଟାଲ ଡାକ୍ତର ଆବଶ୍ୟକ ବୋଲି ନବୀନ କହିଛନ୍ତି।

ନୂଆଦିଲ୍ଲୀ,୩୦।୩ (ପି.ଟି.)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଭାଜପା ନେତା ନିଶିକାନ୍ତ ଦୁବେଙ୍କ ମର୍ଯ୍ୟାଦାହାନିକର ମନ୍ତବ୍ୟକୁ ବିରୋଧ କରି ବିଜୁ ଜନତା ଦଳ (ବିଜେଡି) ସଦସ୍ୟମାନେ ସୋମବାର ରାଜ୍ୟ ସଭାରେ କକ୍ଷତ୍ୟାଗ କରିଛନ୍ତି। ସରକାରୀ କାଗଜପତ୍ର ଟେବୁଲରେ ରଖାଯିବା ପରେ ବିଜେଡି ନେତା ସସ୍ମିତ୍ ପାତ୍ର ଭାଜପା ଏମ୍‌ପି ଦୁବେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଦେଇଥିବା ଅପମାନଜନକ, ମିଥ୍ୟା ଓ କଳ୍ପିତ ବୟାନର ପ୍ରତିବାଦ ଜଣାଇଥିଲେ। ବିଜୁ ପଟ୍ଟନାୟକଙ୍କୁ ଦୁବେ ସିଆଇଏର ଜଣେ ଏଜେଣ୍ଟ ବୋଲି କହିଥିଲେ। ଶାସକ ଦଳ କେତେ ତଳକୁ ଖସିଆସିଛି, ଏହା ତା'ର ପ୍ରମାଣ ଏବଂ ଅତ୍ୟନ୍ତ ଲଜ୍ଜାଜନକ। ଏହାକୁ ବିଜେଡି ଦୃଢ଼ ବିରୋଧ କରୁଛି ଏବଂ ପ୍ରତିବାଦ ସ୍ୱରୂପ ଆମେ କକ୍ଷତ୍ୟାଗ କରୁଛୁ ବୋଲି ସସ୍ମିତ କହିଛନ୍ତି।

ଆଇଟି ଏବଂ ଯୋଗାଯୋଗ ସମ୍ପର୍କିତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଥିବା ଦୁବେଙ୍କ ମନ୍ତବ୍ୟର ପ୍ରତିବାଦରେ ସସ୍ମିତ୍ ଶନିବାର ଉକ୍ତ କମିଟିରୁ ଇସ୍ତଫା ଦେଇଥିଲେ। ସୂଚନାଯୋଗ୍ୟ, ବିଜୁ ପଟ୍ଟନାୟକ ୧୯୬୧ରୁ ୧୯୬୩ ଏବଂ ୧୯୯୦ରୁ ୧୯୯୫ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଥିଲେ। ତାଙ୍କ ନାମରେ ବିଜୁ ଜନତା ଦଳ ଗଢ଼ାଯାଇଛି। ବିଜୁବାବୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ଦୁଃସାହସିକ ପାଇଲଟ୍। ତାଙ୍କର ଆମେରିକା ସରକାର, ସିଆଇଏ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ସହ ଲିଙ୍କ୍ ଥିବା ନେଇ ଭାଜପା ନେତା ଦୁବେ ଦେଇଥିବା ମନ୍ତବ୍ୟକୁ ବିଜେଡି ଏମ୍‌ପିମାନେ ତୀବ୍ର ନିନ୍ଦା ☞ପୃଷ୍ଠା–୪

ନିଶିକାନ୍ତ ଦୁବେ

ଦୁବେଙ୍କୁ ଦରକାର ମାନସିକ ଡାକ୍ତର: ନବୀନ

ଭୁବନେଶ୍ୱର, ୩୦।୩(ସୁନିତ୍ ମିଶ୍ର)

ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ଦ୍ୱାରା ବିଜୁ ବାବୁଙ୍କ ବାବଦରେ ରବିବାର ରଖାଯାଇଥିବା ବିବୃତି ଶୁଣି ଆଶ୍ଚର୍ଯ୍ୟ ହେଲି। ତାଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରୁଛି। ଜବାହାରଲାଲ ନେହେରୁ ଦେଶର ପ୍ରଧାନମନ୍ତ୍ରୀ ଥିବାବେଳେ ବିଜୁ ବାବୁଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇଥିଲେ। ସେହି ସମୟରେ ବିଜୁ ବାବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ସେହି ସମୟରେ ବହୁତ ଯୁବକ ଥିଲି। ମତେ ସେତେବେଳେ ମାତ୍ର ୧୩ ବର୍ଷ ହୋଇଥିଲା। ଯାହା ଜାଣିଛି, ନେହେରୁ ଓ ବିଜୁ ବାବୁ ଚାଇନା ସହିତ ଲଢେଇ କରିବାକୁ ରଣନୀତି କରିଥିଲେ। ଏହାପରେ ବିଜୁ ବାବୁ କ'ଣ କରିଥିଲେ ଦେଖିଛି। ନିଶିକାନ୍ତ ଦୁବେ ମାନସିକ ରୋଗ ଚିକିତ୍ସା କରାଉଥିବା ଡାକ୍ତରଙ୍କ ପାଖକୁ ଯିବା ଦରକାର ବୋଲି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ନିଶିକାନ୍ତ ଦୁବେ ବିଜୁବାବୁଙ୍କୁ ସିଆଇଏ ଏଜେଣ୍ଟ ଥିଲେ ବୋଲି କହିଥିଲେ।

୧ରୁ ୧୪ ଓଡ଼ିଆ ପକ୍ଷ

ସାଗିଲ ହେବାକୁ ଆହ୍ୱାନ ଦେଲେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୩୦।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଘରର ଗାଥା ଗୌରବ, କଥା ସରିତା, ଚାଲି ଚଳଣି, ଖାଦ୍ୟ ପାନୀୟ, ପୋଷାକ ପରିଧାନର ସଂସ୍କୃତି ଓ ପରମ୍ପରାକୁ ପୁନଶ୍ଚ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଏପ୍ରିଲ୍ ୧ରୁ ୧୪ ପର୍ଯ୍ୟନ୍ତ ପ୍ରତ୍ୟେକ ଜିଲାଠାରୁ ଆରମ୍ଭ କରି ରାଜଧାନୀ ଯାଏ ସାରା ରାଜ୍ୟରେ 'ଓଡ଼ିଆ ପକ୍ଷ' ଭବ୍ୟତାର ସହ ପାଳନ କରାଯିବ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ☞ପୃଷ୍ଠା–୪

ଭୂତ ପ୍ରଭାବରେ ଖୋଲୁଥିଲି ଏମର୍ଜେନ୍ସି ଗେଟ୍

ବିମାନ ଭିତରେ ଯାତ୍ରୀଙ୍କ ହାଇଡ୍ରାମା

ବାରାଣସୀ, ୩୦।୩

ବେଙ୍ଗାଲୁରୁରୁ ବାରାଣସୀ ଅଭିମୁଖେ ଶନିବାର ରାତିରେ ଆସୁଥିବା ଇଣ୍ଡିଗୋ ବିମାନ (୬ଇ-୧୮୫) ଭିତରେ ଘଟିଛି ହାଇଡ୍ରାମା। ଜଣେ ୨୬ ବର୍ଷୀୟ ଯାତ୍ରୀଙ୍କ ଉଦ୍ଭଟକାଣ୍ଡ ଯୋଗୁ ୧୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ଜୀବନ ସଙ୍କଟରେ ପଡ଼ିଥିଲା। ବାରାଣସୀର ଲାଲ ବାହାଦୁର ଶାସ୍ତ୍ରୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣର ମାତ୍ର କିଛି ମିନିଟ ପୂର୍ବରୁ ଅର୍ଥାତ୍ ରାତି ପ୍ରାୟ ୧୦ଟା ୨୦ରେ ବିମାନର ଜରୁରିକାଳୀନ (ଏମରଜେନ୍ସି) ଦ୍ୱାର ଖୋଲିବାକୁ ଚେଷ୍ଟା କରି ସମସ୍ତଙ୍କୁ ଆତଙ୍କିତ କରିଦେଇଥିଲେ ଯୁବକ ମହମ୍ମଦ ଅଦନାନ। ତେବେ 'ଭୂତ ପ୍ରଭାବ'ରେ ସେ ଏପରି କରିଥିବା ପୋଲିସକୁ କହିଛନ୍ତି।

ଉଡ଼ାଣ ଆରମ୍ଭରୁ ହିଁ ଅଦନାନ ସନ୍ଦେହଜନକ ଆଚରଣ କରୁଥିଲେ। ବିମାନ ଟେକ୍-ଅଫ୍ କରିବା ପରେ ମଧ୍ୟ ସେ ବିମାନର ଏମରଜେନ୍ସି ଏକ୍ସିଟ ବଟନ୍ ଚିପି ଦ୍ୱାର ଖୋଲିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ କ୍ରୁ ସଦସ୍ୟମାନେ ଅଟକାଇ ଦେଇଥିଲେ। ବିମାନଟି ବାରାଣସୀ ରନ୍‌ୱେ ଛୁଇଁବାକୁ ପ୍ରସ୍ତୁତ ହେଉଥିବାବେଳେ ଏହି ଅଘଟଣ ଘଟିଥିଲା। ବିପଦକୁ ଆଖି ଆଗରେ ରଖି ପାଇଲଟ ତୁରନ୍ତ ଲ୍ୟାଣ୍ଡିଂ ରଦ୍ଦ କରି ବିମାନକୁ ପୁଣି ଉପରକୁ ନେଇଯାଇଥିଲେ, ଫଳରେ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଯାଇପାରିଛି। ପରେ ରାତି ପ୍ରାୟ ୧୦ଟା ୩୫ରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ଏହାପରେ ☞ପୃଷ୍ଠା–୪

10001/151/2526

ଓଡ଼ିଶା ଶାସନ

ଅଂଶୁଘାତ ସତର୍କତା।

ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର.ଏସ./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/25-26/0028

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବ ରଙ୍ଗ ଜାତୀୟ ନାଟକ ଉତ୍ସବରେ 'ଅଦୃଶ୍ୟ ନଟ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖ, ଶ୍ରୀରାମ ନଗର, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ତଳସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।

ବାଲେଶ୍ୱର
- ରାମ-ଶଙ୍କରଙ୍କ ପ୍ରତିଷ୍ଠାର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ୪୫ତମ କଳିନାଶନ ଯଜ୍ଞ, ସ୍ଥାନ: ନହରପାଟଣା ବାରୁଣୀ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ଏଫ୍ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

ଭଦ୍ରକ
- ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବନବିହାରୀ ସରକାରୀ ଉପ୍ରା ବିଦ୍ୟାଳୟ, ପଧାନପଡ଼ା, ବନ୍ତ, ସମୟ: ସକାଳ ୯ଟା।
- ସମୀର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଅଟଳବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- ସ୍ୱାମୀ ନିଗମାନନ୍ଦଙ୍କ ପୂଜା ଉତ୍ସବ, ସ୍ଥାନ: ବଡ଼ଚନ୍ଦ୍ର ଭାନୁପୁର, ବାସୁଦେବପୁର, ସମୟ: ସକାଳ ୯ଟା।
- ବାଦିପାଲା ଉଦ୍‌ଯାପନ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ଶାରଦା ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଶାରଦା ବିଦ୍ୟାମନ୍ଦିର ପରିସର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

କେନ୍ଦୁଝର
- ଚମକପୁର ବୁଢ଼ି ଅଞ୍ଚଳରୁ ଆଗୁଳିଆ ବିସ୍ଥାପିତ କଲୋନୀକୁ ପ୍ରସିଦ୍ଧ ମା' ବାସୁଳିଙ୍କ ବିଗ୍ରହ ସ୍ଥାନାନ୍ତରଣ, ସ୍ଥାନ: ଯୋଡ଼ା, ସମୟ: ସକାଳ ୯ଟା।
- ବାମେବାରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଯୋଡ଼ା, ସକାଳ ୯ ଟା।
- ଆସ ଯିବା ସ୍କୁଲ କାର୍ଯ୍ୟକ୍ରମ, ସ୍ଥାନ: ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୮ଟା।
- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ : ସୋଲପଟା,ହାଟଡିହୀ, ସମୟ : ଅପରାହ୍ନ ୪ ଟା।
- ମଙ୍ଗଳାଙ୍କ ମନ୍ଦିରରେ ଚଇତି ପର୍ବ ପାଳନ, ସ୍ଥାନ: ଶାଳକଣିଆ, ଭୂଇଁପୁର, ସମୟ: ପ୍ରାତଃ ୭ ଟା।

ମୟୂରଭଞ୍ଜ
- ମା' ମଙ୍ଗଳାଙ୍କ ବାର୍ଷିକ ପୂଜା ଉତ୍ସବ,ସ୍ଥାନ: ଚିତ୍ରଡ଼ା କାକୁଡିହା ଗ୍ରାମ ଓ ମାର୍କେଟ ସାହି, ମୋରଡ଼ା, ସମୟ:ସକାଳ ୪ଟା।
- ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ୍ୟତା ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଡ଼ନୂଆଗାଁ, କୁଳିଅଣା, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ରୋଟାରୀ କ୍ଲବ୍, ବାରିପଦା, ସମୟ: ସକାଳ ୯ଟା।
- ନାଟକ 'ସେମାନେ ବି ମଣିଷ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ଅପରାହ୍ନ ୩ଟା।

ବ୍ରହ୍ମପୁର
- ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଭାପୁର ବଜାର, ସମୟ: ସକାଳ ୬ଟା।

ଗଞ୍ଜାମ
- ଶ୍ରୀ ରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡ଼ା, କଦମ୍ବ ମଠ ସମୟ: ସକାଳ ୭ଟା।

କନ୍ଧମାଳ
- ଆନ୍ତର୍ଜାତୀୟ କିନ୍ନର ଦୃଶ୍ୟମାନ ଦିବସ ପାଳନ, ସ୍ଥାନ: ପାରିଜାତ କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

ଢେଙ୍କାନାଳ
- ଜାଭିୟର ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ନୂଆ ଭୁବନ, ସମୟ: ଅପରାହ୍ନ ୫ଟା।

ଅନୁଗୋଳ
- ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ପୂଜା, ସ୍ଥାନ: ତାଳଚେର ଗୋପାଳପ୍ରସାଦ, ସମୟ: ସକାଳ ୬ଟା।
- ଶ୍ରୀ ରାମଚରିତ ମାନସ ପାରାୟଣ ପଠନ, ସ୍ଥାନ: ଆଠମଲ୍ଲିକସ୍ଥିତ ଶ୍ରୀ ରଘୁନାଥ ମନ୍ଦିର, ସମୟ: ସକାଳ ୯ଟା।
- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ଗସ୍ତ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମା' ହିଙ୍ଗୁଳାଙ୍କ ପାଟବରୀ ଉତ୍ସବ, ସ୍ଥାନ: ତାଳଚେର ଗୋପାଳପ୍ରସାଦ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ହିଙ୍ଗୁଳା ଯାତ୍ରା ମହୋତ୍ସବ ଅବସରରେ ଆଳମ ଶୋଭାଯାତ୍ରା ଓ ମେଲଣ ପର୍ବ , ସ୍ଥାନ: ବଅଁରପାଳ ବ୍ଲକ ବଳରାମ ପ୍ରାସାଦ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବଇଣ୍ଡା ମା' ମଙ୍ଗଳା ସାହି, ସମୟ: ଅପରାହ୍ନ ୨ଟା।
- ୨୮ତମ ମା' ମଙ୍ଗଳା ମହୋତ୍ସବ, ସ୍ଥାନ: ବଅଁରପାଳ ବ୍ଲକ କୁଲାଡ଼, ସମୟ: ଅପରାହ୍ନ ୩ ଘଟିକା।
- ହିଙ୍ଗୁଳା ଯାତ୍ରା, ସ୍ଥାନ: କିଶୋରନଗର ବ୍ଲକ୍ ଲୁହାମୁଣ୍ଡା, ସମୟ: ଅପରାହ୍ନ ୫ଟା।

ରାୟଗଡ଼ା
- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଜଳନିଧିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ମା' ବନଦୁର୍ଗାଙ୍କ ନିଆଁ ମଡ଼ା ଯାତ୍ରା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟ ମା' ବନ ଦୁର୍ଗା ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୩ଟା।
- ଜିଲା ସଡ଼କ ସୁରକ୍ଷା ବୈଠକ, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୪ଟା।
- ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ, ସ୍ଥାନ: ଭେଙ୍କଟେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପ, ଗୁଣପୁର, ସମୟ: ଅପରାହ୍ନ ୫ଟା।

ନବରଙ୍ଗପୁର
- ଓଭିଇପି ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜମଗୁଣ୍ଡା, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ପକ୍ଷ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ଠାକୁରାଣୀଙ୍କ କଳସ ଯାତ୍ରା ଶେଷ, ସ୍ଥାନ : କଳସୀ ମଣ୍ଡପ, ଡାବୁଗାଁ, ସମୟ: ଅପରାହ୍ନ ୫ଟା।

ମାଲକାନଗିରି
- ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

ସମ୍ବଲପୁର
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ, ଜୈବିକ, ଉଦ୍ଭିଦ ବିଜ୍ଞାନ ଓ ଆଇଏସଟି ବିଭାଗର ମିଳିତ ଆୟୋଜନରେ ଛତୁ ଚାଷ ଶୀର୍ଷକ କର୍ମଶାଳା, ସ୍ଥାନ: ଅମୃତ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ଆୟୋଜିତ ଫାୟାର ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ଫାର୍ମରୋହ ସ୍ଥିତ ସିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ରାମ ନବମୀ କମିଟି ପକ୍ଷରୁ ୬୮ତମ ରାମଲୀଳା କାର୍ଯ୍ୟକ୍ରମ, ସ୍ଥାନ: କବରାପାଲି ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଠେମରା ଗ୍ରାମବାସୀ ଆୟୋଜିତ ରାମଲୀଳା ଉତ୍ସବ, ସ୍ଥାନ: ଠେମରା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

ବଲାଙ୍ଗୀର
- ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୪ତମ ଜୟନ୍ତୀ ପାଳନ, ସ୍ଥାନ: ରାଜେନ୍ଦ୍ର ପାର୍କ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଗ୍ରାହକ ସଚେତନତା ଶିବିର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା ୩୦।
- ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଦିନିକିଆ କ୍ୟାମ୍ପ କୋର୍ଟ ଓ ସାଧାରଣ ଶୁଣାଣି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୂର୍ବାହ୍ନ ୧୦ଟା ୩୦।

ରାଉରକେଲା
- ଗ୍ରୀଷ୍ମକାଳୀନ କ୍ରିକେଟ, ସ୍ଥାନ: ଡିଏଭି ପଡିଆ, ବାସନ୍ତୀ କଲୋନୀ, ସମୟ: ସକାଳ ୬ଟା ୩୦।
- ନିଃଶୁଳ୍କ ଆର୍ଟ୍ କର୍ମଶାଳା, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସକାଳ ୮ଟା।
- ମ୍ୟୁନିସିପାଲ କଲେଜର ବାର୍ଷିକୋତ୍ସବ, ସ୍ଥାନ: ମ୍ୟୁନିସିପାଲ କଲେଜ, ଉଦିତନଗର, ସମୟ: ସକାଳ ୯ଟା ୩୦।
- ହୃଷୀକେଶ ରାୟ କଲେଜର ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ସିଟୁ ପକ୍ଷରୁ ପଥପ୍ରାନ୍ତ ସଭା, ସ୍ଥାନ: ସେକ୍ଟର-୨, ସମୟ: ଅପରାହ୍ନ ୫ଟା।
- ସଙ୍କଟମୋଚନ ମନ୍ଦିରରେ ହନୁମାନ ଚାଳିଶା, ସ୍ଥାନ: ମାଲଗୋଦାମ କାଳୀ ମନ୍ଦିର ସମୟ: ସନ୍ଧ୍ୟା ୬ଟା ୩୦।

ବରଗଡ଼
- ଅତାବିରା ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ,ସ୍ଥାନ:ଦୁର୍ଗା ମନ୍ଦିର କଲ୍ୟାଣ ମଣ୍ଡପ, ଅତାବିରା,ସମୟ: ସକାଳ ୯ଟା।
- ପୁଷ୍କରିଣୀ ପରିଚ୍ଛନ୍ନତା କାର୍ଯ୍ୟକ୍ରମ, ସ୍ଥାନ: ଭୁଲ୍ତା, ଅମ୍ଭାଭୋନା,ସମୟ: ପୂର୍ବାହ୍ନ ୧୦ଟା।
- ଜନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପିଏମଶ୍ରୀ ଜନତା ହାଇସ୍କୁଲ, ଭୁଲ୍ତା, ଅମ୍ଭାଭୋନା, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା, ସ୍ଥାନ: ପିଏମଶ୍ରୀ ଜନତା ହାଇସ୍କୁଲ, ଭୁଲ୍ତା, ଅମ୍ଭାଭୋନା, ସମୟ: ଅପରାହ୍ନ ୪ଟା।

କଳାହାଣ୍ଡି
- ପଞ୍ଜୀକରଣ ଅବଧି ବୃଦ୍ଧି ଦାବି ନେଇ ଜିଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

ବୌଦ୍ଧ
- ବୌଦ୍ଧ ଗଡଜାତର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାର ପଞ୍ଚମ ଦିବସ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ, ବୌଦ୍ଧ, ସମୟ: ରାତି ୯ଟା।

ଦେବଗଡ଼
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

ସୁବର୍ଣ୍ଣପୁର
- ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ନୂଆପାଲି ବିନିକା ବଟ ବୃକ୍ଷ ମଣ୍ଡପ, ସମୟ: ସକାଳ ୭ଟା।
- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: କମିରା ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ୍, ସମୟ:ଅପରାହ୍ନ ୧ଟା।
- ତରଭା ବ୍ଲକ ବ୍ରାହ୍ମଣୀପାଲିରୁ ବାରପାହାଡ ଜଙ୍ଗଲକୁ ବାରବଇଠା ଯାତ୍ରା, ସ୍ଥାନ: ବ୍ରାହ୍ମଣୀପାଲି ଗ୍ରାମ, ସମୟ: ଅପରାହ୍ନ ୨ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ପଞ୍ଚମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ପଞ୍ଚମ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖମାରରେ ରାମଲୀଳା ପଞ୍ଚମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦରରେ ରାମଲୀଳାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ଶ୍ରୀରାମ ଲୀଳା ନାଟକର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଖଇରମାଲ,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।
- ଶ୍ରୀରାମ ଲୀଳା ନାଟକ ଭରତ ମିଳନ ପରିବେଷଣ, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ: ରାତି ୧୦ଟା।
- ଡୁଙ୍ଗେଶ୍ୱର ଶ୍ରୀରାମ ଲୀଳା ନାଟକ ସ୍ଥାନ: ଡୁଙ୍ଗେଶ୍ୱର, ବୀରମହାରାଜପୁର, ସମୟ: ରାତି ୧୦ଟା।

ନୂଆପଡ଼ା
- ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଠୁଟିବେର ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସାପ୍ତାହିକ ସୁନାଦେଇ ମନ୍ଦିର ପୂଜା, ସ୍ଥାନ: କୋମନା ବ୍ଲକ ସୁନାବେଡା ସୁନାଦେଇ ମନ୍ଦିର, ସମୟ: ସକାଳ ୭ଟା।
- ୩ୟ ଜେପି ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ବିଶୋରା ଗାଁ ଖେଳପଡିଆ, ସମୟ: ଅପରାହ୍ନ ୪ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ବଡଦୋହେଲ ଗାଁ, ସମୟ: ପ୍ରାତଃ ୪ଟା ୪୫ ଓ ସନ୍ଧ୍ୟା ୬ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ କୋଟେନପଡ଼ା, ସମୟ: ଅପରାହ୍ନ ୪ଟା ୧୫।

ଝାରସୁଗୁଡ଼ା
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ରୋଡ୍ ସେଫ୍ଟି ସମ୍ବନ୍ଧୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କନଫରେନ୍ସ ହଲ୍, ସମୟ: ଅପରାହ୍ନ ୪ଟା।

୧ମ ଓ ୩ୟ ପୃଷ୍ଠାରୁ...

ଡଲାର ହେଲା...

ପାଇଁ ଅନେକ ଆହ୍ୱାନପୂର୍ଣ୍ଣ ସ୍ଥିତି ଉପୁଜିଆସିଛି। ରପ୍ତାନିରେ ମନ୍ଥରତାଜନିତ ସଙ୍କଟରୁ ଦେଶ ସଳଖିପାରି ନ ଥିବାବେଳେ ଭୂରାଜନୈତିକ ଉତ୍ତେଜନା, ବାଣିଜ୍ୟିକ ନିଅଣ୍ଟ, ପୁଞ୍ଜି ନିର୍ଗମନ ଶିଳ୍ପ ଜଗତକୁ ଦୁର୍ବଳ କରିବା ସହ ଘରୋଇ ବଜାରରେ ଅଚଳାବସ୍ଥା ସୃଷ୍ଟି କରିଛି। କେନ୍ଦ୍ର ସରକାର ପୂର୍ବରୁ ଅଭିବୃଦ୍ଧି ହାର ୭ରୁ ୭.୪% ରହିବ ବୋଲି ଆକଳନ କରିଥିଲେ। କିନ୍ତୁ ଉପଯୁକ୍ତ ନୀତିର ଅଭାବ ଓ ବିନିର୍ମାଣରେ ମନ୍ଥରତା ଯୋଗୁ ବାସ୍ତବ କ୍ଷେତ୍ରରେ ଏହା ୬%ରୁ କମ୍ ରହିବା ନେଇ ଅର୍ଥନୀତି ବିଶ୍ଳେଷକମାନେ ଅନୁମାନ କଲେଣି। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି (ଏଫ୍‌ଡିଆଇ) ଗତ ୫ ମାସରେ ନକାରାତ୍ମକ ରହିଛି। ଏଭଳି ସମୟରେ ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ ଏବଂ ତେହେରାନ୍‌ର ପ୍ରତିଆକ୍ରମଣ ମଧ୍ୟପ୍ରାଚ୍ୟରେ ସ୍ଥିତିକୁ ଅଧିକ ସଙ୍ଗିନ କରିଦେଇଛି। ଏହି କାରଣରୁ ବିଶ୍ୱବ୍ୟାପୀ ତୈଳ ସଙ୍କଟ ଦେଖାଦେଇଛି। କିନ୍ତୁ ଭାରତ ନିଜ ଆବଶ୍ୟକତାର ପ୍ରାୟ ୯୦% ଅଶୋଧିତ ତୈଳ ବାହାରୁ ଆମଦାନୀ କରୁଥିବାରୁ ଦେଶର ତୈଳ ବଜାର ଚାପରେ ରହିଛି। ଆଗକୁ ଏହା ଭାରତରେ ମୁଦ୍ରାସ୍ଫୀତି ବୃଦ୍ଧି ଘଟାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଭୁବନେଶ୍ୱରରେ...

କରିଛି। ଏଭଳି ଘଟଣା ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ତମାଣ୍ଡୋ ଥାନା ଅଧିକାରୀ ବସନ୍ତ କୁମାର ଦଳେଇ କହିଛନ୍ତି, ରାତିରେ ପୀଡ଼ିତା ଏକାକୀ ଥିବାର ସୁଯୋଗ ନେଇ ଅଭିଯୁକ୍ତଦ୍ୱୟ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ୨୮ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ତ୍ୱରିତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ବିଧାନସଭାରେ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ, ୨୦୨୫ରେ ରାଜ୍ୟରେ ୨,୯୯୪ ମହିଳା ବଳାତ୍କାରର ଶିକାର ହୋଇଥିବାବେଳେ ୧୧୫ ବଳାତ୍କାର ଉଦ୍ୟମର ଶିକାର ହୋଇଛନ୍ତି। ଆହୁରି ମଧ୍ୟ ୭,୩୮୨ଜଣ ମହିଳା ଅସଦାଚରଣର ଶିକାର ହୋଇଥିବାବେଳେ ୧,୧୮୩ ଜଣ ମହିଳା ଯୌନ ନିର୍ଯାତନାର ଶିକାର ହୋଇଛନ୍ତି।

୧ରୁ ୧୪...

ଆୟୋଜନ ହେବ। ଏନେଇ ସୋମବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇଛନ୍ତି। ସମସ୍ତ ବେସରକାରୀ ଅନୁଷ୍ଠାନ, ସମସ୍ତ ଯୁବ ଓ ସାଂସ୍କୃତିକ ଅନୁଷ୍ଠାନ ଏବଂ ସର୍ବୋପରି ଓଡ଼ିଶାର ସମସ୍ତ ଜନସାଧାରଣ ଓଡ଼ିଆ ପକ୍ଷ-୨୦୨୬ ପାଳନରେ ସାମିଲ ହେବାକୁ ମନ୍ତ୍ରୀ ଆହ୍ୱାନ ଦେଇ କହିଲେ, ଏହା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ଆମ ନିଜ ସଂସ୍କୃତି ସହ ପୁନଃ ସଂଯୋଜିତ ହେବାର ସମୟ। ଆମ ଓଡ଼ିଶା, ଓଡ଼ିଆ ଭାଷା ଏବଂ ଓଡ଼ିଆ ସଂସ୍କୃତିକୁ ନେଇ ଉତ୍ସବ ମୁଖର ହେବାର ସମୟ ଆସିଛି। ଓଡ଼ିଆ ପକ୍ଷ ପାଳନରେ ସାମିଲ ହେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବିଶ୍ୱବିଦିତ କରିବା ନିମନ୍ତେ ଆମର ନିରନ୍ତର ପ୍ରୟାସ ଜାରି ରଖିବା ଏବଂ ଗର୍ବରେ ସହ ସମସ୍ତଙ୍କୁ କହିବା 'ଆମେ ଓଡ଼ିଆ'। ଏଥିସହ ଓଡ଼ିଆ ପକ୍ଷ ପାଳନରେ ସାମିଲ ହେବାକୁ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ୱେବ୍‌ସାଇଟ୍ Odiapakhya.com ଖୋଲାଯାଇଛି। ଏଥିସହ ଓଡ଼ିଆ ପକ୍ଷ ଆପ୍‌କୁ ମଧ୍ୟ ବ୍ୟବହାର କରିବାକୁ କୁହାଯାଇଛି। ୧୪ ଦିନ ମଧ୍ୟରେ ପାରମ୍ପରିକ ଖାଦ୍ୟ, ସଙ୍ଗୀତ ଓ ନୃତ୍ୟ, ସ୍ୱଚ୍ଛତା ଅଭିଯାନ, ଓଡ଼ିଶାର କଳା ଓ ସଂସ୍କୃତି ସମ୍ବନ୍ଧରେ ବିଭିନ୍ନ ତଥ୍ୟ ସହ ଓଡ଼ିଆ ପକ୍ଷରେ ହେବାକୁ ଯାଉଥିବା ବିଭିନ୍ନ ଉତ୍ସବ ପାଳନ ସମୟର ରିଲ୍ସ ଓ ସେଲ୍‌ଫିକୁ ଜନସାଧାରଣ ଓଡ଼ିଆ ପକ୍ଷ ୱେବ୍‌ସାଇଟରେ ଅପଲୋଡ୍ କରିପାରିବେ ବୋଲ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଏପ୍ରିଲ୍ ୧ରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜ୍ୟର ପ୍ରତିଷ୍ଠା ଉତ୍ସବ 'ଓଡ଼ିଶା ଦିବସ' ପାଳନ କରାଯିବ। ୨ରେ ବିଦ୍ୟାଳୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଯାଉଥିବା ଶିଶୁ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଖଡ଼ିଛୁଆଁ ଦିବସ' ପାଳନ ହେବା ସହ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟତମ ଅତିଥି ଭାବେ ସଂସ୍କୃତି ବିଭାଗର ଶାସନ ସଚିବ ରଶ୍ମିତା ପଣ୍ଡା, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅତିରିକ୍ତ ଶାସନ ସଚିବ ସ୍ମିତା ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ଭୂତ ପ୍ରଭାବରେ...

ପୋଲିସ ଅଦନାନଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ ସେ ପ୍ରଥମେ କହିଥିଲେ ଯେ କୌଣସି ଅଦୃଶ୍ୟ ଶକ୍ତି ବା ଭୂତର ପ୍ରଭାବରେ ଏପରି କରିଛନ୍ତି। ପରେ ଉକ୍ତ ବଟନ ଚିପିଲେ କବାଟ ଖୋଲିଯିବ ବୋଲି ଜାଣି ନ ଥିବା କହିଛନ୍ତି। ଇଣ୍ଡିଗୋ ସୁରକ୍ଷା ଅଧିକାରୀଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୨୫ (ଅନ୍ୟର ଜୀବନ ବା ବ୍ୟକ୍ତିଗତ ସୁରକ୍ଷାକୁ ବିପଦରେ ପକାଇବା) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପଚରାଉଚରା ପରେ ଅଭିଯୁକ୍ତଙ୍କୁ ନୋଟିସ ଜାରି କରାଯାଇ ତାଙ୍କ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଛି।

ଦୁବେଙ୍କ...

କରିଛନ୍ତି। ବିବାଦ ବଢ଼ିବା ପରେ ଦୁବେ ସୋମବାର ତାଙ୍କ ବିବାଦୀୟ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ୧୯୬୨ ଭାରତ-ଚାଇନା ଯୁଦ୍ଧ ସମୟରେ ସିଆଇଏ ଏବଂ ନେହେରୁଙ୍କ ସହ ବିଜୁ ପଟ୍ଟନାୟକଙ୍କୁ ଲିଙ୍କ୍ କରି ସେ ଦେଇଥିବା ବୟାନ ନେହେରୁ-ଗାନ୍ଧୀ ପରିବାର ଏବଂ କଂଗ୍ରେସ ପାଇଁ ଉଦ୍ଦିଷ୍ଟ ଥିଲା, ବିଜୁବାବୁଙ୍କ ପାଇଁ ନୁହେଁ ବୋଲି ଭାଜପା ନେତା କହିଛନ୍ତି। ଖବରଦାତାମାନଙ୍କୁ ଦୁବେ କହିଛନ୍ତି, ସେ ନେହେରୁଙ୍କ କେତେକ ଚିଠି ଜାରି କରିଛନ୍ତି, ଯେଉଁଥିରେ ଆମେରିକା ଅଫିସରମାନଙ୍କ ସହ ଆଲୋଚନାରେ ପଟ୍ଟନାୟକଙ୍କ ଭୂମିକା ଥିବା ଉଲ୍ଲେଖ ରହିଛି। ଆମେରିକା ସହାୟତାରେ ନେହେରୁ ଏହି ଯୁଦ୍ଧ ଲଢ଼ିଥିଲେ ଏବଂ ପଟ୍ଟନାୟକ ଏଥିରେ ନେହେରୁ, ଆମେରିକା ସରକାର ଏବଂ ସିଆଇଏ ମଧ୍ୟରେ ଏକ ଯୋଗାଯୋଗ ମାଧ୍ୟମ ଭାବେ କାର୍ଯ୍ୟ କରିଥିଲେ। ଦୁବେ ଆହୁରି କହିଛନ୍ତି, ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ବିଜୁ ପଟ୍ଟନାୟକଙ୍କୁ ସେ ସମ୍ମାନ କରନ୍ତି। ତାଙ୍କ ବିରୋଧରେ କୌଣସି ମନ୍ତବ୍ୟ ଦେଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେ କେବଳ ନେହେରୁ-ଗାନ୍ଧୀ ପରିବାରକୁ ଟାର୍ଗେଟ କରି ମନ୍ତବ୍ୟ ଦେଇଥିଲେ। ଯଦି ଏହା କାହାକୁ ଆଘାତ ଦେଇଥାଏ, ଏହା ଉପରେ ସ୍ପଷ୍ଟୀକରଣ ଦେବାକୁ ସେ ପ୍ରସ୍ତୁତ। ବିଜୁବାବୁ ଓଡ଼ିଶା ଓ ବିହାରର ଗର୍ବ ହୋଇ ରହିଛନ୍ତି ବୋଲି ୧୯୩୬ରେ ବିହାରରୁ ଓଡ଼ିଶା ଅଲଗା ହେବା କଥାକୁ ମନେ ପକାଇ ଦୁବେ କହିଛନ୍ତି।

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ସୋମବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଏମ୍‌ପି ନିଶିକାନ୍ତ ଦୁବେ ଦେଇଥିବା ଅପମାନଜନକ ମନ୍ତବ୍ୟକୁ ନେଇ ବିକ୍ଷୋଭ ପ୍ରଦର୍ଶନ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଘର ଆଗରେ ନ ରୋପିବ
ବେତ, ତେନ୍ତୁଳି, ତାଳ
ଦକ୍ଷିଣେ ରୋପିବ ନିମ
ଉତ୍ତରେ ରୋପିଲେ କଦଳୀ ସଜନା
ସମୟକୁ ଦେବ କାମ।

ସାଧାରଣତଃ ଘର ଆଗରେ ବେତ, ତେନ୍ତୁଳି ଓ ତାଳ ଗଛ ଲଗାଇବା ନେଇ ବାରଣ କରାଯାଇଥିବାବେଳେ ଦକ୍ଷିଣ ଦିଗରେ ନିମ ଏବଂ ଉତ୍ତର ଦିଗରେ କଦଳୀ ଓ ସଜନା ଗଛ ଲଗାଇବା ଉଚିତ ହୋଇଥାଏ। ଏହା ବାସ୍ତୁଶାସ୍ତ୍ର ଅନୁସାରେ ଠିକ୍ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଘର ପୋଡ଼ିଠାରୁ ବିପତ୍ତି ନାହିଁ
ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ।

ଘର ପୋଡ଼ିଯିବା ବିପର୍ଯ୍ୟୟର ଲକ୍ଷଣ ହୋଇଥାଏ। ସେହିପରି ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ଅଟେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଆଜିର ଗ୍ରହ ସ୍ଥିତି ସାମଗ୍ରିକ ଦିଗରୁ ସୁଖ, ସୌଭାଗ୍ୟ ପ୍ରଦାନ କରିବାରେ ପଶ୍ଚାତ୍‌ପଦ ହେବେ ନାହିଁ। ଖର୍ଚ୍ଚଭାର, ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। ପଡ଼ୋଶୀ କିମ୍ବା ସମ୍ପର୍କୀୟ ମାନସିକ ଆଘାତ ଦେଇପାରନ୍ତି। ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇ ପ୍ରତିଟି ସମସ୍ୟାକୁ ସୁଧାରିନେବାରେ ପ୍ରଯତ୍ନ କରିବେ।

ବୃଷ
ଯେଉଁ କାମରେ ମୁଣ୍ଡ ପୂରାଇଛନ୍ତି, ଆପଣଙ୍କ ବୁଦ୍ଧିମତ୍ତା ହିଁ ସେହି କ୍ଷେତ୍ର ସକାଶେ ଅନୁକୂଳ ପରିବେଶ ସୃଷ୍ଟିକରିବ। ଆଜି ଯାହା ଚାହୁଁଛନ୍ତି ତାହା ପାଇଲେ ମଧ୍ୟ କୌଣସି ସମସ୍ୟାରେ ଜଡ଼ିତ ହୋଇପାରନ୍ତି। ଆଲୋଚନାରେ ତର୍କ, ବିବାଦୀୟ କଥା ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ।

ମିଥୁନ
ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଗୋଷ୍ଠୀ ନିନ୍ଦା ଗାଇ ବୁଲିବେ। ବନ୍ଧୁଙ୍କୁ ଦୀର୍ଘଦିନ ପରେ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବାଣିଜ୍ୟ ଓ ପରିବହନରେ କିଛିଟା ସମସ୍ୟା ଦେଖାଦେବା ଆଶଙ୍କା ଉପୁଜିପାରେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ଯୋଗୁ ଖୁସି ଅନୁଭବ କରିପାରନ୍ତି।

କର୍କଟ
ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ରଙ୍କ ପ୍ରଭାବରେ ମନର ପ୍ରଫୁଲ୍ଲତା କମିବ ନାହିଁ। ଆପଣ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିପାରିବେ। ଜମା ପଟୁ ନ ଥିବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପକରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ପରିବାରରେ ପୁରୁଣା ସମସ୍ୟା ତୁଟିଯାଇଥଲେ ମଧ୍ୟ ନୂତନ ସମସ୍ୟା ଦେଖାଦେଇପାରେ।

ସିଂହ
ରବିଙ୍କ ସ୍ଥାନ ସ୍ଥିତିରୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଗତି କରିବେ। କୌଶଳରେ କାମ ହାସଲ ବ୍ୟତୀତ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ହଜିଯାଇଥିବା ଟଙ୍କା କିମ୍ବା ଦରକାରୀ କାଗଜପତ୍ର ଅଲଗା ସ୍ଥାନରେ ରଖିଥାଇପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ବିଦେଶ ଯାତ୍ରାକୁ ମନବଳାଇବାର ସୂଚନା ରହିଛି।

କନ୍ୟା
ପରିବାରରେ ଭୁଲ୍ ବୁଝାମଣାଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟିର କାରଣ ହେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକ ଶତ୍ରୁତାକରି ପାରନ୍ତି। ନିଜ ପରିସରରେ କୌଣସି ସ୍ପର୍ଶକାତର କଥାରେ ଚିହ୍ନା ପଡ଼ିବା ଠିକ୍ ହେବନାହିଁ। ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଚେରି ମାମଲା ପର୍ଯ୍ୟନ୍ତ କଥା ଯାଇପାରେ।

ତୁଳା
ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ନିଜ ପାଖରେ ରହୁଥିବା ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅସୁବିଧାରେ ପଡ଼ିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବନ୍ଧୁ କ୍ରମଶଃ ଦୂରେଇଯିବେ। ଯାତ୍ରା ସମୟରେ ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇଯାଇପାରେ।

ବିଛା
ପ୍ରତ୍ୟେକ କ୍ଷେତ୍ରରେ କିଛି କହିବା ଓ କରିବା ପୂର୍ବରୁ ଭାବିଚିନ୍ତି କରିବା ଭଲ ହେବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ିପାରନ୍ତି। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ମାନସିକ ଅସ୍ଥିରତା ସହ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ ହୋଇପାରେ।

ଧନୁ
ନିଜକୁ ସମ୍ଭାଳି ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାନ୍ତୁ, ନଚେତ୍ ଅପମାନିତ ହୋଇପାରନ୍ତି। ବିଭିନ୍ନ ସମସ୍ୟା ଭିତରେ ସାହାଯ୍ୟ ସହଯୋଗ ପାଇଁ ବନ୍ଧୁ ଦ୍ୱାରସ୍ଥ ହେବାର ସୂଚନା ରହିଛି। ତେଣେ ସହକର୍ମୀଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

ମକର
ଶୁଭ ଚନ୍ଦ୍ର ହେତୁ ମାନସିକ ପ୍ରସନ୍ନତା ସହ ଦିନଟିରେ ଅର୍ଥ ଲାଭ ଓ ବନ୍ଧୁମିଳନରୁ ଖୁସି ରହିବେ। ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ କଟାଇପାରନ୍ତି। କର୍ମକ୍ଷେତ୍ରରେ ଖଳଲୋକଙ୍କ କୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ଅନୁତପ୍ତ ହେବେ।

କୁମ୍ଭ
ଆଳସ୍ୟ ଓ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ ପରିସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ , ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ, କିନ୍ତୁ ପ୍ରତିବନ୍ଧକରୁ ମୁକ୍ତ ହୋଇପାରିବେ ନାହିଁ।

ମୀନ
ବୃହସ୍ପତିଙ୍କ ଶୁଭଦୃଷ୍ଟି ସକଳ ସମସ୍ୟାରୁ ମୁକ୍ତକରିବା ସମୟରେ ରାହୁ ଓ କେତୁ ହଇରାଣର ମସୁଧା କରିପାରନ୍ତି। ଅତୀତର ଘଟଣାକୁ ଯେତେ ଭାବିବେ ମନ ସେତେ ଅଧିକ ଖରାପ ଲାଗିବ। ଫାଇଲ୍ କାମ ବୃଦ୍ଧିପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପରିବାରର ଖର୍ଚ୍ଚ ବୃଦ୍ଧି ଚିନ୍ତାଜନକ ହୋଇପାରେ।

ଆଜି ମାର୍ଚ୍ଚ ୩୧ ତାରିଖ, ଆର୍ଥିକବର୍ଷ ଶେଷ, ଚୈତ୍ର ଶୁକ୍ଳପକ୍ଷର ଶିବ ଦମନକ ଚତୁର୍ଦ୍ଦଶୀ ମଙ୍ଗଳବାର। ଶ୍ରୀମନ୍ଦିରରେ ଦମନକ ଯାତ୍ରା, ଦୟଣାଚୋରି ନୀତି, ରାମଲୀଳା, ମାୟାମୃଗ ପ୍ରସ୍ତାବ, ଶ୍ରୀଲିଙ୍ଗରାଜଦେବଙ୍କ ଦମନକ ଯାତ୍ରା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଚୈତ୍ର ମଙ୍ଗଳବାର ଓଷା ଶେଷ, ତାରାତାରିଣୀ ଯାତ୍ରା ଶେଷ। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୮ ଗତେ, ଘ.୧୦।୩୭ ମଧ୍ୟେ, ଘ.୦୧।୦୪ ଗତେ, ଘ.୦୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ. ୦୪।୨୫ ମଧ୍ୟେ ରାହୁକାଳ।

ବିରୋଧୀଙ୍କ ବିରୋଧ କମୁନି

ଭୁବନେଶ୍ୱର, ୩୦।୩(ସୁନିତ୍ ମିଶ୍ର)

- ହୋହଲ୍ଲାରେ ଧୋଇଗଲା ପ୍ରଶ୍ନକାଳ, ଶୂନ୍ୟକାଳ
- ନାରାୟଣ ସାହୁଙ୍କ ଉଦ୍ଦେଶ୍ୟରେ ଆସିଲା ଶୋକପ୍ରସ୍ତାବ

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍କ ଇସ୍ତଫା ନେଇ ସୋମବାର ବିଧାନସଭା ଠିକ୍ ଭାବେ ଚାଲିପାରି ନାହିଁ। ବାରମ୍ବାର ମୁଲତବୀ ହେବା ପରେ ବାତ୍ୟାହତ ୧୨ଟା ୧୫ ମିନିଟ୍‌ସମୟରେ ସର୍ବଦଳୀୟ ବୈଠକ ଡକାଇଥିଲେ। ତଥାପି ମଧ୍ୟ ବିରୋଧୀଙ୍କ ବିରୋଧ କମି ନ ଥିଲା। ସର୍ବଦଳୀୟ ବୈଠକରୁ କୌଣସି ସୁଫଳ ମିଳି ନ ପାରିବାରୁ ଶେଷରେ ବିଧାନସଭାର ପ୍ରଥମାର୍ଦ୍ଧରେ ହେବାକୁ ଥିବା ପ୍ରଶ୍ନକାଳ, ଶୂନ୍ୟକାଳ ସବୁକିଛି ବିରୋଧୀଙ୍କ ହୋହଲ୍ଲାରେ ଧୋଇଯାଇଥିଲା।

ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆରମ୍ଭରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ବତନ ବିଧାୟକ ତଥା ଏମ୍‌ପି ନାରାୟଣ ସାହୁଙ୍କ ବିୟୋଗ ପାଇଁ ଗୃହରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ଶୋକ ପ୍ରସ୍ତାବ ଉପରେ ନିଜର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଗୃହରେ ୧ ମିନିଟ୍ ଲାଗି ସ୍ୱର୍ଗତ ନାରାୟଣ ସାହୁଙ୍କ ଲାଗି ନୀରବ ପ୍ରାର୍ଥନା କରାଯାଇଥିଲା। ୧୦ଟା ୪୦ ମିନିଟ୍ ସମୟରେ ଯେତେବେଳେ ପ୍ରଶ୍ନକାଳ ଆରମ୍ଭ ହେଲା, ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହର ମଧ୍ୟଭାଗକୁ ଚାଲି ଆସିଥିଲେ। ଏହାରି ଭିତରେ ୬୧୭ ନମ୍ବର ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତରଫରୁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ମାତ୍ର ଗୃହରେ ବିରୋଧୀ ପ୍ରବଳ ହୋହଲ୍ଲା ଜାରି ରଖିଥିବାରୁ ହୋହଲ୍ଲାରେ ଧୋଇଯାଇଥିଲା।

ଏହାପରେ ୧୨ଟା ୧୫ ମିନିଟ୍ ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମଧ୍ୟ ବିରୋଧୀଙ୍କ ବିରୋଧ କମି ନ ଥିଲା। ଏହାପରେ ୧୨ଟା ୩୦ ପର୍ଯ୍ୟନ୍ତ ବାତ୍ୟାହତ ଗୃହକୁ ମୁଲତବୀ ରଖିଥିଲେ। ୧୨ଟା ୩୦ ପରେ ଆଉଥରେ ଗୃହ କାର୍ଯ୍ୟ ୧୦ ମିନିଟ୍ ଲାଗି ମୁଲତବୀ ରଖାଯାଇଥିଲା।

୧୨ଟା ୪୦ ମିନିଟ୍ ସମୟରେ ଶୂନ୍ୟକାଳ ଆରମ୍ଭ ହୋଇଥିଲା। ପୂର୍ବଭଳି ଗୃହରେ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହ ମଧ୍ୟଭାଗରେ ବିରୋଧୀ ସଦସ୍ୟମାନେ ପ୍ରତିବାଦ ଜାରି ରଖିଥିଲେ। ଏହାରି ଭିତରେ ଭାଜପା ସଦସ୍ୟ ପ୍ରତାପ ଚନ୍ଦ୍ର ନାଏକ କହିଥିଲେ ଦୀର୍ଘ ୮ ଦିନ ହେଲା ବିରୋଧୀ ଦଳ ନେତାମାନେ ଯେଉଁଭଳି ଆଚରଣ ଗୃହରେ ଦେଖାଉଛନ୍ତି ତାହା ରାଜ୍ୟବାସୀ ଜାଣୁଛନ୍ତି। ୨୪ ବର୍ଷ ଏମାନେ ଶାସନରେ ରହିଲେ ଏବେ ସାଧାରଣ ଲୋକଙ୍କ ଟିକସ ଅର୍ଥ ନଷ୍ଟ କରୁଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, କଟକରୁ ଏସ୍‌ଟିଏ କାର୍ଯ୍ୟାଳୟ ଭୁବନେଶ୍ୱରକୁ ସ୍ଥାନାନ୍ତର ଲାଗି ଭିତିରି ଉଦ୍ୟମ ଆରମ୍ଭ ହୋଇଛି। କେତେଜଣ ଅଫିସର ସେମାନଙ୍କ ସ୍ୱାର୍ଥ ପାଇଁ ଏଭଳି କରୁଥିବା ସେ ଅଭିଯୋଗ କରିଥିଲେ। ଭାଜପା ସଦସ୍ୟ ସନାତନ ବିଭୁଳି ନର୍ଲା ବିଧାୟିକାଙ୍କ ଏକ ଖବରଦାତା ସମ୍ମିଳନୀ ମନ୍ତବ୍ୟକୁ ନେଇ ଟାର୍ଗେଟ କରିଥିଲେ। ବିଧାୟିକାଙ୍କ ଏଭଳି ମନ୍ତବ୍ୟ ତାଙ୍କ ସ୍ୱାମୀଙ୍କ ବିରୋଧରେ ଆସିଥିବା ତଦନ୍ତ ନିର୍ଦ୍ଦେଶକୁ ପ୍ରଭାବିତ କରିବ ବୋଲି ସନାତନ କହିଛନ୍ତି। ଭାଜପା ବିଧାୟକ ବିଭୂତି ଭୂଷଣ ପ୍ରଧାନ କହିଛନ୍ତି, ବିରୋଧୀଙ୍କ ଆଚରଣ ଅସ୍ୱାଭାବିକ ମନେ ହେଉଛି। ବିରୋଧୀଙ୍କ ଏଭଳି ଆଚରଣ ଲାଗି ନିଜ ଅଞ୍ଚଳର ସମସ୍ୟା ଏଠାରେ କହିପାରୁ ନ ଥିବା ବିଭୂତି କହିଛନ୍ତି। ଭାଜପା ବିଧାୟକ ଅଶୋକ କୁମାର ମହାନ୍ତି କହିଛନ୍ତି, ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ବିରୋଧୀ ଦଳ ବିଧାୟିକାଙ୍କ ସ୍ୱାମୀ ଜଣେ ତହସିଲଦାରଙ୍କୁ ହତ୍ୟା କରିବାକୁ ଧମକ ଦେଉଛନ୍ତି। ବିଧାୟିକାଙ୍କ ସ୍ୱାମୀ ଏତେ ସାହସ କେଉଁଠାରୁ ପାଇଲେ ବୋଲି ଅଶୋକ କହିଛନ୍ତି। ବିଧାୟକ ସରୋଜ ପାଢ଼ୀ କହିଛନ୍ତି, ବିରୋଧୀ ଦଳ ପକ୍ଷରୁ ଗୃହରେ ଯେଉଁ ସମସ୍ୟା ସୃଷ୍ଟି କରାଯାଇଛି ତାକୁ ନେଇ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଏବଂ ପ୍ରମିଳା ମଲିକଙ୍କ ସହିତ ଗତକାଲି ଦେଖା ହୋଇ ଆଲୋଚନା କରିଥିଲେ। ଗୃହ ଅସ୍ୱାଭାବିକ ରହିବା ନେଇ ବହୁଜଣ ବିଜେଡିରେ ଖୁସି ନ ଥିବା କହିଥିଲେ। ପ୍ରମିଳା ମଲିକ ମଧ୍ୟ ଏହା କହିଥିଲେ। ଏକଥା ଶୁଣି ପ୍ରମିଳା ପାଲଟା ସରୋଜଙ୍କୁ ଟାର୍ଗେଟ କରିଥିଲେ। ପ୍ରସନ୍ନଙ୍କ ରାଜନୈତିକ ଜୀବନ ଏବିଭିପିରୁ ଆରମ୍ଭ ହୋଇଥିଲା। ସେ ଏବେ ନିଜ ନିଷ୍ପତ୍ତି ନିଅନ୍ତୁ ବୋଲି ଦେଖା ହେବା ସମୟରେ କହିଥିଲି ବୋଲି ସରୋଜ କହିଛନ୍ତି।

ମାତ୍ର ଗୃହ ସ୍ୱାଭାବିକ ଅବସ୍ଥାକୁ ନ ଆସିବାରୁ ବାଚସ୍ପତି ଗୃହକୁ ଦିନ ୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାସହ ୧୨ଟା ୧୫ ମିନିଟ୍ ସମୟରେ ତାଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକ ହେବ ବୋଲି ସୂଚନା ଦେଇଥିଲେ। ସର୍ବଦଳୀୟ ବୈଠକରେ ଯୋଗଦେବାକୁ ଶାସକ ଭାଜପା, ବିଜେଡି ଏବଂ କଂଗ୍ରେସର କେତେଜଣଙ୍କୁ ଡାକିଥିଲେ। ଅପରାହ୍ନ ୧ଟା ପରେ ପ୍ରଥମେ ଗୃହ କାର୍ଯ୍ୟ ଆରମ୍ଭ ହୋଇ ୧୦ ମିନିଟ୍ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ବାରମ୍ବାର ମୁଲତବୀ ହେବା ସହିତ ସର୍ବଦଳୀୟ ବୈଠକ ବିଫଳ ହୋଇଥିଲା ଏବଂ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସମାନ ଢଙ୍ଗରେ ମଧ୍ୟଭାଗକୁ ଆସି ହୋହଲ୍ଲା ଆରମ୍ଭ କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହାପରେ କକ୍ଷତ୍ୟାଗ କରି ପ୍ରତିବାଦ ଜଣାଇବା ସହିତ ରାଜ୍ୟପାଳଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

ଐତିହ୍ୟର ପୁନର୍ବିନ୍ୟାସ ଓ ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ

ସୂର୍ଯ୍ୟବଂଶୀ ସୂରଜ

ନିକଟରେ ଓଡ଼ିଶା ସରକାର ଅନେକ ଜିଲାର ସଦରମହକୁମା, ଅପଭ୍ରଂଶ ଭାବରେ ଲିଖିତ/ଉଚ୍ଚାରିତ ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରିବାକୁ ଜନସାଧାରଣଙ୍କ ମତ ଲୋଡ଼ିଛନ୍ତି। ଏହି ସକ୍ଷମ, ବଳିଷ୍ଠ ଓ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ଗ୍ରହଣର ପୃଷ୍ଠଭୂମି ମାର୍ମିକ ଓ ମହତ୍ ଚିନ୍ତନର ପ୍ରତିଫଳନ। ଅତୀତରେ ଆମେ ଆଲ୍ଲାହାବାଦ ପ୍ରୟାଗରାଜ ନାମରେ ନାମିତ ହେବା, ଔରଙ୍ଗାବାଦ ଛତ୍ରପତି ସମ୍ଭାଜୀ ନଗର କିମ୍ବା ପୋର୍ଟବ୍ଲେୟାର ଶ୍ରୀବିଜୟପୁରମ୍ ନାମରେ ଖ୍ୟାତ ହେବା ବିଷୟରେ ଅବଗତ ଅଛୁ। ଏହି ପରିବର୍ତ୍ତନ କେବଳ ବାହ୍ୟିକ ନୁହେଁ, ଆତ୍ମିକ। ସଂସ୍କୃତିର ନାଭିକେନ୍ଦ୍ରକୁ ପ୍ରମୂର୍ତ୍ତ କରିବାର ଏ ଉପୋଦ୍‌ଘାତ। ଅମୃତ ଉତ୍ତରପିଢ଼ି ଯେତେବେଳେ ଆମକୁ ପ୍ରଶ୍ନ କରିବ ଏ ପୋର୍ଟବ୍ଲେୟାରର ବ୍ଲେୟାର ବ୍ୟକ୍ତି ଜଣକ କିଏ ? ତାଙ୍କର ଭାରତୀୟ ସଂସ୍କୃତିର କ'ଣ ଅବଦାନ ରହିଛି ? ତେବେ ଆମ ପାଖରେ କୌଣସି ସନ୍ତୋଷଜନକ ଉତ୍ତର ନ ଥିବ। ଭାରତୀୟ ସଂସ୍କୃତିରେ ନାମର ମହାତ୍ମ୍ୟ ରହିଛି।

ଆସାମର ନାମଘର ହେଉ ଅଥବା ଆମ ଓଡ଼ିଶାର ନାମ ସଂକୀର୍ତ୍ତନ: ନାମ ଆଧ୍ୟାତ୍ମିକ ପିପାସାର ପରିବ୍ୟାପ୍ତ ବିଶେଷଣ। ନାମ ବିଚାର, ବିବେକ ଓ ବ୍ୟକ୍ତିତ୍ୱର ଅଲଂଘ୍ୟ ଉଚ୍ଚାରଣ। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ କିମ୍ବା ଲୀଳାମୟ ନଟନାଗର ଶ୍ରୀକୃଷ୍ଣ କେବଳ ନାମ ନୁହନ୍ତି: ଅସରନ୍ତି ଆସ୍ଥା ଓ ଆବେଗର ପ୍ରତୀକ। ଯଶୋଦାଙ୍କ କାହ୍ନା ଡାକ କେବଳ ନାମ ନୁହେଁ, ବାତ୍ସଲ୍ୟର ବଡ଼ଦାଣ୍ଡ। ଆମ କାଳିଆ ଠାକୁରଙ୍କ କେତେ ନାଁ! ସେ କେବେ ଅନାମ ପୁଣି କେବେ ସର୍ବନାମ। ନାମ ଅନ୍ତରଙ୍ଗତାର, ଆତ୍ମୀୟତାର ପରିଚାୟକ। ଏହା ପରିଚୟ, ପରିଚିତ ଓ ସ୍ୱାଭିମାନର ଜ୍ୟୋତକ। ଭାରତରେ ନାମ ମୁକ୍ତିର, ଶକ୍ତିର, ପ୍ରତିଷ୍ଠାର ଓ ହୃଦୟର ଉଦ୍‌ଘୋଷ। ନାମର ଗୁରୁତ୍ୱ ଓ ମହତ୍ତ୍ୱ ଅବସନ୍ନାବିତ। ଏହିପରିପ୍ରେକ୍ଷୀରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ ଓଡ଼ିଶାର ଅନେକ ସ୍ଥାନ ସେହି ଅପଭ୍ରଂଶ ଲେଖନ ଓ ଉଚ୍ଚାରଣରୁ ମୁକ୍ତ ହେବାର ପର୍ଯ୍ୟାୟରେ। ନଥିପତ୍ର, ମାନଚିତ୍ର, ନାମଫଳକ ଆଦିରେ ଏ ସଂଶୋଧନ ଓଡ଼ିଆତ୍ୱର ଭାବନା ଓ ଭାଷାଗତ ଉଚ୍ଚାରଣ ବହନ କରିବାରେ ସକ୍ଷମ। ସରକାରୀ ଦୃଷ୍ଟିରୁ ବିଚାର କଲେ ଏ ସ୍ଥାନର ନାମଗୁଡ଼ିକ ବହୁପୂର୍ବରୁ ପରିବର୍ତ୍ତନ ହେବାର ଆବଶ୍ୟକତା ଥିଲା। ଏହାର କାରଣ ଭାଷା ଓ ଉଚ୍ଚାରଣର ପ୍ରୟୋଗକୁ ଅଗ୍ରାଧିକାର ଦେବା। ଉଦାହରଣ ସ୍ୱରୂପ ଆମେ ଆଳି କହୁଛୁ, କିନ୍ତୁ ଇଂରାଜୀରେ 'AUL' ଲେଖୁଛୁ। କଟକ କହୁଛୁ କିନ୍ତୁ କୁଟାକ ଲେଖୁଛୁ। ଏହି ତାରତମ୍ୟକୁ ଲୋପକରି ଐକିକ କରିବାର ସରକାରୀ ଉପକ୍ରମ ନିଶ୍ଚୟ ଅଭିନନ୍ଦନୀୟ। କିନ୍ତୁ ବେସରକାରୀ ଭାବରେ ସାହିତ୍ୟ, ସଂସ୍କୃତି, ଭାଷା ଓ ଇତିହାସ ଦୃଷ୍ଟିରୁ ଏ ନିଷ୍ପତ୍ତି ଉଚ୍ଚାଙ୍ଗ। ପ୍ରଥମତଃ ଏହି ଇଂରାଜୀ ନାମ କୌଣସି ଓଡ଼ିଆଙ୍କ ପ୍ରଦତ୍ତ ନୁହେଁ। ଇଂରେଜ ତଥା ବୈଦେଶିକ ଶାସକଙ୍କ ଉଚ୍ଚାରଣଗତ ଅକ୍ଷମତାର ଏହା ପରିପ୍ରକାଶ। ସେମାନେ 'ଡ଼' 'ଲ' 'ହ' ଆଦିକୁ ଠିକ୍ ନ କହିବା ଯୋଗୁ ଶାସନର ଭାଷା ଭାବରେ ଅନେକ ଅପଭ୍ରଂଶ ପ୍ରଚଳିତ ହୋଇଆସୁଛି। ଆଜି ଏକବିଂଶ ଶତାବ୍ଦୀରେ ଯେତେବେଳେ ସ୍ଥାନୀୟ ଗୌରବ, ଐତିହ୍ୟ, ଇତିହାସର କଥା ଉଠୁଛି, ସେହି ସ୍ଥାନରେ ନାମଗୁଡ଼ିକର ଠିକ୍ ଲିଖନ ଓ ଉଚ୍ଚାରଣର ଦାବି ଉଠୁଛି । ଏହି ଦାବି ବାସ୍ତବିକ ଭାବରେ ଉଚ୍ଚାରଣ ଓ ଲେଖନୀର ସମାନତା, ଆଞ୍ଚଳିକ ଭାଷା ଓ କଦର୍ଥ ଲିଖନୀ ଉଚ୍ଚାରଣରୁ ଉତ୍ତରଣର ମାର୍ଗ ସୁଗମ କରିବାର ପ୍ରୟାସ କରୁଛି।

ଅନ୍ୟଦୃଷ୍ଟିରୁ ଦେଖିଲେ ଏହି ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ ଐତିହାସିକ ବାଙ୍ମୟ ପୁନର୍ବିନ୍ୟାସ ଓ ଐତିହ୍ୟର ପୁନଃସ୍ଥାପନ କହିଲେ ଭୁଲ୍ ହେବ ନାହିଁ। ଆଞ୍ଚଳିକ ଇତିହାସର ମହତ୍ତ୍ୱକୁ ପ୍ରତିପାଦିତ କର ସ୍ୱାଭିମାନ ସହ ସ୍ଥାନୀୟତାକୁ ଯୋଡ଼ିବା ଏହି ନାମ ପରିବର୍ତ୍ତନର ପରମ ତାତ୍ପର୍ଯ୍ୟ। ସାଧାରଣ ଜନତାଙ୍କୁ ତାଙ୍କ ଭାଷାରେ ତାଙ୍କ ଅଞ୍ଚଳକୁ ଆପଣାଇବାରେ ଏ କାର୍ଯ୍ୟକ୍ରମ ପ୍ରେରଣା ଓ ଗୌରବ ରୂପେ କାର୍ଯ୍ୟ କରିବ। ପ୍ରକାଶଯୋଗ୍ୟ କି, ଏହି ନାମସମୂହ ଉପନିବେଶୀୟ ଛାପର ସ୍ୱାକ୍ଷର। ଉତ୍ତର ଉପନିବେଶୀୟ ଚିନ୍ତନରେ ମୂଳକୁ ଫେରିବାର ଉପକ୍ରମ ଏହି ନାମ ପରିବର୍ତ୍ତନର ଅଲଂଘ୍ୟ ଆବେଦନର ଭିତ୍ତିଭୂମି। ଅନ୍ୟତ୍ର ଭାଷା ଭାବନା ଓ ଭାଷାପ୍ରେମୀମାନଙ୍କୁ ସମ୍ମାନ ଦେବାପାଇଁ ଏହା ପ୍ରଯୁଜ୍ୟ। କଦର୍ଥ ଉଚ୍ଚାରଣ, ବୈଷମ୍ୟ ତଥା ଭୁଲ୍ ଲିଖନରୁ ମୁକ୍ତିପାଇଁ ଏହା ଉଦ୍ଦିଷ୍ଟ। ଆମ ସ୍ଥାନର ନାମ ଆମ ଭାଷାରେ, ଆମ ସ୍ୱରରେ ସାମ୍ୟତା ଦେଇ ହେବା ଆବଶ୍ୟକ ବୋଲି ଅନୁଭବରୁ ଏ ଉପକ୍ରମ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଦେଶୀ ସଂକଳ୍ପ, ଭୋକାଲ ଫର୍ ଲୋକାଲ ଆଦି ପ୍ରତିବଦ୍ଧତାକୁ ରୂପାୟନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ ଏହି ମହତ୍ ବିଚାର ଯଥା ଲୋକାଲ ବା ସ୍ଥାନୀୟ ଓ ସ୍ୱଦେଶୀ ଚିନ୍ତନର ପରିଚାୟକ। ସ୍ଥାନୀୟ ଇତିହାସର ସ୍ୱରକୁ ଶାଣିତ କରି ତାକୁ ଶକ୍ତିଦେବାର ଏ ପ୍ରୟାସ ଚିନ୍ତାଶୀଳ ଯୋଜନାର ଉଦାହରଣ। ଅମୃତ ଓ ଲୌକିକ ଓଡ଼ିଆ ଭାଷା ପ୍ରାମାଣିକ ଓ ପ୍ରାୟୋଗିକ। ଏହି ବୈଜ୍ଞାନିକ ଭାଷାର ଜୈତ୍ର ଗିରିଯାତ୍ରାର ନାମ ପରିବର୍ତ୍ତନ ଏକ ସାଧୁ ସଂଯୋଗ। ଅପଭ୍ରଂଶ ଭାବେ ଲିଖିତ ନାମଗୁଡ଼ିକ ପରିବର୍ତ୍ତନ ସତ୍ୟ ସହ ଏକାକାର ହେବାର ଅଭିଯୋଜନା। ଏହା ଅଞ୍ଚଳର ଭୂମି, ଜନ ତଥା ସଂସ୍କୃତିର ସଂରକ୍ଷଣ ଓ ପ୍ରସାରଣ। ଶାସିତର ଭାଷା ଓ ଶାସନର ଭାଷା ଏକ ହେବାକୁ ଏଠି ବାଧ। ସବୁ ସ୍ଥାନର ନିଜସ୍ୱ ଇତିହାସ ଓ ଗୌରବବୋଧ ରହିଛି: ସେହି ବାର୍ତ୍ତାର ଦୃଢ଼ୀକରଣ ନାମ ପରିବର୍ତ୍ତନର ଅନ୍ତରୀଣ ଆବେଗ। ସ୍ଥାନୀୟତାର ପ୍ରାଧାନ୍ୟ ସହ ବିଦେଶୀ ମାନସିକତାର ପରିହାର କରିବାର ସମୟ ଆସିଛି। ନିଜ ସ୍ୱରକୁ ବିଶ୍ୱାୟିତ କରିବାର ରୂପରେଖ ପ୍ରସ୍ତୁତ। ଆଞ୍ଚଳିକ ଆକାଂକ୍ଷାକୁ ପୂର୍ଣ୍ଣ କରି ଲୋକମୁଖର ଜନାଦୃତ ଭାଷାର ସଂସ୍ଥାପନ ଏହାର ମୂଳାଧାର। ସ୍ଥାନର ନାମ ପରିବର୍ତ୍ତନ ସେହି ଗୌରବୁଜ୍ଜାର ବାହକ ସାଜି ଇତିହାସର ଅଳନ୍ଧୁକୁ ସ୍ୱଚ୍ଛ କରିବାର କାର୍ଯ୍ୟକ୍ରମ। ଅମୃତପିଢ଼ି ନିଜ ଇତିହାସକୁ ନିଜେ ଲେଖୁ, ପଢୁ, ବଖାଣୁ ଓ ଐତିହ୍ୟକୁ ନେଇ ଗର୍ବ କରୁ। ଅନାଦୃତ, ଅପଭ୍ରଂଶ ନାମର ପରିବର୍ତ୍ତନ କରି ସେ ଏକ ନବ୍ୟ–ଇତିହାସର କଥା କହୁ। ଆମ ସଂସ୍କୃତିରେ ନାମ କେବଳ ନାମ ହୋଇ ନ ରହୁ। ଏହା ଗଭୀର ଅନୁଭବ, ଗହନ ସ୍ମୃତି, ଗହୀର ପରମ୍ପରା, ଗର୍ବିତ ସଂସ୍କୃତି ଓ ଗୌରବମୟ ଇତିହାସର ପୁନର୍ବିନ୍ୟାସ କରୁ। ସରକାରଙ୍କ ନାମ ପରିବର୍ତ୍ତନ ସେହି ମହତୀ ବିଚାରର ଅଭଙ୍ଗ, ଲୌକିକ ପ୍ରତିବେଦନ।

(ଲେଖକ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ, ଓ ସଂସ୍କୃତି ମନ୍ତ୍ରୀ)

ବାଦ୍ ପଡ଼ିଛନ୍ତି ୭.୬୮ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର

ଭୁବନେଶ୍ୱର,୩୦।୩
(ରବିନାରାୟଣ ଜେନା)

- ସାଢ଼େ ୧୪ ମାସରେ ୨.୦୩ ଲକ୍ଷ ଭୋଟରଙ୍କ ମୃତ୍ୟୁ

ରାଜ୍ୟରେ ଭୋଟରତାଲିକା ସଂଶୋଧନ ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିଛି। ବିଭିନ୍ନ କାରଣରୁ ୭ ଲକ୍ଷ ୬୮ ହଜାର ୫୨୧ ଭୋଟର ବାଦ୍ ପଡ଼ିଛନ୍ତି। ସବୁଠାରୁ ବଡ଼ କଥା ହେଲା, ୨୦୨୫ ଜାନୁଆରୀ ୬ତାରିଖରୁ ୨୦୨୬ ମାର୍ଚ୍ଚ ୨୨ ମଧ୍ୟରେ ୨ଲକ୍ଷ ୩ ହଜାର ୩୯୬ ଭୋଟରଙ୍କ ମୃତ୍ୟୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୪ଲକ୍ଷ ୮ହଜାର ୧୩୨ ଭୋଟର ସ୍ଥାନାନ୍ତର ହେବା କାରଣରୁ ତାଙ୍କୁ ଭୋଟରତାଲିକାରୁ ବାଦ୍ ଦିଆଯାଇଛି। ଏହାସହିତ ଏକାଧିକ ସ୍ଥାନରେ ଭୋଟ ପରିଚୟପତ୍ର ଥିବାଯୋଗୁ ୧ ଲକ୍ଷ ୫୪ ହଜାର ୩୧୮ ଭୋଟର ବାଦ୍ ପଡ଼ିଥିବାବେଳେ ଅନ୍ୟାନ୍ୟ କାରଣ ପାଇଁ ୨ହଜାର ୬୪୬ ଭୋଟର ବାଦ୍ ପଡ଼ିଛନ୍ତି। ଏହି ସମସ୍ତ ଭୋଟରଙ୍କୁ ମିଶାଇ ରାଜ୍ୟରେ ୭ଲକ୍ଷ ୬୮ହଜାର ୫୨୧ ଭୋଟର ବାଦ୍ ପଡ଼ିଛନ୍ତି।

ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଏହି ଅବଧି ମଧ୍ୟରେ ରାଜ୍ୟରେ ୫ଲକ୍ଷ ୬୭ହଜାର ୩୪ ଜଣ ନୂତନ ଭୋଟର ନାମ ସଂଯୋଗ ପାଇଁ ଆବେଦନ କରିଛନ୍ତି। ତେବେ ସର୍ବାଧିକ ବାଦ୍ ପଡ଼ିଥିବା ଜିଲା ମଧ୍ୟରେ ରହିଛି ସୁନ୍ଦରଗଡ଼। ସୁନ୍ଦରଗଡ଼ ଜିଲାରେ ୧ ଲକ୍ଷ ୪୪ହଜାର ୭୨୬ ଭୋଟର ବାଦ୍ ପଡ଼ିଛନ୍ତି। ସେଥିମଧ୍ୟରେ ୬୬ହଜାର ୯୭୨ ମହିଳା ଭୋଟର ରହିଥିବାବେଳେ ୬୭ହଜାର ୭୨୯ ପୁରୁଷ ଓ ୨୫ଟି କିନ୍ନର ଭୋଟର ରହିଛନ୍ତି। ସେହିପରି କଟକରେ ୭୪ ହଜାର ୮୮୧ ଭୋଟର ବାଦ୍ ପଡ଼ିଛନ୍ତି। ଏଥିରେ ୪୦ହଜାର ୧୬୮ ମହିଳା ଭୋଟର ରହିଥିବାବେଳେ ୩୪ହଜାର ୨୩୨ ପୁରୁଷ ଏବଂ ୪୮୧ କିନ୍ନର ଭୋଟର ରହିଛନ୍ତି। ଏହାବାଦ୍ ଗଞ୍ଜାମ ଜିଲାରେ ୪୭ ହଜାର ୯୮୯, କେନ୍ଦୁଝରରେ ୩୮ହଜାର ୬୪୮, ଅନୁଗୋଳରେ ୩୭ ହଜାର ୯୨୭, ପୁରୀରେ ୩୬ହଜାର ୬୭୯ ଭୋଟର ବାଦ୍ ପଡ଼ିଛନ୍ତି। ଏହାବାଦ୍ ମାଲକାନଗିରିରେ ସର୍ବନିମ୍ନ ୨୪୧୦ ଭୋଟର ବାଦ୍ ପଡ଼ିଥିବାବେଳେ ଅନ୍ୟାନ୍ୟ ଜିଲାରେ ଅବଶିଷ୍ଟ ଭୋଟର ବାଦ୍ ପଡ଼ିଛନ୍ତି।

ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ଏବଂ ଏଥିରୁ ବାଦ୍ ପଡ଼ିଥିବା ସଂଖ୍ୟାକୁ ନେଇ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏହି ଭୋଟରତାଲିକା ସଂଶୋଧନରେ ରାଜନୈତିକ ଗନ୍ଧ ସ୍ପଷ୍ଟ ବାରି ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ବିଜେଡି ଭୋଟରଙ୍କୁ ତ

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। **–ଶ୍ରୀଅରବିନ୍ଦ**

-ଶ୍ରୀମନ୍ଦିରରେ ଜୟଣ୍ଟାଚୋରି, ଶିବଦମନକ ଚତୁର୍ଦ୍ଦଶୀ ଉପବାସ, ମହାବୀର ଜୟନ୍ତୀ ଓ ବାୟାଣୀ ପୂଜା

ନିର୍ବାଚନ ପରେ

ଭାରତୀୟ ଅର୍ଥନୀତି ଏକ ଖରାପ ସମୟ ଦେଇ ଗତି କରୁଛି। ୩୦ ମାର୍ଚ୍ଚରେ ଭାରତୀୟ ମୁଦ୍ରା ଖୁବ୍ ତଳକୁ ଯାଇ ଏକ ଆମେରିକୀୟ ଡଲାର ତୁଳନାରେ ବିନିମୟ ମୂଲ୍ୟ ୯୫ ଟଙ୍କା ୨୧ ପଇସାରେ ପହଞ୍ଚିଛି। ପଶ୍ଚିମ ଏସିଆରେ ଯୁଦ୍ଧଜନିତ ସଙ୍କଟ ଶକ୍ତି କ୍ଷେତ୍ର ଉପରେ ଗଭୀର ପ୍ରଭାବ ପକାଇଥିବାରୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହେଉଛି ବୋଲି କୁହାଯାଉଛି। ଏହା କେତେକାଂଶରେ ସତ୍ୟ। କିନ୍ତୁ ୨୮ ଫେବୃଆରୀ ଯୁଦ୍ଧ ପୂର୍ବରୁ ଭାରତୀୟ ମୁଦ୍ରା ମଧ୍ୟ ଲଗାତର ଭାବେ ପ୍ରତ୍ୟେକ ଦିନ ଦୁର୍ବଳ ହେବାରେ ଲାଗିଥିଲା। ସେହି ବିଗତ ଦିନକୁ ଦେଖିଲେ ବୁଝାପଡୁଛି ଯେ ଯୁଦ୍ଧ କେବଳ ମାତ୍ର କାରଣ ନୁହେଁ। କେତେକେ କହୁଛନ୍ତି ଡଲାର ଶକ୍ତିଶାଳୀ ହେଉଥିବାରୁ ଭାରତୀୟ ମୁଦ୍ରା ତଳକୁ ଖସୁଛି। ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। କାରଣ ଆମେରିକାରେ ମଧ୍ୟ ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଭାରତୀୟ ମୁଦ୍ରା ଦୁର୍ବଳ ହେବା ପଛରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ଏ ଦେଶରୁ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରିନେବାରେ ବ୍ୟସ୍ତ। ଭାରତରେ ଅର୍ଥ ବିନିଯୋଗ କଲେ ଆଗକୁ ବିପଦ ଆଶଙ୍କା କରି ସେମାନେ ଏଭଳି ନିଷ୍ପତ୍ତି ନେଉଛନ୍ତି। ଅର୍ଥାତ୍ ଏହି ଦେଶରେ ସେମାନଙ୍କର ଅର୍ଥ ଅସୁରକ୍ଷିତ ବୋଲି ବିଦେଶୀ ନିବେଶକମାନେ ଧାରଣା କରିନେଲେଣି। ଏଥିସହିତ ଆମଦାନୀ ବୃଦ୍ଧି ପାଉଥିବା ବେଳେ ରପ୍ତାନି ସେହି ପରିମାଣରେ ହୋଇପାରୁ ନ ଥିବାରୁ ବାଣିଜ୍ୟିକ ନିଅଣ୍ଟ ବୃଦ ପାଉଛି। ଅଣ–ଉତ୍ପାଦ ଖର୍ଚ୍ଚ ବଢ଼ିଯାଇଥିବାରୁ ତାହାର ପ୍ରଭାବ ମଧ୍ୟ ଅର୍ଥନୀତି ଉପରେ ପଡୁଛି।

ଭାରତରେ ଅର୍ଥନୀତି ଦୁର୍ବଳ ହେବା ପଛରେ ମୁଖ୍ୟ କାରଣ ହେଉଛି ରାଜନୈତିକ ବ୍ୟକ୍ତିମାନେ ବିଶେଷଜ୍ଞଙ୍କ ମତକୁ କମ୍ ଗୁରୁତ୍ୱ ଦେଇ ଜଟିଳ ପ୍ରସଙ୍ଗରେ ବଡ଼ ନିଷ୍ପତ୍ତି ନେଇଯାଉଛନ୍ତି। ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ହେବାଠାରୁ ଦେଶର ଅର୍ଥନୀତି ଉଧେଇପାରୁ ନାହିଁ। ସେତେବେଳେ ଅନେକ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟିକ ସଂସ୍ଥା ଭୁଶୁଡ଼ି ପଡ଼ିଥିଲେ। ଫଳରେ ତାହାର ପ୍ରଭାବ ଦେଶର ଉତ୍ପାଦ ଓ ନିଯୁକ୍ତି କ୍ଷେତ୍ର ଉପରେ ପଡ଼ିଥିଲା। ଏହା ପରେ ଯେତେବେଳେ ଅର୍ଥନୀତି ଟିକେ ପ୍ରଶ୍ୱାସ ପାଇ ଠିଆ ହେବାକୁ ଯାଉଥିଲା କୋଭିଡ୍ ମହାମାରୀ ପୁଣି ବିପର୍ଯ୍ୟୟ ସୃଷ୍ଟି କଲା। ଥରେ ଦୁର୍ବଳତା ଆସିଗଲେ ସେଥିରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିବା ଲାଗି ଦୀର୍ଘ ସମୟ ଲାଗିଥାଏ। ପୁଣି ଓଲିଗାର୍କି ବା ଧନିକ ତନ୍ତ୍ର (ଅଳ୍ପ କିଛି ଧନୀ) ଯୋଗୁ ସମଗ୍ର ଅର୍ଥନୀତି ବିକଶିତ ହୋଇପାରୁ ନାହିଁ। କାରଣ ହାତଗଣତି ବ୍ୟକ୍ତିଙ୍କଠାରେ ଅତ୍ୟଧିକ ଧନ ଠୁଳ ହୋଇ ରହିଯାଉଛି। ବଡ଼ କର୍ପୋରେଟ୍ ହାଉସ୍ଗୁଡ଼ିକୁ ଅଧିକ ସରକାରୀ ସୁବିଧା ଦିଆଯାଉଥିବାରୁ ଧନର ସୁଷମ ବଣ୍ଟନ ହୋଇପାରୁ ନାହିଁ। ଅର୍ଥନୀତିରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସଂସ୍ଥାକୁ ଆର୍ଥିକ ଓ ବ୍ୟବସ୍ଥାଗତ ସୁଯୋଗ ଦିଆଯାଇପାରିଲେ ସେମାନେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ପାଆନ୍ତେ। ଅନେକ ଲୋକଙ୍କ ମଧ୍ୟମରେ ମୁଦ୍ରା ଚଳପ୍ରଚଳ ହେଲେ ତାହା ସାମଗ୍ରୀ ଓ ସେବା କ୍ଷେତ୍ରକୁ ଚଳଚଞ୍ଚଳ କରିପାରନ୍ତା। ଏବେ ବିଦେଶୀ ପୁଞ୍ଜିନିବେଶକମାନେ ଭାରତୀୟ ବଜାରରୁ ଅର୍ଥ ଉଠାଇ ନେଉଥିବାରୁ ସ୍ଥିତି ବିଗିଡ଼ି ଯାଉଛି ବୋଲି କୁହାଯାଉଛି। ଯଦି ଦେଶ ଭିତରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗୀଙ୍କ ପାଇଁ ନିୟମ ସରଳୀକରଣ କରାଯାଇ ବିଭିନ୍ନ ସ୍ତରର ବ୍ୟବସାୟକୁ ପ୍ରୋତ୍ସାହନ ଦିଆଯାଉଥାନ୍ତା, ତେବେ ଆଜିର ଯୁଦ୍ଧଭଳି ସ୍ଥିତି ସମୟରେ ବାହ୍ୟ ନିବେଶକ ଅର୍ଥ ଉଠାଣ କରିନେଲେ ତାହାର ପ୍ରଭାବ ଅର୍ଥନୀତି ଉପରେ ବେଶି ପରିମାଣରେ ପଡ଼ନ୍ତା ନାହିଁ।

ଏପ୍ରିଲ ଶେଷ ସୁଦ୍ଧା ଯେତେବେଳେ ପଶ୍ଚିମବଙ୍ଗ ସହିତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ଶେଷ ହୋଇଯିବ, ସେତେବେଳେ ଯଦି ତୈଳ ମୂଲ୍ୟ ବଢ଼ାଯାଏ ତାହା ଅତ୍ୟନ୍ତ ଅନୈତିକ ଓ ସାଧାରଣ ନାଗରିକ ବିରୋଧୀ ପଦକ୍ଷେପ ହେବ ବୋଲି କହିହେବ। ଯଦି ତୈଳ ଦର ବଢ଼ିଯାଏ, ତାହା ହେଲେ ସବୁ ପ୍ରକାର ସାମଗ୍ରୀ ମୂଲ୍ୟ ଆହୁରି ବଢ଼ିଯିବ।

ସାମ୍ପ୍ରତିକ ସମୟକୁ ଦେଖିଲେ ମଧ୍ୟପ୍ରାଚ୍ୟ ଅଶାନ୍ତ ସ୍ଥିତିର ପ୍ରଭାବ ସମଗ୍ର ବିଶ୍ୱ ବିଶେଷକରି ଏସିଆ ମହାଦେଶ ଉପରେ ଗଭୀର ଭାବେ ପଡ଼ିଛି। ଇନ୍ଧନ ଓ ରନ୍ଧନ ଶକ୍ତିର ସଙ୍କଟ ଯୋଗୁ ଭାରତ ଭଳି ଅଧିକ ଆମଦାନୀ ଉପରେ ନିର୍ଭରଶୀଳ ରାଷ୍ଟ୍ର ବେଶି ଅଡୁଆରେ ପଡ଼ିଯାଇଛି। ଭାରତ ତା'ର ତୈଳଜନିତ ଶକ୍ତି ଚାହିଦାର ୯୦ ପ୍ରତିଶତ ବାହାର ରାଷ୍ଟ୍ର ଉପରେ ନିର୍ଭରଶୀଳ। ଅଧିକ ଆମଦାନୀ ମାନେ ଭାରତକୁ ବହୁଳ ମାତ୍ରାରେ ଅର୍ଥ ଦେବାକୁ ପଡୁଛି। କିଛିବର୍ଷ ପୂର୍ବେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିବା ବେଳେ ଏବେ ତାହା ୧୧୫ ଉପରକୁ ଯାଇସାରିଲାଣି। ମଧ୍ୟପ୍ରାଚ୍ୟରେ ଅସ୍ୱାଭାବିକ ସ୍ଥିତି ଯଦି ଅଧିକ ଦିନ ଲାଗିରହେ, ତେବେ ଭାରତର ସ୍ଥିତି ଆହୁରି ସଙ୍ଗିନ ହୋଇଯିବ। ଯଦି ବାସ୍ତବରେ ଭାରତର ତୈଳ ଦରକୁ ଅନ୍ତର୍ଜାତୀୟ ଦର ସହ ଯୋଡ଼ିକରି ରଖାଯାଇ ଥାଆନ୍ତା, ତା'ହେଲେ ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିଲାବେଳେ ଦେଶ ଭିତରେ ସର୍ବାଧିକ ୪୫ ଭାରତୀୟ ଟଙ୍କା ମୂଲ୍ୟରେ ଲିଟରେ ପେଟ୍ରୋଲ ଗ୍ରାହକଙ୍କୁ ମିଳିପାରି ଥାଆନ୍ତା। ସେହି ସମୟରେ ସରକାର ତାହା କଲେ ନାହିଁ ଏବଂ ତୈଳ କମ୍ପାନୀଗୁଡ଼ିକୁ ଲାଭ ଦେବାକୁ ଯାଇ ଅତ୍ୟଧିକ ଦର ବଜାୟ ରଖିଲେ। ସେହି କମ୍ପାନୀମାନେ ଯେଉଁ ଲାଭ ପାଇଥିଲେ, ତାହାକୁ ସର୍ବନିମ୍ନ ୧ ବର୍ଷ ପର୍ଯ୍ୟନ୍ତ ଆଜିକାର ଦରରେ ରଖିବା ଉଚିତ। କିନ୍ତୁ ଏପ୍ରିଲ ଶେଷ ସୁଦ୍ଧା ଯେତେବେଳେ ପଶ୍ଚିମବଙ୍ଗ ସହିତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ଶେଷ ହୋଇଯିବ, ସେତେବେଳେ ଯଦି ତୈଳ ମୂଲ୍ୟ ବଢ଼ାଯାଏ ତାହା ଅତ୍ୟନ୍ତ ଅନୈତିକ ଓ ସାଧାରଣ ନାଗରିକ ବିରୋଧୀ ପଦକ୍ଷେପ ହେବ ବୋଲି କହିହେବ। ଯଦି ତୈଳ ଦର ବଢ଼ିଯାଏ, ତାହା ହେଲେ ସବୁ ପ୍ରକାର ସାମଗ୍ରୀ ମୂଲ୍ୟ ଆହୁରି ବଢ଼ିଯିବ। ତେଣୁ ଦେଶର ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ବାସ୍ତବବାଦୀ ଅର୍ଥନୈତିକ ନୀତି ସୃଷ୍ଟି କରାଯିବା ଦରକାର। ଏଥିରେ ସମାଜର ବିଭିନ୍ନ ବର୍ଗର ମତକୁ ନିଆଯିବା ଉଚିତ।

ସମୁଦ୍ରର ନୂଆ ଭୂଗୋଳ

ଦେବ ରଞ୍ଜନ

ସମଗ୍ର ପୃଥିବୀରେ ଯେତେ ସମୁଦ୍ର ଅଛି ସେମାନଙ୍କର ଜଳରାଶି ପ୍ରତିବର୍ଷ ୩.୦୬ ମିଲିମିଟର ହାରରେ ବଢିବାରେ ଲାଗିଛି। ସେ ଭିତରୁ ବଙ୍ଗୋପସାଗରରେ ଜଳରାଶି ଅଧିକ ହାରରେ ବୃଦ୍ଧି ହେଉଛି। ଏହାର ବୃଦ୍ଧିର ହାର ପ୍ରତି ବର୍ଷ ୩.୯୯ ମିଲିମିଟର। ତେବେ ସବୁ ସ୍ଥାନରେ ବଙ୍ଗୋପସାଗରର କାୟା ବୃଦ୍ଧି ସମାନ ଭାବରେ ହୋଇ ନ ଥାଏ। ପଶ୍ଚିମବଙ୍ଗର ଡାଇମଣ୍ଡ ହାର୍ବୋରଠାରେ (ଗଙ୍ଗାନଦୀ ମୁହାଣ) ଏହା ବାର୍ଷିକ ୫.୧୬ ମିଲିମିଟର ହାରରେ ବୃଦ୍ଧି ଘଟୁଥିବା ବେଳେ ପାରାଦୀପ ନିକଟରେ (ମହାନଦୀ ମୁହାଣ) ଏହା ବାର୍ଷିକ ୪.୪୩ ମିଲିମିଟର। ହୁଏତ କାହାକୁ ଏକ ମିଲିମିଟର କହିଲେ ବହୁତ କମ୍ ଲାଗୁଥାଇପାରେ। ସମୁଦ୍ର ଜଳରାଶି ଏକ ମିଲିମିଟର ବୃଦ୍ଧି ହେଲେ ଏହା ୩୬୦ ବର୍ଗ କିଲୋମିଟର ସ୍ଥଳ ଭାଗର ଜମିକୁ ବୁଡାଇଦିଏ। ଭୁବନେଶ୍ୱର ସହରର ସୀମା ୧୮୬ ବର୍ଗକିଲୋମିଟର। ତେଣୁ ମାତ୍ର ଏକ ମିଲିମିଟର ସମୁଦ୍ର ଜଳରାଶି ବୃଦ୍ଧି ଦୁଇଟି ଭୁବନେଶ୍ୱର ସହରକୁ ବୁଡାଇଦେବା ଲାଗି ସମର୍ଥ। ସମୁଦ୍ରର ଆକାର ବର୍ଷ ବର୍ଷ ଧରି ବଢୁଥିବା ହେତୁ ଏହା ଯେ କ୍ରମଶଃ କେତେ ବିଶାଳ ହୋଇଚାଲିଛି ତାହା ଅନୁମାନ କରାଯାଇପାରେ। ଯଦି ସମୁଦ୍ର ଜଳରାଶି ଏକ ଇଞ୍ଚ (୨୫.୨ ମିଲିମିଟର) ବୃଦ୍ଧିହୁଏ ତେବେ ଏହା ୯୨୦୦ ବର୍ଗକିଲୋମିଟର ସ୍ଥଳଭାଗକୁ ବୁଡାଇଦେବ।

ସମୁଦ୍ର କିନ୍ତୁ ନଦୀରେ ବନ୍ୟା ଆସିବା ଭଳି ହଠାତ୍ କୌଣସି ଅଞ୍ଚଳକୁ ବୁଡାଇ ଦେଇ ନ ଥାଏ । ଆଜିର ଏକ ମିଲିମିଟର ପୁଣି କିଛିଦିନ ପରେ ଇଞ୍ଚ ଓ ପରେ ଏକ ମିଟର, ଏହି ଗତିରେ ସମୁଦ୍ର ଜଳସ୍ତର ବୃଦ୍ଧି ପାଇ ସ୍ଥଳଭାଗ ଜମିକୁ ଅକ୍ତିଆର କରିଚାଲିଛି। ହୁଏତ ଆଜି ମୋର ଘର ବୁଡି ନ ଥାଇ ପାରେ। ଏହା ନୁହେଁ ଯେ ଆଉ କାହାର ଘର ଏହା ବୁଡାଇ ନାହିଁ। ସମୁଦ୍ର ଜଳରାଶି ପ୍ରତିବର୍ଷ ବଢିବା ହେତୁ ଆଜିର ଦିନରେ ପଶ୍ଚିମବଙ୍ଗର ସୁନ୍ଦରବନ ଅଞ୍ଚଳର ଅନେକ ଗାଁ ସମୁଦ୍ର ମଧ୍ୟରେ ଲୀନ ହୋଇସାରିଛି। ସେହିଭଳି ଓଡ଼ିଶାର କେନ୍ଦ୍ରାପଡ଼ା ଅଞ୍ଚଳର ସାତଭାୟା ଗ୍ରାମବାସୀ ବିସ୍ଥାପିତ ହୋଇସାରିଲେଣି। ପୁରୀ ଜିଲା କୋଣାର୍କ ନିକଟସ୍ଥ ଛେନୁ ଗାଁ ଥରେ ବିସ୍ଥାପିତ ହୋଇ ପୁଣି ଦ୍ୱିତୀୟ ଥର ବିସ୍ଥାପିତ ହୋଇଛନ୍ତି। ସେହି ନିକଟରେ ଅବସ୍ଥିତ ଉଦୟକଣି ଗ୍ରାମବାସୀ ଥରେ ବିସ୍ଥାପିତ ହୋଇ ଏବେ ନୂଆ ସ୍ଥାନର ସନ୍ଧାନରେ ଅଛନ୍ତି। ଗଞ୍ଜାମ ଜିଲାର ପୋଡମପେଟା ଗାଁର ୫୦୦ ମତ୍ସ୍ୟଜୀବୀ ପରିବାର ସମୁଦ୍ରକୁ ନିଜର ଚାଷ ବୋଲି ଭାବି ଜୀବିକା ନିର୍ବାହ କରିଆସୁଥିଲେ। ଏହିଠାକୁ ବେଶ୍ କିଛି ବର୍ଷ ଅଳିଭ ରିଡ୍‌ଲେ କଇଁଛ ଆସୁଥିଲେ। ଗଲା ବର୍ଷ ଏହାର ଶେଷ ଗ୍ରାମବାସୀ ଗାଁ ଛାଡିବାକୁ ବାଧ ହେଲେ ଓ ଏହି ବର୍ଷ କଇଁଛ ମଧ୍ୟ ଆସିଲେ ନାହିଁ । ବଡ଼ କଥା ହେଉଛି, ଗ୍ରାମବାସୀ ଯେଉଁ ଦୁଇଟି ଗ୍ରାମରେ ବିଭାଜିତ ହୋଇଗଲେ ସେଠାକୁ ମଧ୍ୟ କେବେ ବି ସମୁଦ୍ରର ପାଣି ଆସି ପହଞ୍ଚିଯାଇପାରେ।

ଗୋପାଳପୁର ବନ୍ଦର ନିକଟରେ ଥିବା ଆର୍ଯ୍ୟପଲ୍ଲୀ ଗାଁ ପୋଡମପେଟାଠାରୁ କୋଡିଏ କିଲୋମିଟର ଦୂର। ଏହାର ୧୦,୦୦୦ ଲୋକ ଦିନେ ଯେଉଁମାନେ ସମୁଦ୍ରକୁ ପାଞ୍ଚ କିଲୋମିଟର ଦୂରରେ ଦେଖୁଥିଲେ, ନିଜର ଡଙ୍ଗା ଓ ଜାଲକୁ ସେହିଠାରେ ରଖିଦେଇ ଗାଁକୁ ଆସୁଥିଲେ, ଆଜି ସମୁଦ୍ର ସେମାନଙ୍କ ଗାଁ ପାଖରେ ଗର୍ଜନ କରୁଛି। ସମୁଦ୍ର ଏତେ ନିକଟରେ ଯେ ଡଙ୍ଗାକୁ କୂଳରେ ରଖିବା ପାଇଁ ବି ଜାଗା ନାହିଁ। ସେମାନଙ୍କ ଘର, ଜମି, ଇତିହାସ ସବୁକିଛି ବହୁ ଶୀଘ୍ର ସମୁଦ୍ର ମଧ୍ୟରେ ଲୀନ ହୋଇଯିବ, ସମୁଦ୍ର ଏଠାରେ ମଧ୍ୟ ନୂଆ ଭୂଗୋଳ ସୃଷ୍ଟି କରିବ।

ଉଦୟକଣି ଗାଁର ଗୋବିନ୍ଦ ପ୍ରଧାନଙ୍କୁ ଭେଟିଥିଲି ଗତବର୍ଷ ଶୀତ ମାସରେ। ତାଙ୍କର କ୍ଷୋଭ ଥିଲା, ସମୁଦ୍ର ହେଲେ ଫେରିଯାନ୍ତା ? ଅନ୍ତତଃ ସମୁଦ୍ର ଭିତରେ ରହିଥିବା ଆମ ଜମିକୁ ପୁଣି ଆମେ କୌଣସି ପ୍ରକାରେ ଚଷି ପାରନ୍ତୁ। ହେଲେ ଖାଇଥିବା ସମୁଦ୍ର କେବେ ବାନ୍ତି କରେନାହିଁ। ଆମ ଚାଷ କଲା ଜମି ଫେରିବାର ନାହିଁ। ସତକଥା। ଯେଉଁ ଜମି ଥରେ ସମୁଦ୍ରରେ ମିଶିଗଲା ସେ ଆଉ କେବେ ଫେରେନାହିଁ। ଲୋକଙ୍କ ପଟ୍ଟା ଜମି, ପୂର୍ବ ପୁରୁଷରୁ ଚାଷ କରିଆସୁଥିବା ଜମି, ଘରବାରି ଜମି, ଗାଁର ସ୍କୁଲ ଓ ମନ୍ଦିର ସବୁକିଛିକୁ ସମୁଦ୍ର ତାହାର ଗର୍ଭକୁ ନେଇଯାଉଛି। କୂଳରେ ପହଞ୍ଚୁଥିବା ପ୍ରତି ଲହଡିରେ ସେହି ଗାଁମାନଙ୍କର ବେଦନାର ସ୍ୱର ରହିଛି। ଏହା ସହିତ ରହିଛି କଟିଯାଇଥିବା ଜଙ୍ଗଲ ଓ ହିମାଳୟରୁ ତରଳିଥିବା ବରଫର ସ୍ତର। କିନ୍ତୁ 'ବିକାଶ' ଆଜି ଏଭଳି କିମିଆ କରିଛି ଯେ ପ୍ରତ୍ୟେକ ରାଜନୀତିଜ୍ଞ, ପ୍ରଶାସକ, ମିଡିଆ ଓ ସେଲିବ୍ରିଟି ଧରିନେଇଛନ୍ତି ଯେ ପୃଥିବୀ ଏକ ସରକାରୀ ବ୍ୟାଙ୍କ ଓ ଲୋକେ ହେଉଛନ୍ତି ବ୍ରଏଲର ଫାର୍ମର କୁକୁଡା।

ମେରୁରେ ବରଫ ତରଳିବା ଯୋଗୁ ସମୁଦ୍ର ଫୁଲିବାରେ ଲାଗିଛି। ଏହା ବିଶ୍ୱ ହାରାହାରି ତାପମାତ୍ରା ବୃଦ୍ଧିର ପରିଣାମ। ହିମାଳୟରେ ବରଫ ତରଳିବା ହେତୁ ବଙ୍ଗୋପସାଗର ଜଳସ୍ତର ବୃଦ୍ଧିପାଇଚାଲିଛି। ୧୯୯୦ରୁ ୨୦୨୦ ମଧ୍ୟରେ ହିମାଳୟର ୧୨ ପ୍ରତିଶତ ଅଞ୍ଚଳ ବରଫଶୂନ୍ୟ ହୋଇଗଲାଣି। ଏହି ସମସ୍ତ ବରଫରୁ କିଛି ଆରବସାଗର ଓ ଏକ ବିରାଟ ଅଞ୍ଚଳର ବରଫ ବଙ୍ଗୋପସାଗରକୁ ଆସିଛି। ଆଜି ସ୍କୁଲର ପିଲାଟିଏ ବି ଜାଣେ ଯେ ବିଶ୍ୱ ତାପମାତ୍ରାରେ କ୍ରମାଗତ ବୃଦ୍ଧି ହେତୁ ହିମାଳୟରେ ବରଫ ତରଲୁଛି। ସେଥିଲାଗି ସେ ସ୍କୁଲ ଓ ଘର ଚାରିପାଖରେ ଗଛଟିଏ ଲଗାଇବାରେ ଲାଗିଛି। ସେ ଜାଣିନି ସେହି ଗଛ ପୁଣି ବ୍ୟବସ୍ଥାର ଚକ୍ରାନ୍ତରେ ଯେ ଶେଷ ପର୍ଯ୍ୟନ୍ତ ବଞ୍ଚିବ ତାହା ନୁହେଁ। ଯଦି ବି ବଞ୍ଚିଗଲା ତେବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ କମାଇବା ଲାଗି ତାହା ଯଥେଷ୍ଟ ହେବ କି ନାହିଁ। କାରଣ ସେହି ଗଛ ଅନ୍ୟୂନ କୋଡିଏ ବର୍ଷ ପରେ ବଡ ହେବା ବେଳକୁ ବାୟୁମଣ୍ଡଳ ଆହୁରି ଅଧିକ ଦୂଷିତ ହୋଇସାରିଥିବ। ସେ ଅବଶ୍ୟ କେବେ ପଚାରି ନାହିଁ ଯେ ନୂଆ ଗଛ ଲଗାଇବା ଅପେକ୍ଷା ପୁରୁଣା ଗଛକୁ ବଞ୍ଚିବା ଲାଗି ସୁଯୋଗ କାହିଁକି ଦିଆଯାଉନାହିଁ। ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ତଥ୍ୟ ଅନୁସାରେ ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ଓଡ଼ିଶାରେ ୨୬ ଲକ୍ଷ ୭୫ ହଜାର ଗଛ କଟାଯାଇଛି। ସାରା ଭାରତରେ ସେହି ସମାନ ସମୟରେ ୨୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ମୁଖ୍ୟତଃ ବ୍ୟବସାୟିକ, କୃଷି, ଖଣି, ଶିଳ୍ପ କାରଖାନା, ନଦୀ, ଜଳଭଣ୍ଡାର ଓ ଜଙ୍ଗଲ ନିଆଁ ଦ୍ୱାରା ନଷ୍ଟ ହୋଇଯାଇଛି। ଏହି ପ୍ରକ୍ରିୟା ସମଗ୍ର ବିଶ୍ୱରେ ଚାଲୁରହିଛି।

ଏବେ ପୁଣି ବିଶ୍ୱ ପରିବେଶ ଲାଗି ଯୁଦ୍ଧ ଅନ୍ୟ ଏକ ବିପଦ ହୋଇ ଠିଆ ହୋଇଛି। ଗଲା କିଛି ବର୍ଷ ମଧ୍ୟରେ ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ, ଇସ୍ରାଏଲର ପାଲେଷ୍ଟାଇନ ଉପରେ ଆକ୍ରମଣ, ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପୁଣି ଯୁଦ୍ଧରେ ପ୍ରତିଆକ୍ରମଣରେ କୁଏଟ୍, ଲେବାନନ ଇତ୍ୟାଦି ରାଷ୍ଟ୍ର ଉପରେ ବୋମା ବର୍ଷଣ ଆଜି ପୃଥିବୀର ଆୟୁଷକୁ କମାଇଦେବାରେ ଲାଗିଛି। ଆମର ରାଷ୍ଟ୍ରମୁଖ୍ୟମାନେ ୧୯୭୨ ମସିହାରୁ ଆର୍ଥ ସମିଟ୍‌ରେ ଯୋଗ ଦେଉଛନ୍ତି, ଅଙ୍ଗାରକାମ୍ଳ ନିର୍ଗମନ କମ୍ କରିବାର ପ୍ରତିଶ୍ରୁତି ଦେଉଛନ୍ତି, ଆର୍ଥ ସମିଟ୍‌ର ପଚାଶ ବର୍ଷ ପାଳୁଛନ୍ତି। କିନ୍ତୁ ଅସଲ ସମୟରେ ସେମାନେ ନିଜର ସ୍ୱରୂପ ଦେଖାଉଛନ୍ତି।

ପ୍ରକୃତି ଏ ସମସ୍ତ ଅତ୍ୟାଚାରକୁ ସମ୍ଭାଳି ନେଇ ସତରେ କ'ଣ ବିଶ୍ୱବାସୀଙ୍କୁ କ୍ଷମା ଦେଇଦେବ ? ନା ସେ ନିଜର ଅତି ଭୟାନକ ରୂପ କେବେ ଦେଖାଇବ ? ଯୁଦ୍ଧରେ ବ୍ୟବହୃତ ମିଶାଇଲ, ବୋମା, ରକେଟ ହେତୁ ଯାଉଥିବା ଜୀବନ କେବେ ଫେରିବ ନାହିଁ। ଦୂଷିତ ବାୟୁମଣ୍ଡଳ ପୁଣି କେବେ ସାଧାରଣ ହୋଇପାରିବ ନାହିଁ। ଏହାର ଭୟାନକ ରୂପକୁ ସାଧାରଣ ମଣିଷକୁ ଅନେକ ଦଶନ୍ଧି ପର୍ଯ୍ୟନ୍ତ ଭୋଗିବାକୁ ହେବ, ସେ ଯୁଦ୍ଧର ନିକଟରେ ରହିଥାଉ ଅଥବା ହଜାର ମାଇଲ ଦୂରରେ।

ମୋ: ୯୪୩୭୭୨୨୭୭

ସୁନା, କଳି ଓ ଅର୍ଥନୀତି

ସୁଦୀପ୍ତା ମିଶ୍ର

ଏକଦା ରାଜା ପରିକ୍ଷିତ ନିଜ ରାଜ୍ୟ ତଥା ରାଜ୍ୟବାସୀଙ୍କ ଭଲମନ୍ଦ ଜାଣିବା ପାଇଁ ଭ୍ରମଣାର୍ଥେ ବାହାରିଥିଲେ। ଠିକ୍ ସେହି ସମୟରେ ଏକ ବିଶାଳ ବପୁଧାରୀ ବ୍ୟକ୍ତି (ଯେକି କଳି ଅବତାର) ଏକ ବଳଦକୁ (ଯେକି ଧର୍ମର ପ୍ରତୀକ) ଯାହାର ତିନୋଟି ଗୋଡ ଭାଙ୍ଗି ଯାଇଥିଲା, ଯେ କେବଳ ଗୋଟିଏ ଗୋଡ଼ରେ(ସତ୍ୟ)ହିଁ ଠିଆ ହୋଇଥିଲା ଓ ଏକ ଗାଈକୁ (ପୃଥିବୀ ମାତା) ନିର୍ମମ ଭାବେ ଆଘାତ ଦେଉଥିବାର ରାଜା ପରିକ୍ଷିତଙ୍କର ଦୃଷ୍ଟି ଗୋଚର ହେଲା। ତା'ର ଅତ୍ୟାଚାରରେ ଏ ଦୁହେଁ ପୀଡ଼ିତ ଓ ଦୁଃଖିତ ଥିଲେ। ଏ ଦୃଶ୍ୟ ଦେଖି ରାଜା ନିଜର କ୍ରୋଧ ସମ୍ବରଣ କରି ନ ପାରି କଳିକୁ ବଧ କରିବାକୁ ଉଦ୍ୟତ ହୁଅନ୍ତେ କଳି ତାଙ୍କର ଶରଣ ପଶିଥିଲା। ଶରଣାଗତର ବଧ କରିବା ଅନୁଚିତ ବୋଲି ମନେକରି ରାଜା ପରିକ୍ଷିତ ନିଜର ମର୍ଯ୍ୟାଦା ରକ୍ଷା ପୂର୍ବକ କଳିକୁ ପ୍ରାଣ ଦାନ କରିଥିଲେ। ଏବଂ ନିଜ ରାଜ୍ୟରୁ ବାହାରି ଯିବା ପାଇଁ ଆଦେଶ ଦେଇଥିଲେ । କିନ୍ତୁ କଳି ନିଜ ପାଇଁ ଏକ ସୁରକ୍ଷିତ ସ୍ଥାନର ଅନୁରୋଧ କରିଥିଲା । ତେଣୁ ପରିକ୍ଷିତ ପାଞ୍ଚଗୋଟି ସ୍ଥାନ ମଧ୍ୟରୁ ଗୋଟିଏ ଚୟନ କରିବାକୁ କହିଥିଲେ। ଯେଉଁଠାରେ ଅଧର୍ମ, ଅସତ୍ୟ ବିରାଜମାନ କରେ। ଯଥା– ଦ୍ୟୁତ, ମଦିରା, ବେଶ୍ୟା, ହିଂସା ଓ ସୁବର୍ଣ୍ଣ। ଏସବୁ ମଧ୍ୟରୁ ସୁବର୍

ବ୍ଲାକ୍‌ମେଲିଂ: ହଷ୍ଟେଲରେ ଏମ୍‌ବିଏ ଛାତ୍ରୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩୦।୩(ତ୍ରିନାଥ ମହାନ୍ତି)

ଥାନାରେ ଯୁବକଙ୍କ ନାମରେ ଅଭିଯୋଗ କଲେ ପରିବାର

ଇନ୍‌ଫୋସିଟି ଛକରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ହେଲେ ଢେଙ୍କାନାଳ ଜିଲାର ମନୋଜିତା ପ୍ରିୟଦର୍ଶିନୀ। ସେ ସ୍ଥାନୀୟ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଏମ୍‌ବିଏ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏକ ପୋଲିସ ଟିମ୍ ଛାତ୍ରୀ ଆତ୍ମହତ୍ୟା କରିଥିବା ହଷ୍ଟେଲକୁ ଯାଇ ଛାନ୍‌ଭିନ୍ କରିବା ସହ ମୋବାଇଲ୍ ଫୋନ୍‌କୁ ଜବତ କରିଛି। ହେଲେ ମନୋଜିତାଙ୍କ ଆତ୍ମହତ୍ୟା ଘଟଣାକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏଥିପାଇଁ ଜଣେ ଯୁବକଙ୍କ ନାମରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମନୋଜିତାଙ୍କ ବାପା କହିଛନ୍ତି, ସେ ଦିନ ୨ଟା ବେଳେ ସ୍ୱାଭାବିକ ଭାବେ ମା'ଙ୍କ ସହ କଥା ହୋଇଥିଲେ। ହଷ୍ଟେଲ ଭଲ ଲାଗୁ ନ ଥିବା କହି ଘରକୁ ଯିବାକୁ କହିଥିଲେ। ଏହା ଭିତରେ ସେ କେମିତି ଝୁଲି ପଡ଼ିଲେ ? ଜଣେ ପୁଅ ବ୍ଲାକ୍‌ମେଲିଂ କରୁଥିଲେ। ସେ ପୁଅ ହିଁ ତାଙ୍କୁ ଆତ୍ମହତ୍ୟା ପାଇଁ ବାଧ କରିଥିବା ସେ କହିଛନ୍ତି।

ପୋଲିସ ସୂଚନାନୁସାରେ, ରବିବାର ବାହାରକୁ ବୁଲିଯାଇଥିବା ବେଳେ ମନୋଜିତା ଦେହ ଭଲ ଲାଗୁ ନ ଥିବା କହି ରହିଥିଲେ। ଅପରାହ୍ନ ୨ଟା ବେଳେ ସେ ତାଙ୍କ ମା'ଙ୍କ ସହ କଥା ହୋଇଥିଲେ। ହଷ୍ଟେଲରେ ତାଙ୍କୁ ଭଲ ଲାଗୁ ନ ଥିବା କହିବା ସହ ଘରକୁ ପଳାଇଯିବାକୁ କହିଥିଲେ। ହେଲେ ହଷ୍ଟେଲ ଛୁଟି ହେବା ପରେ ଘରକୁ ଆସିବାକୁ ମା' ପରାମର୍ଶ ଦେଇଥିଲେ। ଏପରି କି କିଛି ସମୟ କଥା ହେବା ପରେ ଅପରାହ୍ନ ୪ଟାରେ ଫୋନ୍ କରିବେ ବୋଲି ମନୋଜିତା ତାଙ୍କ ମା'ଙ୍କୁ କହିଥିଲେ। ହେଲେ ସେ ଆଉ ଫୋନ୍ ନ କରିବାରୁ ତାଙ୍କ ମା' ତାଙ୍କ ମୋବାଇଲ୍‌କୁ କଲ୍ କରିଥିଲେ। ହେଲେ ମନୋଜିତାଙ୍କ ଫୋନ୍ ବନ୍ଦ ଥିବାରୁ ସେ ତାଙ୍କ ରୁମ୍‌ରେ ରହୁଥିବା ସାଙ୍ଗ ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଫୋନ୍ କରି ଜଣାଇବାକୁ କହିଥିଲେ। ହଷ୍ଟେଲ କର୍ମଚାରୀ ପହଞ୍ଚି ମନୋଜିତାଙ୍କ ରୁମ୍ କବାଟ ଭିତରପଟୁ ବନ୍ଦ ଥିବାରୁ ଡାକିଥିଲେ। ହେଲେ କେହି ନ ଶୁଣିବାରୁ କବାଟ ଲକ୍ ଭାଙ୍ଗି ଖୋଲିବା ପରେ ମନୋଜିତା ବେକରେ ଓଢ଼ଣି ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଏନେଇ ଇନ୍‌ଫୋସିଟି ଥାନା ଅଧିକାରୀ ମହେନ୍ଦ୍ର ସ୍ୱାଇଁ କହିଛନ୍ତି, ପୋଲିସ ଏକ ଯୁକ୍ତି ମାମଲା ରୁଜୁ କରି ତଦନ୍ତ କରୁଛି। ପରିବାର ଲୋକ ଜଣେ ପୁଅ ନାମରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଆମେ ତଦନ୍ତ କରୁଛୁ ବୋଲି ସେ କହିଛନ୍ତି।

୧୦.୯୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୬ ଗିରଫ

ବୌଦ୍ଧରୁ ବିହାରକୁ ଚାଲାଣ ହେଉଥିଲା

ସୋନପୁର,୩୦।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ଟିମ୍ ଗଞ୍ଜେଇ ଓଜନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଗଞ୍ଜେଇ ଚୋରାଚାଲାଣର କରିଡର ପାଲଟିଛି। ଜିଲା ପୋଲିସ ମିଶନ ମୋଡରେ କାମ କରୁଥିଲା ବେଳେ ଗଞ୍ଜେଇ ଚୋରାଚାଲାଣକାରୀମାନେ ବିଭିନ୍ନ ନୂଆ ରାସ୍ତା ଦେଇ ଅଭିନବ ଉପାୟରେ ଚାଲାଣ କରୁଛନ୍ତି। ସୋମବାର ସୁବର୍ଣ୍ଣପୁର ଜିଲାର ସୋନପୁର, ବୀରମହାରାଜପୁର ଓ ବିନିକା ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ମୋଟ ୧୦କୁଇଣ୍ଟାଲ ୯୧କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଗୋଟିଏ ୧୪ ଚକିଆ ଟ୍ରକ୍ ଓ ୨ଟି ବାଇକ୍ ଜବତ ହୋଇଛି। ତଥା ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହାୟକ ଜିଲାପାଳ ସୁବାସ ଚନ୍ଦ୍ର ଭୋଇଙ୍କ ଉପସ୍ଥିତିରେ ବସ୍ତାଗୁଡିକ ଖୋଲିବା ପରେ ପ୍ରତି ବସ୍ତାରେ ୩୫ଟି ଲେଖାଏ ଛୋଟ ପ୍ୟାକେଟ୍ ମିଳିଥିଲା। ଯେଉଁଥିରେ ମୋଟ ୧୦କୁଇଣ୍ଟାଲ ୫୦କେଜି ଗଞ୍ଜେଇ ରହିଥିଲା। ଏହି ଘଟଣାରେ ବିହାର ବକ୍ସର ଜିଲାର ଲକ୍ଷ୍ମଣ ଯାଦବ(୨୯) ଓ ଲକ୍ଷ୍ମଣ ଯାଦବ(୫୯)ଙ୍କୁ ଗିରଫ କରାଯାଇଛି। ପ୍ରାରମ୍ଭିକ ତଦନ୍ତରୁ ଗଞ୍ଜେଇ ବୌଦ୍ଧ ଜିଲାରୁ ବିହାରକୁ ଚାଲାଣ ହେଉଥିବା ଜଣାପଡିଛି। ଏହି ଚୋରାଚାଲାଣ ପଛରେ ଅନ୍ୟ କେଉଁ ବ୍ୟକ୍ତିଙ୍କ ସମ୍ପୃକ୍ତି ଅଛି, ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ସେହିପରି ବୀରମହାରାଜପୁର ପୋଲିସ ଟିମ୍ ଟ୍ରକ୍‌କୁ ଅଟକାଇ ତନଖି କରିଥିଲା। ଅଳ୍ପ କିଛି ଲୁହା ପାଇପ୍ ବୋଝେଇ ହୋଇଥିବା ଟ୍ରକ୍‌ରେ ୩୧ବସ୍ତା ଗଞ୍ଜେଇ ଥିବା ଜଣାପଡିଥିଲା। ମାଜିଷ୍ଟ୍ରେଟ୍ ଖମେଣ୍ଡିଆପାଲିଠାରେ ଚଢ଼ାଉ କରି ୩୭କିଲୋ ୪୫୦ଗ୍ରାମ ଗଞ୍ଜେଇ ଜବତ କରିଛି। ବୀରମହାରାଜପୁର ଥାନା ଅଞ୍ଚଳର ରାଜେଶ ସେଠୀ(୨୩), ଭେଙ୍କଟେଶ ମହାକୁଡ(୩୬) ଓ ଜିତେନ୍ଦ୍ର ସେଠୀ(୨୪) ୨ଟି ବାଇକ୍‌ରେ ଗଞ୍ଜେଇ ବୋଝେଇ କରି ବୌଦ୍ଧ ଜିଲା ପଟୁ ବୀରମହାରାଜପୁରକୁ ଆସୁଥିଲେ। ବୀରମହାରାଜପୁର ପୋଲିସ ଏକ ମାମଲା ରୁଜୁ କରି ୨ଟି ବାଇକ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେହିପରି ବିନିକା ପୋଲିସ ଚଢାଉ କରି ଗଞ୍ଜେଇ ଚୋରାଚାଲାଣ କରୁଥିବା ଡବଲା ଅଞ୍ଚଳର ଅଭିମନ୍ୟୁ ବଡେଇ(୩୫)ଙ୍କୁ ଗିରଫ କରିଛି। ସେ ଦାନୀପାଲିରୁ ବିନିକାକୁ ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି ଚୋରାଚାଲାଣ କରୁଥିଲେ। ତାଙ୍କ ନିକଟରୁ ୩କିଲୋ ୭୨୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କେ.କେ.ହରିପ୍ରସାଦ ଓ ପ୍ରତାପ କୁମାର ରଣା ଉପସ୍ଥିତ ଥିଲେ।

ଚେନ୍ ଲୁଟୁଥିବା ୩ ଜଣିଆ ଗ୍ୟାଙ୍ଗ୍ ବନ୍ଧାହେଲେ

ଗିରଫ ୩ ଲୁଟେରା. ଜବତ ଚେନ୍ ଏବଂ ମୋବାଇଲ।

୭ ସୁନାଚେନ, ମୋବାଇଲ ଫୋନ୍, ବାଇକ୍ ଜବତ

ବ୍ରହ୍ମପୁର,୩୦।୩ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ୨ ବର୍ଷ ହେଲା ଲୁଟତରାଜ କରିବା ସହ ଜଣେ ମହିଳାଙ୍କୁ ଗୁଳିମାଡ଼ କରି ସୁନା ଚେନ ଲୁଟିଥିବା ୩ ଜଣିଆ ଗ୍ୟାଙ୍ଗକୁ ନିମଖଣ୍ଡି ପୋଲିସ ବାନ୍ଧିଛି। ସେମାନେ ହେଲେ ଖୋଡାସିଂ କଳିଙ୍গନଗରରେ ରହୁଥିବା କୋଦଳାର ପ୍ରଭାକର ମୁଦୁଲି, ଖଲ୍ଲିକୋଟ ଗୁଡୁରୁଯଳ୍ଲୀର ମଧୁସୂଦନ ବେହେରା ଓ ଲୁଟ ସୁନାଚେନ କ୍ରୟ କରିଥିବା ବଡ଼ବଜାର ଥାନା ଅନ୍ତର୍ଗତ ହାଉସିଂବୋର୍ଡ ବିମଳା ନଗରର ବିଶ୍ୱନାଥ ନାୟକ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୮୦ ଗ୍ରାମ ଓଜନର ୭ଟି ସୁନାଚେନ, ୨ଟି ବାଇକ, ୩ ମୋବାଇଲ ଫୋନ୍ ଓ ୨ଟି ହେଲମେଟ ଜବତ ହୋଇଛି। ମାମଲା ନଂ.୨୧୮/୨୫ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ବାଲୁଗାଁ ସାମନ୍ତରାପୁର ଗ୍ରାମର ବାବୁ ମାଝୀ ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ଅଭିଯୁକ୍ତଙ୍କୁ ଜେରା ବେଳେ ଜଣାପଡିଛି। ସେ ଏକ ମାମଲାରେ ସମ୍ପୃକ୍ତ ଥିବାରୁ ବାଲୁଗାଁ କୋର୍ଟରେ ଆତ୍ମସମର୍ପଣ କରି ଜେଲରେ ରହିଥିବା ସୂଚନା ମିଳିବା ପରେ ୨ ଦିନ ତଳେ ନିମଖଣ୍ଡି ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ରିମାଣ୍ଡ ଅବଧି ସରିବାରୁ ପୁଣିଥରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ସେହିପରି ଚେନ ଲୁଟେରା ଗ୍ୟାଙ୍ଗର ଅନ୍ୟତମ ସଦସ୍ୟ କବିସୂର୍ଯ୍ୟନଗରର ସୁନୀଲ ନାହାକ ଓରଫ ମଲାଙ୍କୁ କିଛି ମାସ ତଳେ ଗୋଳଛରା ପୋଲିସ ଏନ୍‌କାଉଣ୍ଟର କରି ଜେଲ ପଠାଇଥିଲା। ସେ ସମୟରେ ଏହି ଚେନ ଲୁଟେରା ଗ୍ୟାଙ୍ଗର ସୁରାକ ମିଳିଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଲୁଟେରା ଗ୍ୟାଙ୍ଗ୍ ୨୦୨୪ରୁ ୨୦୨୬ ମଧ୍ୟରେ ବ୍ରହ୍ମପୁର ସହରର ନିମଖଣ୍ଡି ଓ ଗୋପାଳପୁର ଥାନା ଅଞ୍ଚଳର ବ୍ରଜନଗର, ଶକ୍ତିନଗର, ଗୋବିନ୍ଦ ବିହାର, ବାସୁଦେବ ନଗର ଓ ଅନ୍ୟପୁଆ ଅଞ୍ଚଳରେ ୭ଜଣ ମହିଳାଙ୍କ ବେକରୁ ସୁନାଚେନ ଲୁଟ କରିଥିଲେ ବୋଲି ତଦନ୍ତରୁ ଜଣାପଡିଛି । ୨୦୨୫ ଜୁଲାଇ ୨୨ ତାରିଖ ସନ୍ଧ୍ୟାରେ ଗୋବିନ୍ଦ ବିହାର ୮ମ ଲେନର ଶୁଭଶ୍ରୀ ଜେନା ପିଲାଙ୍କୁ ଟ୍ୟୁଶନରୁ ଆଣି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ସୁନୀଲ ଓ ବାବୁ ଏକ ବାଇକରେ ଆସି ତାଙ୍କ ବେକରୁ ସୁନାଚେନ ଝାମ୍ପିବାକୁ ଚେଷ୍ଟା କରିଥିଲେ। ଶୁଭଶ୍ରୀ ସାହସର ସହ ପ୍ରତିରୋଧ କରିବାରୁ ବାବୁ ତାଙ୍କ ଉପରକୁ ଗୁଳି ଚଳାଇଥିଲେ ମଧ୍ୟ ସୌଭାଗ୍ୟବଶତଃ ତାହା ବାଜି ନ ଥିଲା। ଅଭିଯୁକ୍ତମାନେ ସୁନାଚେନ ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ଶୁଭଶ୍ରୀ ଥାନାରେ ଅଭିଯୋଗ କରିଥିଲେ।

ବଜ୍ରପାତରେ ଯୁବକ ମୃତ

ଛେଣ୍ଡିପଦା,୩୦।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଗ୍ରାମରେ ବଜ୍ରପାତରେ ସୋମବାର ଅପରାହ୍ନ ୫ଟାରେ କଇଥଡ଼ିପ ସାହିର ବିମଳ ଗଡ଼ନାୟକ(୩୨) ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ, ବିମଳ ନିଜ ଘର ସମ୍ମୁଖ ବଗିଚାରେ ଥିଲେ। ହଠାତ ଘଡ଼ଘଡି ବର୍ଷା ସହିତ ବଜ୍ରପାତ ହୋଇଥିଲା। ବଜ୍ରପାତରେ ବିମଳ ଚଳି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କୋଶଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛେଣ୍ଡିପଦା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ସମବାୟ ସମିତି ସମ୍ପାଦକଙ୍କ ଝୁଲନ୍ତା ମୃତଦେହ ଜବତ

ଛେଣ୍ଡିପଦା,୩୦।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଡଙ୍ଗାପାଳ ଗାଁ ନିକଟସ୍ଥ ଆମ୍ବତୋଟାରୁ ଉକ୍ତ ଗ୍ରାମର ସମବାୟ ସମିତି ସମ୍ପାଦକ ପାର୍ଥସାରଥି ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସୂଚନା ଅନୁଯାୟୀ, ପାର୍ଥସାରଥି ରବିବାର ଡଙ୍ଗାପାଳ ଗାଁରେ ଏକ ଭୋଜିରେ ସାମିଲ ହୋଇ ରାତିରେ ଘରକୁ ଫେରିଥିଲେ। ଫେରିବା ପରେ ସେ କେଉଁଆଡେ ପଳାଇଥିଲେ। ଏନେଇ ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜିବା ପରେ ଗାଁ ନିକଟସ୍ଥ ଆମ୍ବତୋଟାରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଗ୍ରାମବାସୀ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମୃତ ପାର୍ଥସାରଥି ୩ବର୍ଷ ପୂର୍ବେ ନୂଆଗାଁ ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଥିଲେ। ତାଙ୍କ ନାମରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଥିଲା । ସେ ସେଥିରୁ ପ୍ରାୟ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପରିଶୋଧ କରିଥିବାବେଳେ ସର୍ବଦା ମାନସିକ ଚାପରେ ରହୁଥିଲେ ବୋଲି ଜଣାପଡ଼ିଛି।

ସର୍ବସାଧାରଣ ବିଜ୍ଞପ୍ତି

ଆମ୍ବର ମହକିଲ ମେସର୍ସ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଲିମିଟେଡ୍ (ଏଚ୍‌ପିସିଏଲ୍) (ଭାରତ ସରକାରଙ୍କ ଏକ ଉଦ୍ୟୋଗ), କର୍ପୋରେଟ୍ କାର୍ଯ୍ୟାଳୟ ସ୍ଥାନ ୧୭ ଜାମସେଦ୍‌ଜୀ ଟାଟା ରୋଡ୍, ମୁମ୍ବାଇ–୪୦୦୦୨୦ଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ଭିଆର୍‌ପିଏଲ୍ ଏଚ୍‌ଓ ସ୍ଥାନ ଡିଆର୍ ନଂ.: ୪୩–୨୯–୫୪/୮, ପ୍ରଥମ ମହଲା, ବାଲାଜୀ ମେଟ୍ରୋ ଚାୟର୍ସ, ଦୋହ୍ରାପାର୍ଥୀ, ବିଶାଖାପାଟଣା ୫୩୦୦୧୬, ଯାହା ଏହାର ଡେପୁଟି ଜେନେରାଲ ମ୍ୟାନେଜରଙ୍କ ପ୍ରତିନିଧିବ୍ୟ ଅଧୀନରେ, ମୁଁ, ନିମ୍ନଲିଖିତ ସର୍ବସାଧାରଣ ବିଜ୍ଞପ୍ତି ଜାରି କରୁଅଛି । ଯେ, ଆମ୍ବର ମହକିଲ– ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ୍ ଲିମିଟେଡ୍ ଲଣ୍ଡରମିଡିଏଟ୍ ପିଗିଂ ଷ୍ଟେସନ–୨ (ଆଇପିଏସ୍–୨)ର ନିର୍ମାଣ ଲାଗି ଶ୍ରୀ ଟିକେଦାସ ଚନ୍ଦନ, ପିତା– ଶ୍ରୀ ଟିକେଦାସ ଚନ୍ଦନକାଠାରୁ ନିମ୍ନପ୍ରଦତ୍ତ ଅନୁସୂଚୀରେ ବର୍ଣ୍ଣାଯାଇଥିବା ସମ୍ପତ୍ତିକୁ କ୍ରୟ କରିବା ଲାଗି ପ୍ରସ୍ତାବ ରଖିଛନ୍ତି । ତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରିଦିଆଯାଉଛି କି ଯଦି କୌଣସି ବ୍ୟକ୍ତି(ଗଣ)ଙ୍କର କୌଣସି ଦାବି କିମ୍ବା ଅଧିକାର, ମାଲିକାନା, ବିକ୍ରୟ ରାଜିନାମା, ବନ୍ଧକ କିମ୍ବା ସ୍ୱାର୍ଥ ଆଦି ରହିଥାଏ ତେବେ ସେମାନେ ସମ୍ବନ୍ଧିତ ଦସ୍ତାବିଜ ସହିତ ନିଜର ଲିଖିତ ଆପତ୍ତି(ଗୁଡ଼ିକୁ) ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ବ୍ୟକ୍ତିଗତ ଭାବେ କିମ୍ବା ପଞ୍ଜୀକୃତ ଡାକ ଯୋଗେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ, ଅର୍ଥାତ୍ ତା:୩୧।୦୩।୨୦୨୬ରିଖ ସନ୍ଧ୍ୟା ଦାଖଲ କରିବେ ଏବଂ ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ଆପତ୍ତି ପ୍ରାପ୍ତ ନ ହୁଏ ତେବେ ଆମ୍ବର ମହକିଲ– ଏଚ୍‌ପିସିଏଲ୍ ଏହା ବିବେଚନା କରିବେ ଯେ କୌଣସି ଆପତ୍ତି ନାହିଁ ଏବଂ ନିର୍ଦ୍ଧାରିତ ସମୟସୀମା ପରେ ନିଜ ଦ୍ୱାରା କୌଣସି ଆପତ୍ତିକୁ ପ୍ରଶ୍ରୟ ଦିଆଯିବ ନାହିଁ ଓ ନିୟମ ଜମି ମାଲିକ(ଗଣ)ଙ୍କଠାରୁ ଅନୁସୂଚିତ ଜମିକୁ କ୍ରୟ କରିବା ପାଇଁ ଆଗକୁ ବଢ଼ିପାରିବେ ।

ସମ୍ପତ୍ତିର ଅନୁସୂଚୀ: ଗ୍ରାମ ବାଙ୍କେଲ–୫୮, ବହିସିଲ– ନର୍ଲା, ଜିଲ୍ଲା– କଳାହାଣ୍ଡି ନିମ୍ନଲିଖିତ ପରିସର ପର୍ଯ୍ୟନ୍ତ ବିସ୍ତାରିତ ନିମ୍ନଦର୍ଶିତ ପରିମାପର ଜମିର ସମସ୍ତ ଭାଗ ଓ ଅଂଶବିଶେଷ (i) ପ୍ଲଟ୍ ନଂ. ୮୭୦ ଦ୍ୱାରା ପରିସରଭୁକ୍ତ ଏ.୦.୨୨ ଡିସିମିଲ୍, ଚଉହଦୀ: ପୂର୍ବ: ୮୬୯, ଦକ୍ଷିଣ: ୮୭୦ (ପି), ପଶ୍ଚିମ: ୮୭୩, ଉତ୍ତର: ୮୭୧, (ii) ପ୍ଲଟ୍ ନଂ.୮୭୩ ଦ୍ୱାରା ପରିସରଭୁକ୍ତ ଏ. ୦.୧୧ ଡିସିମିଲ୍ ବିସ୍ତାର, ଚଉହଦୀ: ପୂର୍ବ: ୮୭୦, ଦକ୍ଷିଣ: ୮୭୩(ପି), ପଶ୍ଚିମ: ୮୦୨, ଉତ୍ତର: ୮୭୨, ଖାତା ନଂ. ୯୫/୧୩୭ ଅଧୀନରେ ଏବଂ (iii) ପ୍ଲଟ୍ ନଂ. ୮୭୨ ଦ୍ୱାରା ପରିସରଭୁକ୍ତ ଏ.୦.୮୨ ଡିସିମିଲ୍ ବିସ୍ତାର, ଚଉହଦୀ: ପୂର୍ବ: ୮୭୧, ଦକ୍ଷିଣ: ୮୭୩, ପଶ୍ଚିମ: ୮୦୨, ଉତ୍ତର: ୮୪୫, ଖାତା ନଂ. ୯୫/୮୧ ଅଧୀନରେ ।

ମନୋଜ କୁମାର ମହାପାତ୍ର, ଏଲ୍.ଏଲ୍.ଏମ୍., ଆଡ୍‌ଭୋକେଟ୍
ବିଳାସ ନିବାସ, ନବରାଜ ବିହାର ଲେନ୍, ଦକ୍ଷିଣକାଳୀ ରୋଡ୍, ଢେଙ୍କାନାଳ–୭୫୯୦୦୧ ।
ଏ/ପି: କୈକେୟୀ ନିବାସ, ପ୍ଲଟ୍ ନଂ. ୫୦୬/୧୦, କ୍ୟାମ୍ପସ୍–୪, ବୟଜ୍ ହଷ୍ଟେଲ୍, ଏସ୍‌ଓଏ, ସାମନ୍ତପୁର, ଭୁବନେଶ୍ୱର–୭୫୧୦୦୩
ଇମେଲ୍: manojakumar1970@gmail.com, ସେଲ୍: ୯୪୩୭୩୮୨୧୩୬, ୯୪୩୭୧୪୦୯୭୧

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ

ସାଧାରଣ ସୂଚନା

ଏଥିସହିତ ଜନସାଧାରଣଙ୍କୁ ଅବଗତ କରାଯାଉଛି ଯେ ପୁରୀ ଜିଲ୍ଲାର ୨୧.୦୦୦ କିଲୋମିଟର ଦୂର ପିପିଲିରେ ଟୋଲ୍ ପ୍ଲାଜା ଭୁବନେଶ୍ୱର-ପୁରୀ ସେକ୍ସନ ପାଇଁ ୦.୦୦୦ କିଲୋମିଟର ରୁ ୬୭.୨୩୮ କିଲୋମିଟର ଦୂର ଓଡ଼ିଶା ରାଜ୍ୟର NH-୩୧୬ (ପୁରୁଣା NH-୨୦୩) ପର୍ଯ୍ୟନ୍ତ ଉପଭୋକ୍ତା ଶୁଳ୍କ ହାର ୦୧.୦୪.୨୦୨୬ (୦୦:୦୦ ଘଣ୍ଟା) ଠାରୁ ୩୧.୦୩.୨୦୨୬ ପର୍ଯ୍ୟନ୍ତ ସଂଶୋଧନ କରାଯିବ:

ଯାନବାହାନର ବର୍ଗ	ଏକକ ଯାତ୍ରା ପାଇଁ ଶୁଳ୍କ (ଟଙ୍କା)	ଗୋଟିଏ ଦିନ ମଧ୍ୟରେ ଫେରିବା ଯାତ୍ରା ପାଇଁ ଦେୟ (ଟଙ୍କା)	୫୦ ମାସ ମଧ୍ୟରେ ଯାତ୍ରା ପାଇଁଶୁଳ୍କ (ଟଙ୍କା) ମାସିକ ପାସ୍ ଯାତ୍ରା ପାଇଁ ଶୁଳ୍କ
କାର, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ	୧୪୦	୨୧୫	୪୭୪୦
ହାଲୁକା ବାଣିଜ୍ୟିକ ଯାନ, ହାଲୁକା ସାମଗ୍ରୀ ଯାନ କିମ୍ବା ମିନି ବସ୍	୨୨୦	୩୩୩୫	୭୪୦୦
ବସ୍ କିମ୍ବା ଟ୍ରକ୍	୪୫୫	୬୮୦	୧୫୦୯୫
ଭାରୀ ନିର୍ମାଣ ଯନ୍ତ୍ରପାତି (HCM) କିମ୍ବା ପୃଥିବୀ ସ୍ଥାନାନ୍ତର ଉପକରଣ (EME) କିମ୍ବା ମଲ୍ଟି ଆକ୍ସଲ୍ ଯାନ (MAV) (ତିନିରୁ ଅଧିକ ଅକ୍ଷ)	୬୯୫	୧୦୪୦	୨୩୧୭୦
ବହୁ ଆକାରର ଯାନ (ସାତ କିମ୍ବା ଅଧିକ ଅକ୍ଷ)	୮୮୫	୧୩୨୫	୨୯୪୯୫

ଉପରୋକ୍ତ ଟୋଲ୍ ପ୍ଲାଜାରୁ 20 କିଲୋମିଟର ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣବାଣିଜ୍ୟିକ ଯାନବାହନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର 350 ଟଙ୍କା ଏବଂ "ବାର୍ଷିକ ପାସ୍" ଦର 3075 ଟଙ୍କା ଫି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସଂଶୋଧନ କରାଯିବ। PIU-ଭୁବନେଶ୍ୱର, NHAI, ଇମେଲ୍: bhu@nhai.org

Sd/-
ପ୍ରକଳ୍ପ ନିର୍ଦ୍ଦେଶକ

ଜେବଳ ରାସ୍ତା ନୁହେଁ, ଏକ ରାଷ୍ଟ୍ର ଗଠନ

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କ

ସଂକ୍ଷେପରେ

ଟ୍ରାକ୍ଟର ଯୋଗେ କାଠ ଚାଲାଣ

ଖଡ଼ିଆଳ,୩୦।୩ (ସୁଜିତ କୁମାର ପ୍ରଧାନ): ଖଡ଼ିଆଳ ରେଞ୍ଜ ରାଣୀମୁଣ୍ଡା ବିଟର ବିଭିନ୍ନ ଜଙ୍ଗଲରୁ ଦୈନନ୍ଦିନ ଟ୍ରାକ୍ଟର ଯୋଗେ ମୂଲ୍ୟବାନ ନିମ୍ନ ଓ ସାହାଜ କାଠ ଚୋରି ହେଉଥିବା ଅଭିଯୋଗ ହେଉଥିବାବେଳେ ରବିବାର ଏହାର ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। ରାତି ପ୍ରାୟ ୧୨ଟା ସମୟରେ ଏକ କାଠ ବୋଝେଇ ଟ୍ରାକ୍ଟର ଓଲଟିବା ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିଛି। ଦୁର୍ଘଟଣାରେ ଚାଳକ ଓ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ସମୟରେ ବନ ବିଭାଗରେ ବେସରକାରୀ ଭାବରେ କାମ କରୁଥିବା କେତେଜଣ ବ୍ୟକ୍ତି ଥିବା ଚର୍ଚ୍ଚା ହେଉଛି। ସରକାର ଯେଉଁ ମହତ୍ ଉଦ୍ଦେଶ୍ୟ ରଖି ବନ ସଂରକ୍ଷଣ କରୁଛନ୍ତି ତାହା କେବଳ କାଗଜ କଲମରେ ସୀମିତ ରହୁଛି। ଏ ସମ୍ପର୍କରେ ରାଣୀମୁଣ୍ଡା ଫରେଷ୍ଟର ରାଜେଶ ହରିଜନଙ୍କୁ ପଚାରିବରୁ ଏ ବିଷୟରେ ମୁଁ ଜାଣିନାହିଁ, ଏହାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।

ଆମ୍ବେଡକର ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ଥୁଆମୂଳ ରାମପୁର, ୩୦।୩ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ଆସନ୍ତା ଏପ୍ରିଲ ୧୪ରେ ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ ହେବ। ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ବାବା ଖଣ୍ଡୁଆଳା ଖେଳ ପଡ଼ିଆଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବାଇକ୍ ଶୋଭାଯାତ୍ରା ସହ ପଦଯାତ୍ରା ଆୟୋଜନ କରାଯିବା ନେଇ ସ୍ଥିର କରାଯାଇଛି। ଏହାର ସୁପରିଚାଳନା ପାଇଁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ନୂତନ କମିଟିର କର୍ମକର୍ତ୍ତା ଚୟନ କରିଛନ୍ତି। କମିଟି ସଭାପତି ଭାବେ ବିଜନ କୁମାର ନାଏକ, ଉପସଭାପତି ମନୋରଞ୍ଜନ ନାଏକ, ସମ୍ପାଦକ ପ୍ରଦୀପ ନାଏକ ଓ ଯୁଗ୍ମ ସମ୍ପାଦକ ଭାବେ ହିତେଶ ନାଏକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସେହିପରି ଦୁର୍ଗା କୀର୍ତ୍ତି କୋଷାଧ୍ୟକ୍ଷ ଓ ସୁରେନ୍ଦ୍ର ନାଏକଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହାସହ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଏଥିରେ ସୁବାସ ଚନ୍ଦ୍ର ନାଏକ, ମାଣିକ୍ୟ ଚନ୍ଦ୍ର ନାଏକ, ଅଗ୍ନି କୁମାର ନାଏକ, ଅଜିତ କୁମାର ଦୁର୍ଗା, କୃଷ୍ଣ ଚନ୍ଦ୍ର ନାଏକ, ରାମେଶ୍ୱର ନାଏକ, ମହେଶ୍ୱର ନାଏକ, ବଂଶୀଧର ନାଏକ ପ୍ରମୁଖ ସାମିଲ ଅଛନ୍ତି।

ତାଲଭଅଁରା ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

କେସିଙ୍ଗା,୩୦।୩(ତୁମେଶ୍ୱର ସାହୁ): କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ତାଲଭଅଁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୂଡ଼ାମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗ ମୁଖ୍ୟ ଅତିଥି, ହେମସାଗର ପୂଜାରୀ ବିଶିଷ୍ଟ ଅତିଥି ଓ ସ୍କୁଲ ପରିଚାଳନା କମିଟି ସଭାପତି ସୁବାସ ସାହୁ, ମାର୍କଣ୍ଡ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ସାହୁ ବିବରଣୀ ମାଧ୍ୟମରେ ବିଦ୍ୟାଳୟର ସୁବିଧା ଅସୁବିଧା ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ବରିଷ୍ଠ ଶିକ୍ଷକ ଧର୍ମେନ୍ଦ୍ର କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କିଡ଼ିଙ୍ଗ ଗାଁରେ ଚାଷ ହୋଇଥିବା ସୂର୍ଯ୍ୟମୁଖୀ।

ସୂର୍ଯ୍ୟମୁଖୀ ଚାଷ ପ୍ରତି ବଢୁଛି ଚାଷୀଙ୍କ ଆଗ୍ରହ

ଭବାନୀପାଟଣା,୩୦।୩(ଉତ୍ତମ କୁମାର ଦାଶ)

ପାଣି ସମସ୍ୟା ଚିନ୍ତା ବଢାଉଛି

କମ୍ ଖର୍ଚ୍ଚରେ ଅଧିକ ଲାଭ ଦେଉଥିବା ଚାଷ ହେଉଛି ସୂର୍ଯ୍ୟମୁଖୀ। ଧାନ ଅମଳ ହେବା ପରେ ଅର୍ଥାତ୍ ଜାନୁଆରୀ ମାସରେ ଆରମ୍ଭ ହୋଇଥାଏ ଏହି ଚାଷ। ଏପ୍ରିଲ ମାସ ବେଳକୁ ଅମଳ ହୋଇଥାଏ। କଳାହାଣ୍ଡି ଜିଲାର ଅନେକ ପାହାଡିଆ ଅଞ୍ଚଳରେ ଏହି ସୂର୍ଯ୍ୟମୁଖୀ ଚାଷ କରାଯାଉଛି। ଚାଷୀମାନେ ଏହାକୁ ଏକ ଅର୍ଥକରୀ ଫସଲ ଭାବରେ ଆପଣାଇ ନେଇଛନ୍ତି। ଜିଲାର କେତେକ ବ୍ଲକରେ କୃଷି ବିଭାଗର ପ୍ରୋତ୍ସାହନ ଫଳରେ ଚାଷୀମାନେ ସୂର୍ଯ୍ୟମୁଖୀ ଚାଷ ପ୍ରତି ଆକୃଷ୍ଟ ହେଉଛନ୍ତି। କିନ୍ତୁ ପାଣି ସମସ୍ୟା ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଣ ସୁବିଧା ନ ଥିବା ଯୋଗୁ ଫସଲ ବୃଦ୍ଧି ବାଧାପ୍ରାପ୍ତ ହେଉଛି। ବିଶେଷକରି ଗ୍ରୀଷ୍ମକାଳରେ ପାଣିର ଅଭାବ ସମସ୍ୟାକୁ ଜଟିଳ କରୁଛି, ଯାହା ଚାଷୀଙ୍କୁ ଚିନ୍ତାରେ ପକାଉଛି। ଜିଲାର ଦୁର୍ଗମ ପାହାଡିଆ ଅଞ୍ଚଳ ଲାଞ୍ଜିଗଡ଼ ବ୍ଲକ କିଡିଙ୍ଗ ଗାଁର ସୂର୍ଯ୍ୟମୁଖୀ ଚାଷୀ ଲୋଚନ ଶବର କହନ୍ତି, ଆମ ଅଞ୍ଚଳରେ ଅନେକ ଜମିରେ ସୂର୍ଯ୍ୟମୁଖୀ ଚାଷ ହୋଇଛି। କୃଷି ବିଭାଗ ପକ୍ଷରୁ ମାଗଣାରେ ବିହନ ଯୋଗାଇ ଦିଆଯାଇଛି। ଏହାସହ ଆମ ଅଞ୍ଚଳରେ ଏକ ମିଲ ମଧ୍ୟ ସ୍ଥାପନ କରଯାଇଛି। ଆହୁରି ଅଧିକ ଜମିରେ ଚାଷ କରି ଉପକୃତ ହୁଅନ୍ତୁ, କିନ୍ତୁ ପାଣିର ସମସ୍ୟା ରହିଛି। ତଳିଆ ଅଞ୍ଚଳରେ ଜମି ପଡ଼ିଆ ପଡ଼ିଛି। ପାଣି ସୁବିଧା ହେଲେ ଆହୁରି ଅଧିକ ଚାଷ କରିପାରନ୍ତୁ ବୋଲି କହିଛନ୍ତି। ଚାଷୀ ମଣିଆ ଶବର କହନ୍ତି ଯେ, ଭଲ ଲାଭ ହେଉଛି ବୋଲି ଆମେ ଏହି ଚାଷ କରୁଛୁ। ଯେତିକି ପରିଶ୍ରମ ହେଉଛି ସେହି ଅନୁସାରେ ଲାଭ ବି ହେଉଛି । ଘରେ ଖାଇବା ସହ ବିକ୍ରି ମଧ୍ୟ କରୁଛୁ। ଚାଷ ସମୟରେ ବହୁତ ପରିଶ୍ରମ କରିବାକୁ ପଡୁଛି। ବିଶେଷ କରି ଫୁଲକୁ ଶୁଆ ଖାଇଦେଉଥିରୁ ଜଗି ବସିବାକୁ ପଡୁଛି ବୋଲି କହିଛନ୍ତି। ଚଳିତ ବର୍ଷ କିଡ଼ିଙ୍ଗ ଗାଁର ପ୍ରାୟ ୧୦୦ ଜଣ ଚାଷୀ ୩୦୦ ଏକର ଜମିରେ ସୂର୍ଯ୍ୟମୁଖୀ ଚାଷ କରିଥିବା ବେଳେ ଭଲ ଫସଲ ମଧ୍ୟ ହୋଇଛି। ଫଳର ଚାଷୀମାନେ ଭଲ ଦୁଇ ପଇସା ରୋଜଗାର ଆଶା ରଖିଛନ୍ତି। ସୂର୍ଯ୍ୟମୁଖୀ ଚାଷକୁ ବିକଳ୍ପ ଆୟର ମାଧ୍ୟମ ଭାବେ ନେଇ ଚାଷୀମାନେ ନୂତନ ଆଶା ଦେଖୁଛନ୍ତି। ବିଶେଷକରି ଏହି ତୈଳବୀଜ ଫସଲର ଚାହିଦା ବଜାରରେ ବଢୁଥିବାରୁ ଏହା ଲାଭଜନକ ହେବ ବୋଲି ଚାଷୀ ଆଶା ରଖିଛନ୍ତି।

ରିଷିଡ଼ା ରାମଲୀଳା: ଶିବଧନୁ ଭଗ୍ନ ମଞ୍ଚସ୍ଥ

ରିଷିଡ଼ା,୩୦।୩ (ସୁଶାନ୍ତ ମଲ୍ଲିକ)

ଶିବଧନୁ ଭଗ୍ନ ନାଟକର ଏକ ଦୃଶ୍ୟ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦ କୁୟାରପଡ଼ା ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ତୃତୀୟ ରଜନୀ ରାମଲୀଳାରେ ଶିବଧନୁ ଭଗ୍ନ ନାଟକ ମଞ୍ଚସ୍ଥ ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ଖୋଲା ରଙ୍ଗମଞ୍ଚରେ କଳାକାରଙ୍କ ନାଟ୍ୟ ଅଭିନୟ ବେଶ୍ ଆକର୍ଷଣୀୟ ଥିଲା। ଏଠାରେ ଶ୍ରୀରାମ ନବମୀଠାରୁ ୧୪ ଦିନ ପର୍ଯ୍ୟନ୍ତ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଥାଏ। ନାଟକର ବିଭିନ୍ନ ଭୂମିକାରେ ଶ୍ରୀରାମ ରାମ ଚରଣ ରଣା, ଲକ୍ଷ୍ମଣ ସାନ ରଣା, ସୀତା ନିମାଇଁ ରଣା, ବିଶ୍ୱାମିତ୍ର ଲକ୍ଷ୍ମଣ ରଣା, ଅହଲ୍ୟା ରମେଶ ବାରିକ/ବଡ଼ ରଣା, ଜନକ ସଞ୍ଜୟ ରଣା ପ୍ରମୁଖ ଅଭିନୟ କରୁଛନ୍ତି। ମୋହନ ଲାଲ ରଣା ପୁରାଣ ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି। ସାଂସ୍କୃତିକ ସଂସଦ ସଭାପତି ସୁରେନ୍ଦ୍ର ରଣା, ସମ୍ପାଦକ ମନୋଜ ରଣା, ସହ ସମ୍ପାଦକ ପ୍ରଦୀପ ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ଚତୁର୍ଥ ରଜନୀରେ ସୀତା ବିବାହ ଓ ପର୍ଶୁରାମ ଭେଟ ନାଟକ ମଞ୍ଚସ୍ଥ ହେବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି

କୋକସରା,୩୦।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣିସ୍ଥିତ ସତ୍‌ସଙ୍ଗ ବିହାରଠାରେ ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ପର୍ଶୁରାମ ଜୟନ୍ତୀ ପାଳନ ନିମନ୍ତେ ଅନୁଷ୍ଠିତ ବୈଠକରେ କୋକସରା ବ୍ଲକ ବ୍ରାହ୍ମଣ ସମାଜର ସଭାପତି ଶ୍ରୀମନ୍ତ ପାଢୀ ସଭାପତିତ୍ୱ କରିଥିଲେ। ବ୍ଲକ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆସନ୍ତା ଏପ୍ରିଲ ୧୯ରେ ଆମପାଣିଠାରେ ବ୍ଲକସ୍ତରୀୟ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ସ୍ଥିରୀକୃତ କରାଯିବା ସହିତ ରୂପରେଖ ପ୍ରସ୍ତୁତ ହୋଇଥିଲା। ଏହି ଅବସରରେ କୋକସରା ବ୍ଲକ ପର୍ଶୁରାମ ସେନାର ସାଧାରଣ ସମ୍ପାଦକ ଈଶ୍ୱରୀ ପ୍ରସାଦ ଅଗସ୍ତି, ଅମିତ କୁମାର ପଣ୍ଡା, ସ୍ୱପ୍ନେନ୍ଦୁ କୁମାର ମୁଣ୍ଡ, ଭାରତ ଭୂଷଣ ଠାକୁର, ସୁରେଶ ଶର୍ମା, ରାଜୁ ଶର୍ମା, ଶ୍ରବଣ କୁମାର ପାଢୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଶେଷରେ ଆମପାଣି ଆଞ୍ଚଳିକ ବ୍ରାହ୍ମଣ ସମାଜର ସଭାପତି ଜିତେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେଡି ନେତାଙ୍କ ଧର୍ମପତ୍ନୀଙ୍କ ଝୁଲନ୍ତା ମୃତଦେହ ଜବତ

ନୂଆପଡ଼ା,୩୦।୩ (ମକାରୁ ବେମାଲ):

ନୂଆପଡା ସହରର ମାତାଗୁଡି ପଡାସ୍ଥିତ ଏକ ବେଲଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ପୂର୍ବତନ ଯୁବ ବିଜୁ ଜନତା ଦଳ ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡାଙ୍କ ସ୍ତ୍ରୀ ପୂଜା ପଣ୍ଡା(୩୫)। ନୂଆପଡା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ ରବିବାର ରାତି ପ୍ରାୟ ୮ଟା ସମୟରେ ପୂଜା ବାହାରକୁ ଯାଇ ଘରକୁ ଫେରି ନଥିଲେ। ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିବା ସମୟରେ ଘର ସମ୍ମୁଖରେ ଏକ ବେଲ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ରାତି ପ୍ରାୟ ୯ଟା ସମୟରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ରଣଜିତ ନାୟକ ଓ ସଦର ଥାନା ଅଧିକାରୀ ଗଙ୍ଗାଧର ମେହେର ପହଞ୍ଚି ମୃତଦେହ ଜବତ କରିଥିଲେ । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଝିଅର ବାପା ଘର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି । ଏ ନେଇ ନୂଆପଡା ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ମେହେର କହିଛନ୍ତି ।

ବ୍ଲକ କ୍ୱାର୍ଟର୍ସରେ ଭୋଜିଭାତ, ଭିଡ଼କୁ ନେଇ ଚର୍ଚ୍ଚା

ଗୋଲାମୁଣ୍ଡା,୩୦।୩(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ କ୍ୱାର୍ଟର୍ସରେ ଭିଡ଼କୁ ନେଇ ଏବେ ସବୁଠି ଚର୍ଚ୍ଚା ଚାଲିଛି। ଏଠାରେ ବିଶେଷକରି ଠିକାଦାରଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏହି କ୍ୱାର୍ଟର୍ସ ବ୍ଲକର ଜଣେ ଅଧିକାରୀଙ୍କ ନାମରେ ଇସ୍ୟୁ କରାଯାଇଛି। ଏପରିସ୍ଥଳେ ନିର୍ଦ୍ଦିଷ୍ଟ କେତେକ ଗ୍ରାମପଞ୍ଚାୟତର ଠିକାଦାର ଏଠାରେ ଅଧିକାଂଶ ସମୟ ଉପସ୍ଥିତ ରହିବା ସାଙ୍ଗକୁ ଭୋଜିଭାତର ଆସର କରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ବ୍ଲକ କାର୍ଯ୍ୟାଳୟ ଚାରି ପାର୍ଶ୍ୱରେ ଏଆଇ ସିସିଟିଭି କ୍ୟାମେରା ଲଗାଯାଇଥିଲେ ମଧ୍ୟ ଏହାକୁ ଭ୍ରୂକ୍ଷେପ ନ କରି ଆଡ୍ଡା ଜମାଇବା ଘଟଣାକୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ବିଡିଓ ଅତର୍କିତ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ଗୋଲାମୁଣ୍ଡା ବିଡିଓ ତ୍ରିପୁର ମହାନନ୍ଦଙ୍କୁ ପଚାରିବାରୁ ବୋଧହୁଏ ଭୋଜିର ଆୟୋଜନ ହୋଇଥିବ, ଏଥିପାଇଁ ଭିଡ଼ ଥିବ। ତଥାପି ଏ ବିଷୟକୁ ଗମ୍ଭୀରତାର ସହ ନେଇ ଅନୁଧ୍ୟାନ କରୁଛି ବୋଲି ସେ କହିଥିଲେ।

ଏକ୍ସପ୍ରେସ୍ ଟ୍ରେନ୍ ରହଣି ପାଇଁ ଦାବିପତ୍ର

ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ଦିଆଯାଉଛି।

ବୁପ୍ରା ରୋଡ,୩୦।୩(ସଞ୍ଜୀବ ଦାସ)

ନର୍ଲାରୋଡ ରେଳ ଷ୍ଟେଶନଠାରେ ପୂର୍ବରୁ ଯେଉଁସବୁ ଏକ୍ସପ୍ରେସ୍ ଟ୍ରେନ୍ ରହଣି ହେଉଥିଲା ସେଗୁଡିକୁ ପୁନଃ ରହଣି ପାଇଁ ଦାବି ହୋଇଛି। ଏ ନେଇ ନର୍ଲା ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ କଳାହାଣ୍ଡି ଲୋକ ସଭା ସଦସ୍ୟ ମାଲବିକା ଦେବୀ ଓ ରେଳମନ୍ତ୍ରୀଙ୍କୁ ଟ୍ରେନ୍ ରହଣି ପାଇଁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ସୋମବାର ନର୍ଲା ସ୍ୱାଭିମାନ ମଞ୍ଚ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ସମତା ଏକ୍ସପ୍ରେସ, ତିରୁପତି ବିଳାସପୁର ଏକ୍ସପ୍ରେସ ଓ ଇସ୍ପାତ ଟ୍ରେନ୍ ରହଣି ପାଇଁ ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ପୂର୍ବତଟ ରେଳବାଇ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯଇଛି। ଏହି ସମୟରେ ଦିପୁ ପାତ୍ର, ବୁଲ ଗୌଡିଆ, ଅନିରୁଦ୍ଧ ବିଶ୍ୱାଳ, ଦୁର୍ଯ୍ୟୋଧନ କୁମାରଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

ଭେଲା ନାମଯଜ୍ଞ ଭକ୍ତିଭାବ, ଭାଇଚାରାର ନିଦର୍ଶନ

ନୂଆପଡ଼ା,୩୦।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା ଭେଲା ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞ ଓ ବୈଠକି ସଂକୀର୍ତ୍ତନ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହା ଭକ୍ତିଭାବ ଓ ଭାଇଚାରାର ନିଦର୍ଶନ ବୋଲି ସବୁଠି ଆଲୋଚନା ହେଉଛି। ଏହି ନାମଯଜ୍ଞ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା। ସମ୍ପାଦକ ଭୁବନେଶ୍ୱର ମିଶ୍ର, ସରପଞ୍ଚ ବିମଳ ଯୋଶୀ ଓ କର୍ତ୍ତା ସ୍ୱପ୍ନେଶ୍ୱର ଯୋଶୀଙ୍କ ସୁସଂଗଠିତ ନେତୃତ୍ୱରେ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ବରଗଡ଼ର ବିଶ୍ୱାମିତ୍ର ପାଣ୍ଡେଙ୍କ ବାଦ୍ୟ ଝଙ୍କାର ଓ କୁଜି ପ୍ରତିଭା ସୁମି ବାଗଙ୍କ ସୁମଧୁର ସଙ୍କୀର୍ତ୍ତନ ପରିବେଶକୁ ଅଲୌକିକ କରିଦେଇଥିଲା। ସେହିପରି ଇତିଶ୍ରୀ କର, ଜ୍ୟୋସ୍ନାମୟୀ ଦୀକ୍ଷିତ ଓ ସଙ୍କୀର୍ତ୍ତନ ସମ୍ରାଟ ଜୟନ୍ତ ନନ୍ଦଙ୍କ ଗାୟନ ଶୈଳୀରେ ଶ୍ରଦ୍ଧାଳୁମାନେ ବିଭୋର ହୋଇଯାଇଥିଲେ। ଖବରଦାତା ମୁକେଶ କୁମାର ଦଣ୍ଡସେନାଙ୍କ ମଞ୍ଚ ପରିଚାଳନା ଓ ଅତିଥିମାନଙ୍କ ଓଜସ୍ୱିନୀ ଭାଷଣ ଶେଷ ସନ୍ଧ୍ୟାର ବୈଠକୀ କାର୍ଯ୍ୟକ୍ରମକୁ ଏକ ଭିନ୍ନ ରୂପ ଦେଇଥିଲା। ଅନ୍ନଛତ୍ରରେ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଭେଲା ଗ୍ରାମବାସୀଙ୍କ ସହଭାଗିତା ଓ ସାମୂହିକ ଏକତା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ରାଜକୁମାର ନିଆଲ, ଗୁଣସାଗର ନିଆଲ, ରତିକାନ୍ତ ମହାନ୍ତି, ସନ୍ତୋଷ ସୂପକାର, ନରେଶ ଦଣ୍ଡସେନା ପ୍ରମୁଖ ଏଥିରେ ସକ୍ରିୟ ଭୂମିକା ନିଭାଇଥିଲେ। ଏହି ନାମଯଜ୍ଞ ନୂଆପଡା ଇତିହାସରେ ଯୋଡିହୋଇ ରହିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

କେନାଲ ମରାମତିରେ ଅବହେଳା: ଚାଷୀଙ୍କ ଅସନ୍ତୋଷ

ଗୋଲାମୁଣ୍ଡା,୩୦।୩(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫୋଇରିପାଣିଠାରେ ଥିବା କାଟିକୁଟା ଯୋଜନାର କେନାଲ ମରାମତି କାର୍ଯ୍ୟରେ ଅବହେଳା ନେଇ ସ୍ଥାନୀୟ ଗୋଲାମୁଣ୍ଡା, ଫୋଇରିପାଣି ଓ ସିନାମାଲ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, କାଟିକୁଟା କେନାଲ ମରାମତି କରିବା ପାଇଁ ସ୍ଥାନୀୟ ଚାଷୀମାନେ କ୍ଷୁଦ୍ର ଜଳ ବିଭାଜନ ବିଭାଗକୁ ଲିଖିତ ଭାବେ ଜଣାଇବା ପରେ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, କାର୍ଯ୍ୟ ସ୍ଥଳରେ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ନିମ୍ନମାନର କାର୍ଯ୍ୟ କରାଯାଉଛି। ଏ ନେଇ ତାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ମଧ୍ୟ ସ

ବିନିକା, (ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ଥାନା ପାଟ୍ରୋଲିଂ ପୋଲିସ ସୋମବାର ସନ୍ଧ୍ୟାରେ ଫାୟାର ଷ୍ଟାଣ୍ଡ ପାଖରେ ଚଢାଉ କରି ଏକ କାରରୁ ୨୪୦ବୋତଲ କଫସିରପ ଜବତ କରିଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନରେନ୍ଦ୍ର ଦାସ, ଧୀରେନ୍ଦ୍ର ବେହେରା, ହେମନ୍ତ ବସ୍ତିଆ ଓ ଶେଷଦେବ ସିଦ୍ଧିରିଆ। ଘଟଣାର ଅଧିକ ତଦନ୍ତ ଚାଲିଥିବା ଆଇଆଇସି ସତ୍ୟନାରାୟଣ ପଧାନ କହିଛନ୍ତି।

ସରକାରୀ ବସ୍‌ଷ୍ଟାଣ୍ଡ, ମିଳୁନି ମୌଳିକ ସେବା

ବରଗଡ଼,୩୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସରକାରୀ ବସଷ୍ଟାଣ୍ଡ।

ଅପରିଷ୍କାର ଭାବେ ପଡ଼ିଥିବା ଶୌଚାଳୟ।

- ସଫେଇ ହେଉନି ଶୌଚାଳୟ, ଯାତ୍ରୀ ହଟହଟା
- ପରିମଳ ସେବା ବିପର୍ଯ୍ୟସ୍ତ, ସଂକ୍ରମଣ ଆଶଙ୍କା

ବରଗଡ଼ ସହର ବିକଶିତ ହେଉଛି। ରାସ୍ତାଘାଟ ପ୍ରଶସ୍ତୀକରଣ ସହିତ ରାସ୍ତାପାର୍ଶ୍ୱରେ ନୂତନ ଡ୍ରେନ୍ ନିର୍ମାଣ କରାଯାଉଛି। ଏଥିପାଇଁ ଅନେକ ଗରିବ ଖଟିଖିଆ ଲୋକଙ୍କୁ ସେମାନଙ୍କ ଉଠା ଦୋକାନ, ଘର ହରାଇବାକୁ ପଡୁଛି। ଅନ୍ୟପଟେ ସହରରେ ଏଭଳି ସମସ୍ୟା ରହିଛି, ଯେଉଁଠି ବିକାଶର ବିକଳ ଚିତ୍ର ବାରି ହୋଇପଡୁଛି। ସହର ପେଣ୍ଠସ୍ଥଳୀରେ ରହିଥିବା ସରକାରୀ ବସ୍‌ଷ୍ଟାଣ୍ଡରୁ ଏହା ଜଳଜଳ ହୋଇ ଦିଶୁଛି। ବସଷ୍ଟାଣ୍ଡ ପରିସରରେ ଏକ ଶୌଚାଳୟ ରହିଛି। ତେବେ ତା'ର ରକ୍ଷଣାବେକ୍ଷଣ ତ ଦୂରର କଥା, ଶୌଚାଳୟର ସଫେଇ ମଧ୍ୟ ହେଉ ନାହିଁ। ଫଳରେ ନାକଫଟା ଗନ୍ଧ ଯୋଗୁ ଶୌଚାଳୟ ଭିତରକୁ ପଶିବା ଯାତ୍ରୀମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡୁଛି। ସେହିପରି ଶୌଚାଳୟର ପାରିପାର୍ଶ୍ୱିକ ଅଞ୍ଚଳ ମଧ୍ୟ ଅପରିଷ୍କୃତ ଭାବେ ପଡ଼ି ରହିଛି ଏବଂ ଏଥିପାଇଁ ନାନା ରୋଗ ଜୀବାଣୁର ଉପଦ୍ରବ ସହିତ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ତେବେ ଏହା ସ୍ଥାନୀୟ ଜନ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିରେ ପଡୁନାହିଁ, ତାହା ନୁହେଁ। ସମସ୍ତଙ୍କ ଆଖି ଆଗରେ ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଛି। କିନ୍ତୁ ପ୍ରଶାସନିକ ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସେହି ସମସ୍ୟା ଅସମାହିତ ହୋଇ ରହି ଯାଇଛି। ରାଜ୍ୟର ସର୍ବପୁରାତନ ବସଷ୍ଟାଣ୍ଡଗୁଡ଼ିକ ମଧ୍ୟରୁ ବରଗଡ଼ ସରକାରୀ ବସଷ୍ଟାଣ୍ଡ ଅନ୍ୟତମ। ୧୯୫୨ ମସିହାରୁ ଏହା ପ୍ରତିଷ୍ଠିତ ହୋଇଛି। ଉକ୍ତ ବସଷ୍ଟାଣ୍ଡରେ ଦିନକୁ ଦିନ ଯାତ୍ରୀବାହୀ ବସ୍ ସଂଖ୍ୟା ବଢ଼ିଛି। ଯାତ୍ରୀମାନେ ଦୂରସ୍ଥାନକୁ ଯିବାରେ ସେହି ସୁବିଧା ପାଇ ପାରୁଛନ୍ତି ସତ। କିନ୍ତୁ ଏପର୍ଯ୍ୟନ୍ତ ବସଷ୍ଟାଣ୍ଡ ପରିସରରେ କିଛି ନୂତନତା ଆସି ପାରି ନାହିଁ। ଅନ୍ୟପଟେ ବସଷ୍ଟାଣ୍ଡରେ ଯାତ୍ରୀମାନେ ସର୍ବନିମ୍ନ ମୌଳିକ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସଆରଟିସି) ଏଠାରେ ନିଜସ୍ୱ ଶୌଚାଳୟ କିମ୍ବା ପାନୀୟଜଳ ବ୍ୟବସ୍ଥା କରିପାରି ନାହିଁ। ୨୦୦୯ରେ ତତ୍କାଳୀନ ବରଗଡ଼ ଏମ୍‌ପିଙ୍କ ଅନୁଦାନ ପାଣ୍ଠିରୁ ଶୌଚାଳୟ ଏବଂ ଥଣ୍ଡା ପାନୀୟଜଳ ପ୍ରକଳ୍ପ କରାଯାଇଥିଲା। ମାତ୍ର ବର୍ଷର ଅଧିକାଂଶ ସମୟ ଧରି ତାହା ଅଚଳ ହୋଇ ପଡ଼ିଥାଏ। ଏବେ ପାନୀୟଜଳ ପ୍ରକଳ୍ପ ଚାଲୁଛି, କିନ୍ତୁ ଶୌଚାଳୟର ଦୁରବସ୍ଥା କହିଲେ ନ ସରେ। ସଫେଇ ଅଭାବରୁ ଶୌଚାଳୟ ପରିସର ଅପରିଷ୍କୃତ ହୋଇ ପଡ଼ି ରହିଛି। ଏପରିକି ସେଠାରେ ଖାଲି କଫ ସିରପ୍ ବୋତଲ ମଧ୍ୟ ପଡ଼ିଥିବା ପରିଲକ୍ଷିତ ହେଉଛି। ଏହି ଦୃଷ୍ଟିରୁ ଯାତ୍ରୀଙ୍କ ସେବା ପାଇଁ ଉଦ୍ଦିଷ୍ଟ ଶୌଚାଳୟ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ।

ବସ ସଂଖ୍ୟା ବୃଦ୍ଧି ପାଇଥିବାରୁ ଉକ୍ତ ବସଷ୍ଟାଣ୍ଡରେ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ଏହି ବସଷ୍ଟାଣ୍ଡରୁ ଗ୍ରାମାଞ୍ଚଳକୁ ଲକ୍ଷ୍ମୀ ବସ୍ ନିୟମିତ ଯାତାୟାତ କରୁଛି। ସେହିପରି ଜିଲା ତଥା ଜିଲା ବାହାରକୁ ମଧ୍ୟ ଅନେକ ବସ୍ ଯିବା ଆସିବା କରୁଛି। କେବଳ ସେତିକି ନୁହେଁ, ଏହି ବସଷ୍ଟାଣ୍ଡ ଦେଇ ରାଜ୍ୟ ବାହାରକୁ ମଧ୍ୟ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ହେଲେ ଏପର୍ଯ୍ୟନ୍ତ ଉକ୍ତ ବସଷ୍ଟାଣ୍ଡ ପରିସରର କିଛି ବିକାଶ ହୋଇପାରି ନାହିଁ ଏବଂ ସେଥିପାଇଁ ଯାତ୍ରୀମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଶୌଚାଳୟ ସମସ୍ୟା ନିତିଦିନିଆ ଘଟଣା। ତେବେ ବର୍ଷାଦିନେ ବସଷ୍ଟାଣ୍ଡର ସମସ୍ୟା ଆହୁରି ବଢ଼ି ଯାଏ। ଡ୍ରେନେଜ୍ ସୁବ୍ୟବସ୍ଥା ନ ଥିବା ଯୋଗୁ ସାମାନ୍ୟ ବର୍ଷାରେ ବସଷ୍ଟାଣ୍ଡ ଜଳାର୍ଣ୍ଣବ ହୋଇପଡ଼େ। ସେହିପରି ବସଷ୍ଟାଣ୍ଡରୁ ଉଚ୍ଚରେ ମୁଖ୍ୟରାସ୍ତା ଥିବାଯୋଗୁ ରାସ୍ତା ପାଣି ମଇଲା, ଆବର୍ଜନା ସହିତ ବସଷ୍ଟାଣ୍ଡକୁ ପଶିଥାଏ। ଫଳରେ ବସକୁ ଚଢ଼ିବା କିମ୍ବା ବସ୍‌ରୁ ଓହ୍ଲାଇବା ସମୟରେ ଯାତ୍ରୀମାନଙ୍କୁ ଖୁବ୍ ହଟହଟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଦୀର୍ଘବର୍ଷରୁ ଏହି ସମସ୍ୟା ରହିଛି। ମାତ୍ର ଏଥିପ୍ରତି ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ଆଖିବୁଜି ଦେଇଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଡିଜିଟାଲ ଜନଗଣନା ତାଲିମ ଶିବିର

ଡିଜିଟାଲ ଜନଗଣନା ତାଲିମ ଶିବିରରେ ଶିବିରାର୍ଥୀମାନେ।

ବୀରମହାରାଜପୁର,୩୦।୩
(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଳିକା ଉଚ୍ଚ ବିଦ୍ୟାଳୟଠାରେ ତହସିଲ ଅଫିସ ତରଫରୁ ଡିଜିଟାଲ ଜନଗଣନା ପାଇଁ ପ୍ରଥମ ପର୍ଯ୍ୟାୟ (ଗୃହ ତାଲିକା ଓ ଗୃହ ଗଣନା) ତାଲିମ ଶିବିର ସୋମବାର ଆରମ୍ଭ ହୋଇଛି। ଜନଗଣନା ଅଧିକାରୀ ତଥା ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ମାଷ୍ଟର ଟ୍ରେନରଭାବେ ଡେପୁଟି କଲେକ୍ଟର ପ୍ରୀତମ ମହାନ୍ତି, ନରେନ୍ଦ୍ର କୁମାର ଭୋଇ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ବ୍ଲକ କୃଷି ଅଧିକାରୀ ଯଶୋବନ୍ତ ପଧାନ ତାଲିମ ପ୍ରଦାନ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୭୨ ଜଣ ଏନୁମେଟର ସୁପର୍‌ଭାଇଜରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତିନିଦିନିଆ ଶିବିରରେ ଏନୁମେଟର ସୁପର୍‌ଭାଇଜର୍‌ମାନଙ୍କୁ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କିଭଳି ଭାବରେ କରିବେ ତା'ଉପରେ ତାଲିମ ପ୍ରଦାନ କରାଯାଉଛି। ଏପ୍ରିଲ ୧୬ ଠାରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଗୃହ ଗଣନା ପାଇଁ ୩୪ଟି ପ୍ରଶ୍ନ ରହିଛି। ଏହା ଉପରେ ବିଶେଷ ଭାବେ ତାଲିମ ପ୍ରଦାନ କରାଯାଇଛି ବୋଲି ମାଷ୍ଟର ଟେନନ ଡେପୁଟି କଲେକ୍ଟର ପ୍ରୀତମ ମହାନ୍ତି ସୂଚନା ଦେଇଛନ୍ତି।

ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ବିନିକା, ୩୦।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ନୂଆପାଲି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଘଣ୍ଟବାଦ୍ୟ ଶଙ୍ଖ ଓ ହୁଳହୁଳି ଧ୍ୱନିରେ ବିନିକା ସହର ଚଣ୍ଡୀପଡା ମହାନଦୀ ଘାଟରୁ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ଭାବେ ଉମାବଲ୍ଲଭ ଷଡ଼ଙ୍ଗୀ ପୂଜା କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ରଞ୍ଜିତ ନାଏକ ଓ ତାଙ୍କ ଧର୍ମପତ୍ନୀ ଆରତୀ ନାଏକ ଦାୟିତ୍ୱ ନିର୍ବାହ କରିଥିଲେ। ମଙ୍ଗଳବାର ସକାଳ ୮ ଟାରୁ ନାମ ଆରମ୍ଭ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ନୂଆପାଲି ଗ୍ରାମ୍ୟ କମିଟି ସଭାପତି ଅଜିତ ଦାଶ, ସମ୍ପାଦକ ଶିବନାରାୟଣ ନାୟକ, ଯୁବକ ସଂଘସଭାପତି ପ୍ରେମରାଜ ଭୁଏ, ସମ୍ପାଦକ ହିତୁ ଭୁଏଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

ଗଡ଼ଜାତର ରାମକଥା ଆଲୋଚନାଚକ୍ର

ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ।

ବୌଦ୍ଧ, ୩୦।୩(ଅଜିତ କୁମାର ବାରିକ)

ବୌଦ୍ଧ ରାମଲୀଳା ଯାତ୍ରା ପରମ୍ପରାକୁ ନେଇ ଶ୍ରୀରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ବୌଦ୍ଧ ଗଡଜାତର ରାମକଥା ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଗତ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀରାମଲୀଳା ନାଟ୍ୟ ସଂସଦ ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ବିଭୂତି ଭୂଷଣ ନାଏକ ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଶ୍ରୀରାମଲୀଳା ନାଟକର ରଚୟିତା ହୃଦାନନ୍ଦ ମେହେର ଓ ନିର୍ଦ୍ଦେଶକ ଭବାନୀଶଙ୍କର ମହାପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ. ଜ୍ୟୋତିରଞ୍ଜନ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ନଅଜଣ ଗବେଷକ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ବାସୁଦେବ ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସୁଶାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଡଃ. କଳ୍ପତରୁ ନାଏକ ସମୀକ୍ଷା କରିଥିଲେ। ଉଦଯାପନୀ ସଭାରେ ସୁବର୍ଣ୍ଣପୁର ଜିଲାପାଳ ଡଃ. ନୃପରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ଗବେଷକ, ଆଲୋଚକ ଏବଂ ବୌଦ୍ଧ ଶ୍ରୀରାମଲୀଳା ଯାତ୍ରାର ରଚୟିତା ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

ବରିଷ୍ଠ ନାଗରିକ ସଙ୍ଗଠନ ସଦସ୍ୟଙ୍କ ପରଲୋକରେ ଶୋକ

ବୀରମହାରାଜପୁର, ୩୦।୩
(ଯୁଗଳ କିଶୋର ମିଶ୍ର):

ବରିଷ୍ଠ ନାଗରିକ ସଙ୍ଗଠନ ସଦସ୍ୟ ନରେନ୍ଦ୍ର ସାହୁଙ୍କ ଦେହାନ୍ତରେ ସୋମବାର ପୂର୍ବାହ୍ନ ଦଶଟାରେରେ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଦୟାନିଧି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସଭାପତି ଡ ପ୍ରଫୁଲ୍ଲ କୁମାର ରଥ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସମ୍ପାଦକ ଡ ଦ୍ୱିତୀକୃଷ୍ଣ ପଣ୍ଡା, ପୂର୍ବ ସଭାପତି କୃଷ୍ଣଚନ୍ଦ୍ର ପାଢ଼ୀ, ଭଗବାନ ମିଶ୍ର, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର,ସଦସ୍ୟ ଜ୍ଞାନେନ୍ଦ୍ର ତ୍ରିପାଠୀ, ଜୟଦେବ ସାହୁ, ଚମରା ମହାକୁର, ତ୍ରିନାଥ ମିଶ୍ର, ସୌମିତ୍ରୀ ମେହେର, ବଳରାମ କାଣ୍ଡ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିଥିଲେ।

ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବୀରମହାରାଜପୁର,୩୦।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ତ୍ରୟୋଦଶ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରତିଷ୍ଠାତା ବିକ୍ରମ କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ସ୍ୱୟମ୍ଭୁନାଥ ଖଣ୍ଡଗିରି, ମୁଖ୍ୟବକ୍ତା ସତ୍ୟବାନ ପୁରୋହିତ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଗୋପୀନାଥ ମହାକୁଡ, ରାଧେଶ୍ୟାମ ପଣ୍ଡା, ସୁରେଶ କୁମାର ପଣ୍ଡା ଯୋଗଦେଇଥିଲେ। ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳା ପରିପ୍ରକାଶ କରିବାର ମାଧ୍ୟମ ଅଟେ। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅବିଭାବକ ଓ ପରିଚାଳନା କମିଟିର ସମନ୍ୱୟ ଠିକ ରହିଲେ ଶିକ୍ଷା ଅନୁଷ୍ଠାନ ଶୀର୍ଷ ସ୍ଥାନରେ ପହଞ୍ଚି ପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ମେରି ଡିଅନ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସଙ୍ଗୀତାରାଣୀ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ସରୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରୀ ଛାତ୍ରମାନଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଅଭିଯୋଗ ଶୁଣାଣିରେ ଅଧିକାରୀଗଣ।

ବୀରମହାରାଜପୁର,୩୦।୩ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ କାର୍ଯ୍ୟାଳୟ କୃଷି ସମବାୟ ସମିତି ସମ୍ମୁଖରେ ସୋମବାର ପୂର୍ବାହ୍ନ ୧୦ଟାରେ ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ପ୍ରକାରର ୪୮ଟି ଅଭିଯୋଗ ଆସିଥିଲା। ଜିଲାପାଳ ଡ଼ ନୃପରାଜ ସାହୁ, ଏସ୍‌ପି ନାରାୟଣ ନାଏକ ଏଥିରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୮ଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୬ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଥିଲା। ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡ଼ିଓ ରାଜୀବ କୁମାର ହାଁସଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ରାଜେନ୍ଦ୍ର ମାଝୀ, ସୁବର୍ଣ୍ଣପୁର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ବୀରମହାରାଜପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନାରାୟଣ ଲୁହା, ବୀରମହାରାଜପୁର ତହସିଲଦାର ସୁଶ୍ରୀ ସୁସ୍ମିତା ପାଣିଗ୍ରାହୀ, ଡେପୁଟି କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ, ବୀରମହାରାଜପୁର ସରପଞ୍ଚ ସଂଘ ସଭାପତି ଶ୍ରୀୟା କର୍ମା, ବାଗବାର ସରପଞ୍ଚ ନିରୁପମା ବଗର୍ତ୍ତି ତଥା ବିଭିନ୍ନ ଜିଲସ୍ତରୀୟ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲା ପଞ୍ଚାୟତ ଅଧିକାରୀ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦାନ କରିଥିଲେ।

୭ ବର୍ଷ ହେଲା ପମ୍ପ ଅପରେଟରଙ୍କୁ ମିଳିନି ପାରିଶ୍ରମିକ

ଲୋଇସିଂହା,୩୦।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ସଦର ବ୍ଲକ ମନହୀରା ପଞ୍ଚାୟତ ଅମାମୁଣ୍ଡା ଗ୍ରାମର ପାନୀୟ ପ୍ରକଳ୍ପରେ କାର୍ଯ୍ୟରତ ପମ୍ପ ଅପରେଟରଙ୍କ ପାଉଣା ଓ ପ୍ରକଳ୍ପ ବସି ଥିବା ଜମି ମାଲିକ ମକରଧ୍ୱଜ ଧରୁଆ କ୍ଷତିପୂରଣ ଦାବିରେ ସୋମବାର ଲୋଇସିଂହା ବ୍ଲକରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗରୁ ପ୍ରକାଶ, ଲୋଇସିଂହା ବ୍ଲକ ସୁଜିଆ ଗ୍ରାମର ମକରଧ୍ୱଜ ଧରୁଆଙ୍କ ଅମାମୁଣ୍ଡା ମୌଜାରେ ଜମି ରହିଛି । ସେହି ଜମିରେ ଦୀର୍ଘ ୭ ବର୍ଷ ହେଲା ଆରଡବ୍ଲ୍ୟୁଏସଏସ ବିଭାଗ ପକ୍ଷରୁ ଅମାମୁଣ୍ଡାକୁ ପିଇବା ପାଣି ଯୋଗାଣ। ପାଇଁ ଏନଟେକ ୱେଲ,ପମ୍ପ ଗୃହ ଓ ବିଦ୍ୟୁତ ଟ୍ରାନ୍ସଫର୍ମର ଆଦି ବସାଯାଇଛି । ଏହି ପ୍ରକଳ୍ପ ନିର୍ମାଣ ବେଳେ ଧରୁଆ ପ୍ରତିବାଦ କରିଥିଲେ । ଜମିର ଉପଯୁକ୍ତ ପାରିଶ୍ରମିକ ଦେବା ପାଇଁ ଦାବି କରିଥିଲେ। ଏ ନେଇ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଏଥିରେ ଜିଲାପାଳ ଏ ବିଷୟରେ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଛନ୍ତି।

ଡିଗ୍ରୀ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ସଭାରେ ଉପସ୍ଥିତ ଅତିଥିଗଣ।

ବାଉଁଶୁଣୀ,୩୦।୩(ଦେବାଶିଷ ନେପାକ)

ଜୀବନ ବିକା

ସଂକ୍ଷେପରେ

ଅଜଣା ଗାଡ଼ି ଧକ୍କାରେ ସ୍କୁଟିଚାଳକ ମୃତ

କୁତ୍ରା,୩୦।୩(ଦେବାଶିଷ ସାହୁ): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍ ୱେ ରାଞ୍ଚି ରୋଡ୍ ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୧୧ଟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟଙ୍ଗ ଡୁରୀପଡ଼ା ଗ୍ରାମର ଅମ୍ରିତ ମିଞ୍ଜ (୪୦)। ମିଳିଥିବା ସୂଚନା ଅନୁଯାୟୀ, ଅମ୍ରିତ ସ୍କୁଟି ଯୋଗେ କୁତ୍ରା ପଟୁ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁତ୍ରା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଜଣା ଗାଡ଼ିକୁ ଚହ୍ନଟ କରିବା ପାଇ ତଦନ୍ତ ଜାର ରଖିଛି।

ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କଲା ପୋଲିସ

ବାଲିଶଙ୍କରା,୩୦।୩ (ହୃଦାନନ୍ଦ ବାରିକ): ତଲସରା ଥାନା ଅନ୍ତର୍ଗତ ତଲସରା ଲୁଲକିଡିହି ମୁଖ୍ୟ ରାସ୍ତା ବାଘିଆବେର୍ଣ୍ଣ ଘେରି ପାର୍ଶ୍ୱରୁ ସୋମବାର ଜଣେ ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ସଉନାମରା ଗ୍ରାମର ସୁଶାନ୍ତ ଧୁରୁଆ। ଗ୍ରାମବାସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କୁ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ସବ୍‌ଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତାଙ୍କୁ କେହି ଆକ୍ରମଣ କରି ସେଠାରେ ପକାଇଛନ୍ତି ନା କୌଣସି ଗାଡି ଧକ୍କାରେ ତାଙ୍କର ଏପରି ଅବସ୍ଥା ହୋଇଛି ସେନେଇ ପୋଲିସ ତଦନ୍ତ ଚଳାଇଛି।

ଲାଞ୍ଚ ମାମଲାରେ ପୂର୍ତ୍ତ ବିଭାଗର ପୂର୍ବତନ ମୁଖ୍ୟ କିରାଣି ଦୋଷୀ ସାବ୍ୟସ୍ତ

ସୁନ୍ଦରଗଡ,୩୦।୨
(ଜୟ ନାରାୟଣ ମେଣ୍ଟୁଳି):
ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ ସୋମବାର ଏକ ଲାଞ୍ଚ ମାମଲାର ବିଚାର କରି ରାଉରକେଲା ପୂର୍ତ୍ତ ବିଭାଗର ପୂର୍ବତନ ମୁଖ୍ୟ କିରାଣି ସୁବାସ ଚନ୍ଦ୍ର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ କିରାଣି ଦାସ ଗତ ୧୬/୧/୨୦୧୭ରେ ଅଭିଯୋଗକାରୀ ରବି ନାରାୟଣ ଭୂୟାଁଙ୍କ ଠାରୁ ତାଙ୍କର ସିକ୍ୟୁରିଟି ଜମା ରାଶି ୪୧ହଜାର୧୯୦ଟଙ୍କା ଫେରସ୍ତ ପାଇଁ ଦେଢହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ସମୟ ଅଭାବରୁ ସୋମବାର କୋର୍ଟ ତାଙ୍କ ବିରୋଧରେ ଦଣ୍ଡ ରାୟ ଶୁଣାଣିକୁ ସ୍ଥଗିତ କରି ୩୧ତାରିଖରେ ଶୁଣାଣି ପାଇ ଦିନ ଧାର୍ଯ୍ୟ କରି ତାଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି।

ଗୋମାଂସ ଜବତ, ୪ ଗିରଫ

ବଡ଼ଗାଁ,୩୦।୩(ଅଶୋକ ଷଡଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଖୁଟମୁଣ୍ଡା ନିକଟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଏକ ଗୋରୁକୁ ନେଇ ରାସ୍ତା କଡ଼ରେ କାଟୁଥିବା ୪ ଜଣ ଯୁବକଙ୍କୁ ବଡ଼ଗାଁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଜରକାପଡା ଗ୍ରାମର ସୁଜିତ କେରକେଟା, ପ୍ରକାଶ କେରକେଟା, ମାରିଆନୁସ କେରକେଟା, ରଜାବସା ଗ୍ରାମର ମିଲନ ଲୁଗୁନ। ଏନେଇ ବଡ଼ଗାଁ ଥାନାରେ କେସ୍ ନଂ.୧୦୪/୨୬ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଏକ ଗୋରୁକୁ ନେଇ ୪ ଜଣ ଯୁବକ କାଟି ମାଂସ ଭାଗ କରୁଥିବା ବିରଙ୍ଗାଟୋଲି ଗ୍ରାମର କାହ୍ନୁଚରଣ କରାଲି ବଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ।

ଯୁବତୀଙ୍କୁ ବଳାତ୍କାର ଘଟଣା: ଜଣେ ଗିରଫ

କୁଆଁରମୁଣ୍ଡା,୩୦।୩(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋଷିହିରିଆ ଅଞ୍ଚଳର ଜନୈକା ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବଳାତ୍କାର ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଯୁବକ ହେଉଛନ୍ତି ମୟୂରଭଞ୍ଜ ଜିଲା ମୋରଡା ଥାନା ଅନ୍ତର୍ଗତ ଅସ୍ତିଆ ଗ୍ରାମର ପଙ୍କଜ କୁମାର ଦାସ(୨୪)। ଏ ନେଇ ଚଳିତ ମାସ ୨୦ ତାରିଖରେ ବୀରମିତ୍ରପୁର ଥାନାରେ ଏକ ମାମଲା (ନଂ.୧୨୭/୨୬) ରୁଜୁ ହୋଇଥିଲା।

ବିପଦସଙ୍କୁଳ ଅବସ୍ଥାରେ ବାଇପାସ୍‌ରେ ଥିବା ହୋର୍ଡିଂ

ଟେନ୍‌ସା,୩୦।୩(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ କୋଇଡା ବ୍ଲକ ପ୍ରତି କୌଣସି ପ୍ରଶାସନିକ ବିଭାଗର ନଜର ନାହିଁ । ଦିନକୁ ଦିନ ବିଭିନ୍ନ ସମସ୍ୟା ଭିତରେ ପେଷି ହେଉଛନ୍ତି କୋଇଡାବାସୀ। ଏକ ସପ୍ତାହରୁ ଊର୍ଦ୍ଧ୍ୱ ଧରି ସମସ୍ୟାର ସମାଧାନ ହୋଇପାରୁନାହିଁ। ରାତି ପାହିଲେ କୋଇଡା ବ୍ଲକ ଅଫିସ, ଖଣି ଅଫିସ, ତହସିଲ ଅଫିସକୁ ବଡ଼ ବଡ଼ ବାବୁମାନେ ଆସିଥାନ୍ତି । କିନ୍ତୁ କାହାର ନଜର ପଡ଼େ ନାହିଁ କାଦୋଡିଆ ବାଇପାସ ସଡ଼କରେ ଥିବା ପବ୍ଲିକ ୱାର୍କସ ବିଭାଗ (ପିଡବ୍ଲ୍ୟୁଡି) ପ୍ରବେଶ ହୋର୍ଡିଂ ଭାଙ୍ଗି ଯାଇ ଝୁଲନ୍ତା ଅବସ୍ଥାରେ ରହିଛି। କେତେବେଳେ କେଉଁ ମୂହୂର୍ତ୍ତରେ ଗଳି ପଡ଼ିବ କିଛି ବି କହିହେବ ନାହିଁ। ପ୍ରତିଦିନ

ଭାଙ୍ଗିଯାଇ ଝୁଲନ୍ତା ଅବସ୍ଥାରେ ଥିବା ହୋର୍ଡିଂ।

ଏହି ରାସ୍ତା ଦେଇ ଛୋଟ ଗାଡିଠାରୁ ଆରମ୍ଭ କରି ମୋଟର ସାଇକେଲ, ଟେମ୍ପୁ, ଚାରିଚକିଆ ଯାନ ଚଳାଚଳ କରୁଛି । ଝୁଲନ୍ତା ଅବସ୍ଥାରେ ଥିବା ତୋରଣଟି ଭାଙ୍ଗି କାହାରି ବି ମୃତ୍ୟୁ ଘଟି ପାରେ କହି ହେବନାହିଁ। ଏଥି ପ୍ରତି କିଏ ଦାୟୀ ରହିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହାର ତୁରନ୍ତ ମରାମତି କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏ ନେଇ ପିଡବ୍ଲ୍ୟୁଡି ଏସ୍‌ଡିଓ ପ୍ରତୀକ ଦାସଙ୍କୁ ପଚାରିବାରୁ, କୌଣସି ଭାରି ଯାନ ଧକ୍କା ଦେବାରୁ ତୋରଣଟି ଭାଙ୍ଗି ଯାଇଛି। ଏ ବିଷୟରେ ମୁଁ ଜାଣିଛି। ଖୁବ୍‌ଶୀଘ୍ର ମରାମତି କରାଯାଇ ପୁଣି ଥରେ ଲଗାଯିବ ବୋଲି ପ୍ରକାଶ କରିଥିଲେ।

ପ୍ରଶାସନର ନିଷ୍କ୍ରିୟତା: କାହାର ବି ଜୀବନ ଯାଇପାରେ

ମୂଲ୍ୟନିଷ୍ଠ, ନିଶାମୁକ୍ତ ସମାଜ ଗଠନ ଉପରେ କର୍ମଶାଳା

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ସୁନ୍ଦରଗଡ,୩୦।୩(ଜୟ ନାରାୟଣ ମେଣ୍ଟୁଳି)

ସ୍ଥାନୀୟ ଏକତା ନଗର ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆଶ୍ରମରେ ସୋମବାର ମୂଲ୍ୟ ନିଷ୍ଠ ଏବଂ ସମାଜ ଗଠନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଉରକେଲା ବନ ବିଭାଗର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି.ରାମସାମି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଈଶ୍ୱରଙ୍କ ପ୍ରାପ୍ତ ଆଧ୍ୟାତ୍ମିକ ଶକ୍ତି ବଳରେ ଜୀବନରେ ଆଧ୍ୟାତ୍ମିକ ମୂଲ୍ୟ ଧାରଣ ହୋଇପାରିବା ସହିତ ନିଶାମୁକ୍ତ ସମାଜ ଗଠନ ସମ୍ଭବ ହୋଇ ପାରିବ ବୋଲି କହିଥିଲେ। ପୂର୍ବତନ ଲୋକାୟୁକ୍ତ ଦେବବ୍ରତ ସ୍ୱାଇଁ, ଡାକ୍ତର ଅମର ଦାସ, ସାମାଜିକ କର୍ମୀ ସ୍ନେହଲତା ପଟେଲ, ଜୟକୃଷ୍ଣ ସେଠ, ଅଶୋକ କୁମାର ପରିଡା, ଅଜୟ ଜେନା, ନୀଳମାଧବ ସେନାପତି, ଶେଷଦେବ ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇ ମୂଲ୍ୟ ନିଷ୍ଠ ଏବଂ ନିଶାମୁକ୍ତ ସମାଜ ଗଠନ ଦିଗରେ ବ୍ରହ୍ମାକୁମାରୀ ଆଶ୍ରମର ପ୍ରୟାସକୁ ପ୍ରଂଶସା କରିଥିଲେ। ବାରପଦାରୁ ଆଗତ ବ୍ରହ୍ମା କୁମାରୀ ଗୀତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋସ୍ନା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ବ୍ରହ୍ମା କୁମାର ବାଣେଶ୍ୱର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହେମଗିର କେନ୍ଦ୍ର ସଞ୍ଚାଳିକା ବ୍ରହ୍ମା କୁମାରୀ କିରଣ ଧନ୍ୟବାଦ ପ୍ରଦାନ କରିଥିଲେ। ଦର୍ଲପାଲି ସଞ୍ଚାଳିକା ବ୍ରହ୍ମା କୁମାରୀ ପଞ୍ଚମୀ ରାଜଯୋଗ ଶିକ୍ଷା ଦେଇଥିଲେ। ବ୍ରହ୍ମାକୁମାରୀ ପ୍ରତିମା, ସୁଜାତା ଓ ଚମ୍ପକ ପରିଚାଳନାରେ ସହଯୋଗ କରିଥିଲେ।

କୁତ୍ରା ପିଏମ୍‌ଶ୍ରୀ ବିଦ୍ୟାଳୟରେ ହାକାଥନ

ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ର।

କୁତ୍ରା,୩୦।୩(ଦେବାଶିଷ ସାହୁ)

ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଗତ କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ହାକାଥନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବୀନତା ଓ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନମୂଳକ ଚିନ୍ତାଧାରାର ବିକାଶ କରିବାର ଉଦ୍ଦେଶ୍ୟ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏପରି ହାକାଥନ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମନୋବୃତ୍ତିକୁ ଉନ୍ନତ କରିବା ସହ ତାଙ୍କର ଲୁକ୍କାୟିତ ପ୍ରତିଭାକୁ ଉଜାଗର କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଶିକ୍ଷକ ଧୃତିସୁନ୍ଦର ସାହୁ ଓ ସୁନୀଲ କୁମାର ସେଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ନବୀନ ଚିନ୍ତାଧାରା ଓ ପ୍ରୟୋଗମୂଳକ ଶିକ୍ଷା ପ୍ରତି ଆଗ୍ରହୀ ହେବାକୁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବୈଜ୍ଞାନିକ ଓ ପ୍ରୟୋଗମୂଳକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ତାଙ୍କ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ପରିବେଶ ସୁରକ୍ଷା, ଡିଜିଟାଲ ଟେକ୍ନୋଲୋଜି ଓ ଦୈନିକ ଜୀବନ ସମସ୍ୟାର ସମାଧାନ ସମ୍ପର୍କିତ ନବୀନ ଧାରଣା ଦେଖିବାକୁ ମିଳିଥିଲା। ଏହି ଅବସରରେ ସ୍ୱତନ୍ତ୍ର ପ୍ରଦର୍ଶନ କରି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅବିନାଶ କର, ସ୍ମୃତି ସ୍ୱରୂପ ଦାସ, ଗିରିଜା ଶଙ୍କର ବେହେରା, ଭୈରବ ଦେହେରୀ, ଲିପିକା କାଲୋ, ନମିତା କୁଲୁ, ରୀତା କଣ୍ଢା ଓ ସେରୋଫେନା ଏକ୍କା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

ରାମନବମୀ, ରାମକଥା ପ୍ରବଚନ କାର୍ଯ୍ୟକ୍ରମ

ସୁନ୍ଦରଗଡ,୩୦।୩ (ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ସହରର ସର୍ବପୁରାତନ ରାମଜୀ ମନ୍ଦିରରେ ରାମନବମୀ ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମ ଦିନରେ ରାମନବମୀ ଦିନ 'ସୁର ସୁନ୍ଦରଗଡ' ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିସହିତ ପ୍ରତ୍ୟହ ସନ୍ଧ୍ୟାରେ ରାମକଥା ପ୍ରବଚନ କାର୍ଯ୍ୟକ୍ରମ ମଧ୍ୟ ଚାଲିଛି। ଏହା ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଚାଲିବ। ଡୁଡୁକା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସୁକାନ୍ତ ଆର୍ଯ୍ୟ ପ୍ରବଚକ ଭାବେ ଯୋଗ ଦେଇ ରାମକଥା ଉପରେ ପ୍ରବଚନ ପ୍ରଦାନ କରୁଛନ୍ତି। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ରାମକଥା ଶ୍ରବଣ କରୁଛନ୍ତି। ମନ୍ଦିର ପରିଚାଳନା ଟ୍ରଷ୍ଟର ବେଣୁମାଧବ ତ୍ରିପାଠୀଙ୍କ ତ୍ତ୍ୱାବଧାନରେ ଏହା ଆୟୋଜିତ ହେଉଛି।

ଦେଶୀ ମଦଭାଟି ବିରୋଧରେ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ସୁନ୍ଦରଗଡ,୩୦।୩(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ଜିଲା ହେମଗିରରେ ଥିବା ଦେଶୀ ମଦଭାଟି ବିରୋଧରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ସ୍ଥାନୀୟ ଗ୍ରାମବାସୀ। ଏ ସମ୍ପର୍କରେ ଗ୍ରାମର ଏକ ପ୍ରତିନିଧି ଦଳ ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଇଛନ୍ତି ଯେ,ବର୍ତ୍ତମାନ ଥିବା ଦେଶୀ ମଦଭାଟିର ୨୦୦ମିଟର ମଧ୍ୟରେ ବିଦ୍ୟାଳୟ, ଅଙ୍ଗନଓ୍ୱାଡି କେନ୍ଦ୍ର, ଗାଧୁଆ ପୋଖରୀ ଓ ମନ୍ଦିର ରହିଛି। ଫଳରେ ବିଭିନ୍ନ ସମୟରେ ମଦ୍ୟପ ଓ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏଣୁ ଏଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରାଯାଇଛି।

୩ ଅଭିଯୋଗର ତ୍ୱରିତ ସମାଧାନ

ବାଲିଶଙ୍କରାରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ବାଲିଶଙ୍କରା,୩୦।୩ (ହୃଦାନନ୍ଦ ବାରିକ)

ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇ ୬୫ରୁ ଅଧିକ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୩ଟିର ତ୍ୱରିତ ସମାଧାନ ହୋଇଥିଲା। ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ତିଲେଇକାନୀ ପଞ୍ଚାୟତ ବେଲମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ଖେଳ ଶିକ୍ଷକ ବିଜୟ ପ୍ରକାଶ ମିଞ୍ଜ ୪ ଭାଇଙ୍କ ଜମି ପଟ୍ଟା ପାଇଁ ୨୦୦୮ରେ ବାଲିଶଙ୍କରା ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ପଟ୍ଟା ହେଲା କିନ୍ତୁ ଦୀର୍ଘ ୧୮ ବର୍ଷ ହେବ ୱେବସାଇଟରେ ପଞ୍ଜୀକୃତ ହୋଇ ନ ଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ଧାନ ବିକା, ଚାଷୀ ଋଣ ସମୟରେ ବିଭିନ୍ନ ଯୋଜନାରୁ ବଞ୍ଚିତ ରହୁଥିବା ନେଇ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ବାଲିଶଙ୍କରା ତହସିଲ କାର୍ଯ୍ୟାଳୟଠାରୁ ଘୋଘର ଗ୍ରାମ ପର୍ଯ୍ୟନ୍ତ ରାସ୍ତାକୁ ପିଚୁ ଓ ବାଲିଶଙ୍କରା ମଦଭାଟି ବିରୋଧରେ ଗ୍ରାମସଭାରେ ପାସ ହୋଇଥିଲେ ମଧ୍ୟ କାହିଁକି ଏପର୍ଯ୍ୟନ୍ତ ମଦ ଭାଟି ଚାଲୁଛି ତାହା ନେଇ ବାଲିଶଙ୍କରା ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାଏଙ୍କ ସମେତ ଅନେକ ୱାର୍ଡ ସଭ୍ୟାସଭ୍ୟ ଓ ଜନସାଧାରଣ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ସଉନାମରା ପଞ୍ଚାୟତର କେଲୋଖଣ୍ଡି, ଟାଙ୍ଗରବାହାଲ ଓ କୁରେଇ ଆର୍‌ଡି ରାସ୍ତା ଅଧାପନ୍ତରିଆ ଭାବେ କାର୍ଯ୍ୟ ହୋଇଥିବାବେଳେ ତାକୁ ଅତିଶୀଘ୍ର ଶେଷ କରିବାକୁ ସଉନାମରା ସମିତି ସଭ୍ୟା ବେଲମତୀ ଧୁରୁଆ ଓ ରବି ପଟେଲ ଅଭିଯୋଗ କରିଛନ୍ତି। ତଲସରା ପଞ୍ଚାୟତ ଗ୍ରାମ୍ୟ ଜଳ ଯୋଗାଣର ଓଭରହେଡ ଟ୍ୟାଙ୍କ ମରାମତି କିମ୍ବା ନୂତନ ନିର୍ମାଣ, ବର୍ହାଡେମା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ରାଉଳଡେଗା ସ୍ୱାସ୍ଥ୍ୟ ଉପ କେନ୍ଦ୍ରରେ ଇଲେକ୍ଟ୍ରିଫିକେସନ ପାଇଁ ଜିଲାପାଳଙ୍କୁ ଜଣାଇଥିଲେ। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଉପଜିଲାପାଳ ତେଜସ୍ୱିନୀ ବେହେରା, ଏସ୍‌ପି ଅମ୍ରିତ ପାଲ କୌର, ବାଲିଶଙ୍କରା ଚେୟାରମ୍ୟାନ ଝୁଞ୍ଜଲତା ଭିତ୍ରିଆଙ୍କ ସମେତ ସବୁ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ କର୍ମଚାରୀ ସମସ୍ତେ ଉପସ୍ଥିତ ରହି ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ।

ମାଣିକେଶ୍ୱରୀ ଡିଗ୍ରୀ କଲେଜରେ ଇନୋଭେଶନ, ଷ୍ଟାର୍ଟଅପ କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ହେମଗିର,୩୦।୩(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ମାଣିକେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଇନୋଭେଶନ ଓ ଷ୍ଟାର୍ଟଅପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କିପରି ଭାବରେ ଛାତ୍ରୀଛାତ୍ର ମାନେ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ଅଧ୍ୟାପକ ମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ

ପୋଖରୀ ପାଲଟିଛି ନର୍ଦ୍ଦମା କୁଣ୍ଡ

ପୋଖରୀରେ ପକାଯାଉଛି ନର୍ଦ୍ଦମା ପାଣି

ସମ୍ବଲପୁର,୩୦।୩(ପ୍ରମୋଦ ବହିଦାର)

ଜଳଉତ୍ସଗୁଡିକର ପୁନଃରୁଦ୍ଧାର କରି ଲୋକଙ୍କ ବ୍ୟବହାର ଉପଯୋଗୀ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମୁକ୍ତା, ଅମୃତ ପୋଖରୀ, ଆଦର୍ଶ ପୋଖରୀ ଆଦି ଯୋଜନା କାର୍ଯ୍ୟକାରୀ କରି ଜଳ ଉତ୍ସକୁ କୌଣସି ପ୍ରକାର କ୍ଷତି ନ ପହଞ୍ଚାଇବାକୁ କଡ଼ା ନିୟମ ରହିଛି। ହେଲେ ସମ୍ବଲପୁର ମହାନଗର ନିଗମର ୨୭ ନମ୍ବର ୱାର୍ଡ ଅନ୍ତର୍ଗତ ଅଇଁଠାପାଲି ଗୌନ୍ତିଆପଡ଼ାରେ ଥିବା ୧୨ଏକର ବିଶିଷ୍ଟ ଏହି ପୋଖରୀ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅଞ୍ଚଳରେ ଏହି ପୁରାତନ ପୋଖରୀ ପ୍ରଶାସନିକ ଅବହେଳାରୁ ଏବେ ନର୍ଦ୍ଦମା କୁଣ୍ଡରେ ପରିଣତ ହୋଇଛି। ଏହି କାରଣରୁ ଏହାର ଜଳ ଏବେ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଏକଦା ଏହି ପୋଖରୀ ଉପରେ ଅଞ୍ଚଳବାସୀ ନିର୍ଭର କରୁଥିଲେ। ହେଲେ ଗତ ୧୦-୧୨ବର୍ଷ ହେବ ଏହି ପୋଖରୀର ପାଣି ପ୍ରଦୂଷିତ ହୋଇଯାଇଛି। ଏପରିକି ପୋଖରୀକୁ କଙ୍କ୍ରିଟ୍ ଡ୍ରେନ ନିର୍ମାଣ କରି ଆବର୍ଜନା ପାଣି ପକାଇ ଦିଆଯାଉଛି। ଏହି ପୋଖରୀକୁ କଙ୍କ୍ରିଟ ନାଳ କିଏ ନିର୍ମାଣ କରିଛି ସେ ସମ୍ପର୍କରେ କୌଣସି ବିଭାଗ ପାଖରେ ସ୍ପଷ୍ଟ ସୂଚନାନାହିଁ। ୱାଟକୋ ମହା ପ୍ରବନ୍ଧକ ବ୍ରହ୍ମେଶ୍ୱର ଦାଶ କହିଛନ୍ତି, ୭୦ଦଶକରେ ଜଳ ବିଶୋଧନାଗାରକୁ ଜଳଯୋଗାଣ ପାଇଁ ଖୋଳାଯାଇଥିବା ଏହି ପୋଖରୀ ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଅଛି। ସେ କେବଳ ଅଇଁଠାପାଲି ଜଳ ବିଶୋଧନାଗାରର ଉଚ୍ଛୁଳା ପାଣି ଏଥିରେ ପଡୁଥିବା ଭାବୁଥିଲେ। କିନ୍ତୁ ନର୍ଦ୍ଦମା ପାଣି ସଂଯୋଗ ବିଷୟରେ ଜାଣି ନ ଥିଲେ। ଏହା ବ୍ୟତୀତ ତାଙ୍କ ବିଭାଗ ପକ୍ଷରୁ ଏଭଳି ନର୍ଦ୍ଦମା ନାଳ ତିଆରି ହୁଏ ନାହିଁ। ଏ ସମ୍ପର୍କରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଘଟଣାକୁ ଗୁରୁତ୍ୱର ସହ ନେଇ ପୋଖରୀର ସଫେଇ ଓ ପୁନରୁଦ୍ଧାର ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେପାଜେ ଯାହା କହନ୍ତି...

"ଏକଦା ଏହି ପୋଖରୀ ଅଞ୍ଚଳବାସୀଙ୍କ ଜଳାଭାବ ଦୂର କରୁଥିଲା। ସ୍ନାନ ସହ ଲୋକେ ପାନୀୟ ଓ ରୋଷେଇରେ ଏହି ଜଳାଶୟର ପାଣିକୁ ବ୍ୟବହାର କରୁଥିଲେ। କିନ୍ତୁ ସହରର ବିଭିନ୍ନ ଅଞ୍ଚଳରୁ ଆସି ନର୍ଦ୍ଦମା ଜଳ ମିଶିବା ପରେ ପରିସ୍ଥିତି ବଦଳି ଯାଇଛି। ଗାଧୋଇଲେ ଚର୍ମରୋଗ ହେଉଛି। ତେଣୁ କେହି ସେଠାରେ ପାଦ ପକାଉ ନାହାନ୍ତି।

-ଅନିତା ବଢ଼େଇ

"ପୋଖରୀରେ ଜମା ହେଉଥିବା ନର୍ଦ୍ଦମା ପାଣି ଯୋଗୁଁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ମଶାମାଛିଙ୍କ ଉତ୍ପତ୍ତିସ୍ଥଳ ଯେମିତି ପାଲଟି ଯାଇଛି। ପୋଖରୀ ଆଖପାଖରେ ରହୁଥିବା ଲୋକେ ମଶା ଉପଦ୍ରବରେ ହନ୍ତସନ୍ତ ହେଉଛନ୍ତି। ବ୍ୟବହାର କମି ଯିବା ପରେ ପୋଖରୀ ବନ୍ଧ ରାତିରେ ଅସାମାଜିକତତ୍ତ୍ୱଙ୍କ ଆଡ୍ଡାସ୍ଥଳ ପାଲଟିଛି।

-ମନ ବେହେରା

"ଏକଦା ଏହି ପୋଖରୀ ଘାଟରେ ନିକଟସ୍ଥ ୬ରୁ ୭ଟି ପଡ଼ାର ଲୋକଙ୍କ ଶୁଦ୍ଧିକ୍ରିୟା କର୍ମ ସମ୍ପାଦିତ ହେଉଥିଲା। ମାତ୍ର ଏହା ପ୍ରଦୂଷିତ ହେବା ପରଠାରୁ ଲୋକେ ଅନ୍ୟତ୍ର ଯାଇ ଶୁଦ୍ଧିକ୍ରିୟ କର୍ମ କରିବାକୁ ବାଧ ହେଉଛନ୍ତି। ପୋଖରୀର ପୁନରୁଦ୍ଧାର କରି ଏହାକୁ ପୂର୍ବପରି ଲୋକଙ୍କ କାମରେ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉନାହିଁ।

-ପ୍ରଶାନ୍ତ ବଢ଼େଇ

ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜମନକିରା, ୩୦।୩(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ସଦର ମହକୁମାସ୍ଥିତ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଟୁରାବୁଆଁ କଲେଜର ପୂର୍ବତନ ଅଧକ୍ଷ ତଥା ପ୍ରକୃତିବନ୍ଧୁ ସୁବାଷ ଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ଜମନକିରା କଲେଜ ଅଧକ୍ଷ ଅରୁଣ କୁମାର ପଟେଲ ଶିବିର ପରିଚାଳନା କରିଥିଲେ। ମୁଖ୍ୟଅତିଥିଭାବେ ଜମନକିରା ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇଥିଲେ। ଶିବିରକୁ କୁଚିଣ୍ଡାସ୍ଥିତ ପଲ୍ଲୀ ଭାରତୀ ୟୁଥ କ୍ଲବ ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶିକା ଡାକ୍ତର ଜ୍ୟୋସ୍ନା ପଧାନ ଆୟୋଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜମନକିରା ବିଏସ୍ଏସ୍ଓ ରଞ୍ଜିତ କୁମାର ସାହୁ, ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଅତିଥିଗଣ ତାଙ୍କ ବକ୍ତବ୍ୟରେ ନିଶା ସେବନର ଅପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ବିଡିଓ ସେଠୀ କହିଥିଲେ, ଦୃଢ଼ ସଂକଳ୍ପ କଲେ ନିଶ୍ଚିତ ଭାବେ ଆମ୍ଭେମାନେ ନିଶାକୁ ଦୂରେଇ ପାରିବା। ସେହିପରି ନିର୍ଦ୍ଦେଶିକା ଡା ପଧାନ ନିଶାସେବନ ଦ୍ୱାରା କିପରି ନିଜ ସ୍ୱାସ୍ଥ୍ୟ ତଥା ସମାଜ ଉପରେ କୁପ୍ରଭାବ ପକେଇଥାଏ ବୁଝାଇଥିଲେ। ସଂସ୍ଥାର ଚନ୍ଦ୍ରଶେଖର ପୋଢ଼, ପଦ୍ମିନୀ କିସାନ, ସଭାପତି ଗୋମତୀ ଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୭୮ ବର୍ଷରେ କବରାପାଲି ରାମଲୀଳା

ସମ୍ବଲପୁର,୩୦।୩(ଭବାନୀ ଶଙ୍କର ଭୋଇ)

ତୈତ୍ରନବମୀଠାରୁ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କବରାପାଲିଠାରେ ୭୮ ତମ ରାମଲୀଳା ରବିବାର ରାତିରେ ଆରମ୍ଭ ହୋଇଛି। ୧୯୪୮ମସିହାରୁ କବରାପାଲିଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ରାମଲୀଳା ନାଟକ ଆୟୋଜିତ ହୋଇଆସୁଛି। ରାମଲୀଳା ନାଟକର ପ୍ରଥମ ଦନ ଶ୍ରୀରାମ ଜନ୍ମ ପ୍ରସଙ୍ଗ ମଞ୍ଚସ୍ଥ ହୋଇଥିଲା। ସୋମବାର ରାତିରେ ସୀତା ସ୍ୱୟଂବର ସହ ଶ୍ରୀରାମ ବିବାହ ଉତ୍ସବ ମଞ୍ଚସ୍ଥ ହୋଇଥିଲା। ସେହିପରି ପୁରାଣ ପାଠରେ ମନୋଜ ପ୍ରଧାନ, ଦିଲୀପ ବଢାଇ, ସଞ୍ଜୟ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଦୀର୍ଘ ୧୧ଦିନ ଧରି ମହାପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତା ମନ୍ଦିର ବାହାର ମଣ୍ଡପରେ ରହି ଭକ୍ତମାନଙ୍କୁ ଦର୍ଶନ ଦେବାର ପରମ୍ପରା ଗାଁରେ ରହିଆସିଛି। ଏହି ସମୟରେ ମଣ୍ଡପରେ ପ୍ରତିଦିନ ରାମାୟଣ ପାଠ ସହିତ ସନ୍ଧ୍ୟାରେ ରାମଲୀଳା ନାଟକ ଆୟୋଜଦ କରାଯାଇଥାଏ । ଆସନ୍ତା ୫ ତାରିଖରେ ମଣ୍ଡପରୁ ବିଗ୍ରହମାନେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ରାମନବମୀ କମିଟି ସଭାପତି ମହିମା ପ୍ରସାଦ ବଢାଇ, ଅଶ୍ୱିନୀ ବଢାଇ, ମନୋଜ ବଢାଇ, ସୁଦିପ୍ତ ସାହୁ, ଅମରେଶ ସାହୁ, ଗୋବନ୍ଦ ସାହୁ, ବିପିନ ବଢାଇ, ସନ୍ଦିପ ସାହୁ ପ୍ରମୁଖଙ୍କ ସହଯୋଗରେ କାଯ୍ରକ୍ରମ ଆୟୋଜିତ ହେଉଛି।

ଜିଏମ୍ୟୁ ଆଇକ୍ୟୁଏସି ସେଲ କର୍ମଶାଳା



ଆୟୋଜିତ କର୍ମଶାଳାରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୩୦।୩(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍ୟୁ)ର ଆଇକ୍ୟୁଏସି ସେଲ ପକ୍ଷରୁ ଏକଦିବସୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ପିଏମ୍ ଉଷା କାର୍ଯ୍ୟକ୍ରମ ଅଧୀନରେ ସିଷ୍ଟମେଟିକ ଲିଟେରେଚର ରିଭ୍ୟୁ ଓ ସ୍ମାର୍ଟ ରେଫରେନ୍ସିଂ ଯୁଜିଂ ଏଆଇ ଟୁଲ୍ସ ଶୀର୍ଷକ କର୍ମଶାଳାକୁ ଜିଏମ୍ୟୁ ପିଜି କାଉନସିଲ ଅଧକ୍ଷ ତଥା ଆଇକ୍ୟୁଏସି ଡାଇରେକ୍ଟର ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାରେ ପଶ୍ଚିମବଙ୍ଗସ୍ଥିତ କଲ୍ୟାଣୀ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବିଭାଗ ପ୍ରଫେସର ଶିବଶଙ୍କର ଜେନା ଓ ଏବସ୍କୋ ଗବେଷଣା ଡାଟାବେସ ଟ୍ରେନିଂ ମ୍ୟାନେଜର ରାଜକୁମାର ମହାପାତ୍ର ବିଶେଷଜ୍ଞଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ସଭାରେ ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବିଭାଗ ମୁଖ୍ୟ ତଥା କର୍ମଶାଳା ଆୟୋଜକ ଡ. ରୋଜାଲିନ ରାଉତ କର୍ମଶାଳା ବିଷୟବସ୍ତୁର ପରିଚୟ ପ୍ରଦାନପୂର୍ବକ ଉକ୍ତ କାର୍ଯ୍ୟକ୍ରମର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଜୟେନ୍ଦ୍ର କୁମାର ସିଂ, ଆସିଷ୍ଟାଣ୍ଟ ପ୍ରଫେସର ସୁଶ୍ରୀ ସିନିଆ ଟିଗ୍ଗା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ସମସ୍ତ ପ୍ରାୟୋଗିକ ପର୍ଯ୍ୟାୟଗୁଡ଼ିକୁ ପରିଚାଳନା କରିଥିଲେ ସୁଶ୍ରୀ ଜ୍ୟୋତିର୍ମୟୀ ସାହୁ। ଉକ୍ତ କର୍ମଶାଳାରେ ବିଭିନ୍ନ ବିଭାଗର ଶିକ୍ଷୟିତ୍ରୀ, ଶିକ୍ଷକ, ରିସର୍ଚ୍ଚ ସ୍କଲାର ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ ।

ଶିଶୁଗୃହ ଗଲେ ଅସହାୟ ଭଉଣୀଭାଇ

ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପରେ ପଦକ୍ଷେପ

ସମ୍ବଲପୁର, ୩୦।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତ ଡୁରୀପଡାର ୧୪ ବର୍ଷର ଅସହାୟ ହେମଲତା ମୁଣ୍ଡା ଏବଂ ତାଙ୍କ ଭାଇ ୯ବର୍ଷର ରିତିକାଙ୍କୁ ସୋମବାର ଶିଶୁ କଲ୍ୟାଣ ସମିତି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଶିଶୁ ସୁରକ୍ଷା ସମିତି ଘଟଣାକ୍ରମ ବୁଝିବା ପରେ ଉଭୟ ଶିଶୁଙ୍କୁ ଫୁଲଝରଣସ୍ଥିତ ଡ. ଆଇଜାକ ସାନ୍ତ୍ରାବାଳ ନିକେତନରେ ରଖିବା ନେଇ ବ୍ୟବସ୍ଥା କରିଛନ୍ତି। ସୂଚନା ଅନୁସାରେ ଗାଙ୍ଗା ମୁଣ୍ଡାଙ୍କର ୨୦୨୫ ନଭେମ୍ବର ୧୧ରେ ମୃତ୍ୟୁ ଘଟିଥିଲା। ଏଥିପୂର୍ବରୁ ତାଙ୍କର ସ୍ତ୍ରୀ ଅଞ୍ଜଳି ଦୁଇ ପିଲାଙ୍କୁ ଛାଡି କୁଆଡେ ଚାଲି ଯାଇଥିଲେ। ଏହାପରଠାରୁ ସେମାନେ ବଡବାପା ସନ୍ତୋଷ ମୁଣ୍ଡା ଏବଂ ବଡମା' ରୀନା ମୁଣ୍ଡା ପାଖରେ ରହୁଥିଲେ। ହେମଲତା ଅଷ୍ଟମ ଶ୍ରେଣୀରୁ ପାଠ ଛାଡିଥିବା ବେଳେ ରିତିକା କବରାପାଲି ସରକାରୀ ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି। ବଡବାପା ସନ୍ତୋଷ ଦିନ ମଜୁରିଆ ହୋଇଥିବାରୁ ଦୁଇପିଲାଙ୍କ ରକ୍ଷଣାବେକ୍ଷଣ କରିବାକୁ ସକ୍ଷମ ହେଉନାହାନ୍ତି। ସେଥିପାଇଁ ଉଭୟଙ୍କୁ କୌଣସି ଆଦିବାସୀ ବିଦ୍ୟାଳୟ ହଷ୍ଟେଲରେ ଛାଡିବାକୁ ଚେଷ୍ଟା କରୁଛନ୍ତି। ହେଲେ ସାନଭାଇ ଗାଙ୍ଗାଙ୍କ ଆଧାରକାର୍ଡ ନ ଥିବାରୁ ତାଙ୍କ ମୃତ୍ୟୁ ପ୍ରମାଣପତ୍ର ମିଳିପାରୁନାହିଁ। ଯଦ୍ୱାରା ଭଉଣୀଭାଇ ସରକାରଙ୍କ ବିଭିନ୍ନ ସହାୟତା ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି। ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହେମଲତା ଏବଂ ରିତିକାଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଆବଶ୍ୟକ ପକ୍ଷକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଠେମେରା ରାମଲୀଳା: ସୀତା ସ୍ୱୟଂବର

ପଡିଆବାହାଲ, ୩୦।୩ (ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଠେମେରା ଜଗନ୍ନାଥ ମନ୍ଦିର ମଞ୍ଚରେ ଚାଲିଥିବା ରାମଲୀଳା ମହୋତ୍ସବର ଦ୍ୱିତୀୟ ଦିନ ସୋମବାର ଲୋକରଣ୍ୟ ହୋଇଥିଲା ମିଥିଲା ରାଜ ଦରବାର। ରାଜା ଜନକଙ୍କ ନିମନ୍ତ୍ରଣକ୍ରମେ ବିଭିନ୍ନ ରାଜ୍ୟରୁ ରାଜନ୍ୟ ମଣ୍ଡଳୀ ଆସି ସୀତା ସ୍ୱୟଂବରରେ ଭାଗ ନେଇଥିଲେ। ହେଲେ ସମସ୍ତ ରାଜା ଶିବ ଧନୁ ଉଠାଇବାରେ ଅସଫଳ ହେବାରୁ ରାଜନ ଦୁଃଖ ପ୍ରକାଶ କରିବାବେଳେ ଉପସ୍ଥିତ ଲକ୍ଷ୍ମଣ ଭାଇ ରାମଚନ୍ଦ୍ରଙ୍କ ପାରଦର୍ଶିତା ନେଇ ପ୍ରକାଶ କରିଥିଲେ। ରାମଚନ୍ଦ୍ର ଋଷି ବିଶ୍ୱାମିତ୍ରଙ୍କ ଆଦେଶ ମାଗି ଶିବ ଧନୁ ଉଠାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ଏହି ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଉତ୍ସବରେ ରାଜ ଅତିଥିଭାବେ ବିରାଜ ମିଶ୍ର ଯୋଗଦେଇଥିଲେ। ଡାକ୍ତର ରାଜାରାମ ଷଡ଼ଙ୍ଗୀ ସଭାରେ ଅଧକ୍ଷତା କରିଥିବା ବେଳେ ଅରୁଣ କୁମାର ସାହୁ ଓ କୃଷ୍ଣଚନ୍ଦ୍ର ବଡ଼ାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପରମାଣପୁର ଧନୁଯାତ୍ରାର କଂସ ସମୀର ରଞ୍ଜନ ନାଥ, ପଡିଆବାହାଲ ଧନୁଯାତ୍ରାର କଳାକାର ବରୁଣ ସାହୁ ଓ ପ୍ରମୋଦ ମଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାବଣ ଭୂମିକାରେ ବଳରାମ ମହାଣା, ରାମଚନ୍ଦ୍ର ଭୂମିକାରେ ପ୍ରମୋଦ ତ୍ରିପାଠୀ, ଲକ୍ଷ୍ମଣ ଭୂମିକାରେ ଦୟାନିଧି ପ୍ରଧାନ ଓ ସୀତା ଭୂମିକାରେ ସୁଜାତା ତ୍ରିପାଠୀଙ୍କ ଅଭିନୟ ମନଛୁଆଁ ହୋଇଥିଲା।

୧୫୪ ହିତାଧିକାରୀଙ୍କୁ ଭତ୍ତା, ଦିବ୍ୟାଙ୍ଗ ପ୍ରମାଣପତ୍ର ବଣ୍ଟନ

ନାକଟିଦେଉଳ, ୩୦।୩(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ଅଞ୍ଚଳର ୧୫୪ ହିତାଧିକାରୀଙ୍କୁ ସୋମବାର ମଧୁବାବୁ ପେନସନ, ଦିବ୍ୟାଙ୍ଗ ପ୍ରମାଣପତ୍ର ଏବଂ ସହାୟକ ଉପକରଣ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ, ବିଡିଓ ଆକାଶ ରଞ୍ଜନ ସାହୁ, ଏବିଡିଓ ବିଦ୍ୟାଧର ରାଉତରାୟ, ବ୍ଲକ କାର୍ଯ୍ୟାଳୟ ହିସାବ ନିରୀକ୍ଷକ ସିପ୍ରିୟା ସାହା ଯୋଗଦେଇ ୧୩୦ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର, ୬ ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଏବଂ ମଧୁବାବୁ ପେନସନ ଯୋଜନାରେ ୧୮ ଜଣଙ୍କୁ ବିଧବା ପେନସନ, ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରତିଶ୍ରୁତିକୁ ୨ମାସ ବିତିଲା, ହେଲାନି ଆଲୋକୀକରଣ

୩ବର୍ଷ ହେଲା ଗୋବିନ୍ଦତୋଲା ଛକ ରାତିରେ ଅନ୍ଧକାର

ସମ୍ବଲପୁର, ୩୦।୩(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ବ୍ୟସ୍ତବହୁଳ ଗୋବିନ୍ଦତୋଲା ଛକ ଅଞ୍ଚଳ ରାତିରେ ସମ୍ପୂର୍ଣ୍ଣ ଅନ୍ଧାରକାରମୟ ରହୁଛି। ଜେଲ୍ଛକରୁ ଧନୁପାଲି ପର୍ଯ୍ୟନ୍ତ ରାସ୍ତା ଦୋହରୀକରଣ କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଏହି ସମସ୍ୟା ଉପୁଜିଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦେଇ ପ୍ରତିଦିନ କଟକ, ଭୁବନେଶ୍ୱର, ସୁବର୍ଣ୍ଣପୁର ଓ ଦେବଗଡ଼ ଭଳି ସହରକୁ ଯାନବାହାନ ଚଳାଚଳ କରିଥାଏ। ରାତିବେଳା ରାସ୍ତା ଅନ୍ଧାର ରହୁଥିବାରୁ ମହିଳା, ଛାତ୍ରୀଛାତ୍ର ଓ ବୟସ୍କ ବ୍ୟକ୍ତିମାନେ ଜରୁରୀ କାମରେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ଏହି ରାସ୍ତାର ଦୋହରୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ସୁଦ୍ଧା ଡ୍ରେନ କାମ ଓ ଷ୍ଟ୍ରିଟ ଲାଇଟ୍ ଲାଗିବା କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏଭଳି ସ୍ଥିତିରେ ପ୍ରଶାସନର ଉଦାସୀନତାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସାଧନା ସଙ୍ଗଠନ ସଭାପତି ସୂର୍ଯ୍ୟ ପାଣିଗ୍ରାହୀ। ଦୁଇ ମାସ ପୂର୍ବରୁ ଗୋବିନ୍ଦତୋଲା ଦୁର୍ଗାପୂଜା କମିଟି ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ସେହି ସମୟରେ ଆୟୁକ୍ତ ଖତ୍ରୀ ଖୁବ୍‌ଶୀଘ୍ର ଆଲୋକ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜିଯାଏ ଏଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ।

ତଦନ୍ତ ପାଇଁ ୫ ଜଣିଆ କମିଟି ଗଠିତ

ଭିମ୍‌ସାର ପିଜି ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

ସମ୍ବଲପୁର,୩୦।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନ(ଭିମସାର) ପିଜି ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଅଧୀକ୍ଷକ ତଥା ନିର୍ଦ୍ଦେଶକ ଡା. ଲାଲ ମୋହନ ନାୟକ ରବିବାର ଏକ ୫ଜଣିଆ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। ଜୁନିଅର ଡାକ୍ତର ସଂଘ(ଜେଡିଏ) ଘଟଣାର ତଦନ୍ତ ଦାବି କରିଥିଲା। ଫାର୍ମାକୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ଭାବଗ୍ରାହୀ ରଥଙ୍କ ଅଧକ୍ଷତାରେ ଗଠିତ କମିଟିରେ ଆନାଟୋମୀ ବିଭାଗ ମୁଖ୍ୟ ପ୍ରଫେସର ଡା. ମମତା ସର, ଜେନେରାଲ ମେଡିସିନ ବିଭାଗ ପ୍ରଫେସର ମାଳତୀ ମୁର୍ମୁ, ଅସ୍ତ୍ରଶଲ୍ୟ ବିଭାଗ ପ୍ରଫେସର ଡା. ଅଶୋକ କୁମାର ନାଏକ ଏବଂ ମନସ୍ତତ୍ତ୍ୱ ଚିକିତ୍ସା ବିଭାଗ ମୁଖ୍ୟ ଡା. ବୀରେନ୍ଦ୍ର ନାଏକ ରହିଛନ୍ତି। ଏହି କମିଟି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଚିକିତ୍ସିତ ହେଉଥିବା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ଅଧୀକ୍ଷକ ଡା. ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଭିମ୍‌ସାର

ଟାୟାର ଦୋକାନ ସହ ୨ ଉଠାଦୋକାନ ଜଳିଗଲା

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଉପଜିଲାପାଳଙ୍କ ଅଫିସ ଛକରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟି ତିନୋଟି ଦୋକାନ ଜଳିପୋଡି ଛାରଖାର ହୋଇଯାଇଛି। ଅଗ୍ନିକାଣ୍ଡରେ ଏଠାରେ ଥିବା ଗୋଟିଏ ଟାୟାର ଦୋକାନ ଓ ୨ଟି ଉଠା ଦୋକାନର ବିଭିନ୍ନ ସାମଗ୍ରୀ ପୋଡ଼ି ଯାଇଛି। ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ପାଖରେ ଥିବା ଅନ୍ୟ ଦୋକାନ ଗୁଡ଼ିକ ନିଆଁ ଦାଉରୁ ରକ୍ଷା ପାଇଯାଇଥିଲା। କୌଣସି ଦୁର୍ବୁତ୍ତ ନିଆଁ ଲଗାଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି।

ରାଷ୍ଟ୍ରୀୟ ପଛୁଆବର୍ଗ, ଭାରତ ମୁକ୍ତି ମୋର୍ଚ୍ଚାର ଶୋଭାଯାତ୍ରା

ବଲାଙ୍ଗୀର, ୩୦।୩
(ବୀରେନ୍ଦ୍ର କୁମାର ଝାଙ୍କର)

ରାଷ୍ଟ୍ରୀୟ ପଛୁଆ ବର୍ଗ ଏବଂ ଭାରତ ମୁକ୍ତି ମୋର୍ଚ୍ଚା ବଲାଙ୍ଗୀର ଆନୁକୂଲ୍ୟରେ ସୋମବାର ଓବିସି, ଏସ୍‌ଟି, ଏସ୍‌ସି ମିଳିତ ମଞ୍ଚ ସଂଯୋଜକ ସରୋଜ କୁମାର ମେଶ୍ରାଙ୍କ ନେତୃତ୍ୱରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ଟାଉନ ହଲ୍ ନିକଟରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ରାଜ୍ୟ ଓବିସି ମଞ୍ଚ କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଳ ୟୁଜିସି ବିଲ୍ ୨୦୨୬ରୁ ତୁରନ୍ତ ଲାଗୁ କରିବା ଏବଂ ୨୦୨୭ ଜନଗଣନାରେ ଓବିସି ବର୍ଗର ଠିକ୍ ଜନଗଣନା କରିବାକୁ ଦାବି କରିଥିଲେ। ଜନଗଣନା ଫର୍ଦ୍ଦର ୧୨ ନମ୍ବର କଲମ୍‌ରେ ଓବିସି ସ୍ଥାନରେ କେବଳ ଅନ୍ୟାନ୍ୟ ଲେଖାଯିବାକୁ ନିଷ୍ପତ୍ତି ନେଇ ସରକାର

ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ରାଷ୍ଟ୍ରୀୟ ପଛୁଆବର୍ଗ ଏବଂ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଓବିସି ଜନସାଧାରଣଙ୍କ ସହିତ ପ୍ରତାରଣା କରୁଥିବା ଅଭିଯୋଗ କରିଥିଲେ। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ୟୁଜିସି ବିଲ୍ ୨୦୨୬ କୁ ଲାଗୁ କରିବା, ଜାତି ଜନଗଣନାରେ ପୂରଣ କରିବା, ସାମାଜିକ ସୁରକ୍ଷା ସ୍ୱତନ୍ତ୍ର ଭାବେ ପଛୁଆବର୍ଗର ଗଣନା କରାଯିବା ଦାବି କରାଯାଇଛି। ଏହାସହିତ ବିଶ୍ୱବିଦ୍ୟାଳୟମାନଙ୍କରେ ଏସ୍‌ସି,ଏସ୍‌ଟି ଓ ପଛୁଆ ବର୍ଗର ଅଧ୍ୟାପକ ନିଯୁକ୍ତି

ଓବିସି ବର୍ଗର ଠିକ୍ ଜନଗଣନା, ୟୁଜିସି ଆଇନ ଲାଗୁ କରିବାକୁ ଦାବି

କରିବା, ଇଭିଏମ୍ ଜାଲିଆତି ରୋକିବା, ମାଗଣା ବିଜୁଳି ଯୋଗାଇ ଦେବା, ଜମିହୀନଙ୍କୁ ଜମି ଯୋଗାଇ ଦେବା ଇତ୍ୟାଦି ଦାବିରେ ବକ୍ତାମାନେ କହିଥିଲେ। ଏହି ଆୟୋଜନରେ ବଲାଙ୍ଗୀର ଜିଲା ତଥା ଜିଲା ବାହାରୁ ବିଭିନ୍ନ ସାମାଜିକ ସଙ୍ଗଠନ ଭୀମ ଆର୍ମି, ଜୟ ଭୀମ ସଙ୍ଗଠନ ସଭାପତି ଅଚ୍ୟୁତ କୁମ୍ଭାର, ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଲଳିତ ମହାନନ୍ଦ, ସନ୍ତୋଷ ଛତ୍ରିଆ, ଏସ୍‌ସି ଏସ୍‌ଟି ଓବିସି ସମନ୍ୱୟ ସମିତି ସଭାପତି ଦ୍ୱିଜ ଦଳପତି, ରାଜେନ୍ଦ୍ର ସୁନା, ସନାତନ ଦୀପ, ସସ୍ମିତା ମେହେର, ସୁବାସନୀ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସଞ୍ଜୟ ଛତ୍ରିଆ, ପୂର୍ଣ୍ଣଚନ୍ଦ୍ର ବାଗ, ଭକ୍ତ ଛତ୍ରିଆଙ୍କ ସହ ବିଭିନ୍ନ ସଙ୍ଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ବନ୍ଧର ଉନ୍ନତୀକରଣ ନେଇ ବିଧାୟକଙ୍କ ଦ୍ୱାରା ଭୂମିପୂଜନ

କଣ୍ଢାବାଞ୍ଜି ବନ୍ଧର ଉନ୍ନତି କରଣର ଭୂମିପୂଜନ ଅବସରରେ ଉପସ୍ଥିତ ବିଧାୟକ ଓ ଗ୍ରାମବାସୀ।

କଣ୍ଢାବାଞ୍ଜି, ୩୦।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଢାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରିବାହାଲ ବ୍ଲକ ଲେବଡା ପଞ୍ଚାୟତସ୍ଥିତ କର୍ଣ୍ଣାସନି ବନ୍ଧର ଉନ୍ନତିକରଣ ପାଇଁ ସୋମବାର ଭୂମିପୂଜନ ହୋଇଯାଇଛି। ଏହି ଭୂମିପୂଜନରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୂମି ପୂଜନ ସହ ଭିତ୍ତିପ୍ରସ୍ତର ଦେଇଛନ୍ତି। ଏହା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ଅନୁଦାନରେ ଉନ୍ନତିକରଣ କରାଯିବ। ଏହି ଭୂମିପୂଜନରେ ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଫକୀର ଲୁହାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

କଣ୍ଢାବାଞ୍ଜି ଏନ୍‌ଏସିରେ ଜନଗଣନା ତାଲିମ ଶିବିର

କଣ୍ଢାବାଞ୍ଜି, ୩୦।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଢାବାଞ୍ଜି ଏନ୍‌ଏସି ଦ୍ୱାରା ଜନଗଣନା ତାଲିମ ଶିବିର ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଚାଲିଥିବା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିର ଏନ୍‌ଏସି ନିର୍ବାହୀ ଅଧିକାରୀ ତଥା ଚାର୍ଜ ଅଫିସର ଛବି ପୋତ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଶିବିରରେ ୮ସୁପରଭାଇଜର, ୪୪ ଏନୁମେରେଟରଙ୍କୁ ତାଲିମ ଦିଆଯାଇଛି। ସମ୍ପୃକ୍ତ ସୁପର ଭାଇଜର ଓ ଏନୁମେରେଟର ସିଆରସିସି ଦିନେଶ ମହାନନ୍ଦଙ୍କ ସହଯୋଗରେ ଘରକୁ ଘର ବୁଲି ଜନଗଣନା କରୁଛନ୍ତି।

ଭୂ-ଅଧିଗ୍ରହଣ, ବର୍ଷିଲେ ଚାଷୀ ନେତା

ଟିଟିଲାଗଡ଼, ୩୦।୩ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଳକୃଷ୍ଣ ଖାଣ୍ଡଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ହେବାକୁ ଥିବା ସାଧାରଣ ଜନତା ତଥା ଚାଷୀ ସୋମବାର ଟିଟିଲାଗଡ଼ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେବା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ମୁତାବକ ହିନ୍ଦୁସ୍ତାନ ପେଟ୍ରୋ କେମିକାଲ କମ୍ପାନୀ (ଏଚପିସିଏଲ) ରାୟପୁରରୁ ବିଶାଖାପାଟଣା ପର୍ଯ୍ୟନ୍ତ ଭୂମି ତଳେ ପାଇପ ଯୋଗେ ପେଟ୍ରୋଲ ତଥା ଡିଜେଲ ପରିବହନ ପାଇଁ ଯୋଜନା କରିଛି। ଏନେଇ ଚାଷ ଜମି ସମେତ ଅନ୍ୟ ବର୍ଗର ଜମି ତଳେ ପାଇପ ପୋତିବା ଯୋଜନା କରିଛି। ପାଇପ ଉପରେ ଥିବା ଜମିର ୧୨ ମିଟର ମଧ୍ୟ କମ୍ପାନୀ ମୁକ୍ତ ରଖିବାକୁ ଚାହୁଁଛି। ସେ ଅନୁଯାୟୀ କ୍ଷତିପୂରଣ କମ୍ପାନୀ ନିଜ ସର୍ତ୍ତ ମୁତାବକ ପ୍ରଦାନ କରିବ। ବଜାର ଦର ମୁତାବକ ସେମାନଙ୍କ ସର୍ତ୍ତ ମୁତାବକ କ୍ଷତିପୂରଣ ଦାବିକରି ବ୍ଲକ ଅନ୍ତର୍ଗତ ଲୁଥୁରବନ୍ଧ, ପୁଡାପଦର ଉଦେପୁର, ମହଦା ଅଞ୍ଚଳର ପ୍ରଜା କାମ ବନ୍ଦ କରିଛନ୍ତି। ଏହାକୁ ନେଇ ସୋମବାର ଉପଜିଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ପ୍ରକୋଷ୍ଠରେ ତହସିଲଦାର ଶଙ୍କର ବାଗ, କମ୍ପାନୀର ପ୍ରକଳ୍ପ ପରିଚାଳକ ରମେଶ ଚନ୍ଦ୍ର ସେଠୀଙ୍କ ଉପସ୍ଥିତିରେ ତ୍ରିପାକ୍ଷିକ ଆଲୋଚନା ଦେଖିବାକୁ ମିଳିଥିଲା। ଧାର୍ଯ୍ୟ ବେଚ ମାର୍କର ୪୦ ପ୍ରତିଶତ ଅଧିକ ଏବଂ ଚାଷୀଙ୍କ ଗୋଟିଏ ବର୍ଷ ଫସଲ ନଷ୍ଟର ମୂଲ୍ୟ କମ୍ପାନୀ ପ୍ରଦାନ କରିବ, ପାଇପ ଯାଇଥିବା ସ୍ଥାନରେ ଚାଷୀ ସ୍ଥାୟୀ ନିର୍ମାଣ ବ୍ୟତୀତ ଯେକୌଣସି ଚାଷ କରି ପାରିବେ ବୋଲି ଉପଜିଲାପାଳ ଚାଷୀଙ୍କୁ ବୁଝାଇଥିଲେ। ତେବେ ଉକ୍ତ ଅଞ୍ଚଳରେ ବର୍ତ୍ତମାନ ଜମିର ମୂଲ୍ୟ ବେଚମାର୍କ ଠାରୁ ୧୦୦ ଗୁଣା ବୃଦ୍ଧି ଘଟିଛି। ଏଭଳି ସ୍ଥଳେ ଜମିର ଠିକ ଭାବରେ ନିର୍ଦ୍ଧାରଣ କରିବାକୁ କ୍ଷତିଗ୍ରସ୍ତ ଚାଷୀ ଫଟୁ ମହାନନ୍ଦ, ଲକ୍ଷ୍ମଣ ମାଝୀ, ମିହିର ମାଝୀ ତ୍ରିଲୋଚନ ସାହୁ, ଶେଷ ବାଗ ରସିକ କୁମ୍ଭାର, ରଜନୀ ଛତର, ପର୍ବତ କୁମ୍ଭାର, ଲକ୍ଷପତି ନାଗ, ମନୋହର କୁମ୍ଭାର, ଗୁଣ କୁମ୍ଭାର, ପାର୍ଥ ମହାନନ୍ଦ, କୁର୍ତ୍ତ କୁମ୍ଭାର, ଗଣେଶର କୁମ୍ଭାର, ଘନ କୁମ୍ଭାର ପ୍ରମୁଖ ଉପଜିଲାପାଳଙ୍କ ଠାରେ ନେହୁରା ହୋଇଥିବା ଦେଖାଯାଇଥିଲା। ଶେଷ ଖବର ସୁଦ୍ଧା କ୍ଷତିଗ୍ରସ୍ତ ଲୋକେ ଗ୍ରାମରେ ବୈଠକ କରି ଜମି ଛାଡ଼ିବେ ନା ଆନ୍ଦୋଳନକୁ ଓହ୍ଲାଇବେ ସେ ନେଇ ନିଷ୍ପତ୍ତି ନେବେ ବୋଲି ଚାଷୀ ନେତା ଖାଣ୍ଡ ସୂଚନା ଦେଇଛନ୍ତି।

ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର

ଖପ୍ରାଖୋଲ, ୩୦।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଶକୁନ୍ତଳା ବେହେରା ଅଧ୍ୟକ୍ଷତା କରିଥିଲେ। ଶିବିରରେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଏପିଓ ପ୍ରଶାନ୍ତ କୁମାର ସାହୁ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ଟି ବିଭିନ୍ନ ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାଯାଇଛି।

ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ

ଲାଠୋର, ୩୦।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହେଉଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଲାଠୋର ଗ୍ରାମରେ ପ୍ରାୟ ୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନରୁ ଚାଲିଛି। ପ୍ରକଳ୍ପ କାର୍ଯ୍ୟ ବାହାର ରାଜ୍ୟର କୌଣସି ଏକ କନ୍ସଟ୍ରକ୍ସନ ସଂସ୍ଥା କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ଗ୍ରାମର ଖଇରାପଡ଼ା ନିକଟରେ ଏବଂ ବିଦ୍ୟୁତ୍ ଗ୍ରୀଡ ନିକଟରେ ଗୋଟିଏ ଲେଖାଏଁ ଓଭର ହେଡ୍ ଟ୍ୟାଙ୍କ ନିର୍ମାଣ ହୋଇଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ଖେଳପଡ଼ିଆଠାରେ ଗୋଟିଏ ଲେଖାଏଁ ୟୁଜିଆର ସହ ବୋରୱେଲ ଖୋଳା ଯାଇଛି। ସେଠାରୁ ଗ୍ରାମର ବିଭିନ୍ନ ପଡ଼ାକୁ ପାଇପ ପୋତିବା କାମ ଚାଲିଛି। ଏବେ ପ୍ରାୟ ୨ମାସ ହେବ କନ୍ସଟ୍ରକସନ୍ର ପାଇପ ପୋତିବା କାମ ବନ୍ଦ କରିଦେଇଛି। ଫଳରେ ପାଇପଗୁଡ଼ିକ ମୁଖ୍ୟ ରାସ୍ତା କଡରେ ପଡ଼ିରହିବା ସହ ତଳିପଡ଼ା ଓ ଅନ୍ୟ ପଡ଼ାମାନଙ୍କରେ ମଧ୍ୟ ପାଇପ ପଡ଼ି ରହିଛି। ସେହି ରାସ୍ତା ଦେଇ ଲୋକ ଯାତାୟତରେ ନାନା ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। କନ୍ସଟ୍ରକ୍ସନ ଜାଣି ଶୁଣି କାମ ସମ୍ପୂର୍ଣ୍ଣ କରିବାରେ ଅବହେଳା ପ୍ରଦର୍ଶନ କରି ସମସ୍ୟା ସୃଷ୍ଟି କରୁଥିଲେ ମଧ୍ୟ ବିଭାଗ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସାଧାରଣରେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ କାମ ଏପ୍ରିଲ ପ୍ରଥମ ସପ୍ତାହରୁ ଚାଲିବ ବୋଲି କହିଥିଲେ। ତେବେ କାମ କେବେ ଆରମ୍ଭ ହେବ ଏବଂ କେବେ ସରିବା କଥା ତାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ସାଲେପାଲିରେ ରାମାୟଣ ପାରାୟଣ

ଦେଓଗାଁ, ୩୦।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲିରେ ଶ୍ରୀରାମ ନବମୀ ଅବସରରେ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତା ଭାବେ ଭୁବନେଶ୍ୱର ସାମଲ ଓ ତାଙ୍କ ପତ୍ନୀ କାଞ୍ଚନ ସାମଲ ଦାୟୀତ୍ୱ ତୁଲାଉଛନ୍ତି। ପୁରାଣ ବ୍ୟାସଭାବେ ପ୍ରଶାନ୍ତ ମିଶ୍ର ଯୋଗଦେଇଛନ୍ତି। ଏ ଅବସରରେ ପ୍ରତ୍ୟେକ ରାତିରେ ଗ୍ରାମର କଳାକାରଙ୍କ ଦ୍ୱାରା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଲୀଳା ନାଟ୍ୟାଭିନୟ ଅନୁଷ୍ଠିତ ହେଉଛି। ରବିବାର ରାତିରେ ଶ୍ରୀରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହୋତ୍ସବ ଅନୁଷ୍ଠିତ ହୋଇଥିଲା।

ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

କଣ୍ଢାବାଞ୍ଜି, ୩୦।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଦ୍ୟୁତ୍ୟୋଧନ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କପିଲ ବେହେରା, ମୁଖ୍ୟବକ୍ତା ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଉମାକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ, ଜିଲା ପରିଷଦ ସଦସ୍ୟ ଓମ୍ ପ୍ରକାଶ କୁମ୍ଭାର, ଅନୁଷ୍ଠାନର ସମ୍ପାଦକ ଅଶୋକ ଛୁରା, ସହସମ୍ପାଦକ ବିଶି ପୁଟେଲ, ଉପସଭାପତି ଶମ୍ଭୁଲାଲ ତାଣ୍ଡି, ଚୁଲିଫୁଙ୍କା ସରପଞ୍ଚ ଯମୁନା ବେହେରା, ଶିକ୍ଷକ ହରିରାମ ସତନାମୀ, ଘନଶ୍ୟାମ ମନହୀରା, କୁଶଧଜ ବାଗ, ସୁନୀଲ ମେହେର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପୃଥ୍ୱୀରାଜ ବେହେରା ସ୍ୱାଗତ ବକ୍ତବ୍ୟ ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ସହ ପ୍ରଧାନ ଶିକ୍ଷକ ପୋଖରାଜ ସାହୁ ସଭା ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ୪୫ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ କୁନିୟର ବିଭାଗରେ ଗୁଣନିଧି ସାହୁ, ସିନିୟର ବିଭାଗରେ ଦ୍ୱିତିକ୍ଷିପ୍ତା ଭଇଁସାଲ ପ୍ରମୁଖ ଚାମ୍ପିୟନ ହୋଇଥିବାବେଳେ ବେଷ୍ଟ ଷ୍ଟୁଡେଣ୍ଟ ଭାବେ ଗୁନା ମେହେରଙ୍କୁ ପୁରସ୍କୃତ କରାଯାଇଥିଲା।

ପୂଜ୍ୟପୂଜା ସେବା ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ପୂଜ୍ୟପୂଜା ସେବା ସଙ୍ଗଠନ ପକ୍ଷରୁ ଦିବଂଗତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା କରାଯାଉଛି।

ବଲାଙ୍ଗୀର, ୩୦।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୂଜ୍ୟପୂଜା ସେବା ସଙ୍ଗଠନ ପକ୍ଷରୁ ଶିକ୍ଷାବିତ୍ ଗିରିଜା ଶଙ୍କର ରଥଙ୍କ ଅଧ୍ୟକ୍ଷତାରେ ରବିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ନ୍ୟାସର ପ୍ରତିଷ୍ଠାତା ତଥା ସମାଜିକ କର୍ମୀ ସ୍ୱର୍ଗତ ବାଞ୍ଛାନିଧି ରଥ ଓ ବିଶିଷ୍ଟ ଲେଖକ ସ୍ୱର୍ଗତ ଭ୍ରମରବର ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସଭା ଆରମ୍ଭରେ ୨ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯିବା ସହ ଉଭୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭାରେ ଦିବଙ୍ଗତଙ୍କ ଆଦର୍ଶ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଡ. ପ୍ରେମଚାନ୍ଦ ମହାନ୍ତି, ଶୁଭେନ୍ଦ୍ର ନେପାକ, ମଦନ ମୋହନ ରଥ, କେଶବ ଚନ୍ଦ୍ର ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁଟିଆ, କପିଳ ପତି, କେଶବ ଚନ୍ଦ୍ର ମିଶ୍ର, ସୁନାଧର ବନଛୋର, ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ଦୁର୍ଗା ଚରଣ ସାହୁ, ସୀତାଂଶୁ ଶେଖର ନାୟକ, ପ୍ରଦୀପ ପଶାୟତ, ଟୁଡେନ୍ଦ୍ର ବେହେରା, ଅରୁଣ ଖୁଆସ ଓ ମଧୁ ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବିଧାୟକ ନବୀନ ଜୈନଙ୍କୁ ଗିରଫ ଦାବି କଲା କଂଗ୍ରେସ

ଦାବିପତ୍ର ପ୍ରଦାନ କରାଯାଉଛି।

ଦେଓଗାଁ, ୩୦।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ପବିତ୍ର ଶ୍ରୀରାମ ନବମୀ ଅବସରରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଫାଙ୍କା ଗୁଳିଚାଳନା କରି ଆଇନକୁ ହାତକୁ ନେଇଥିବା ଅଭିଯୋଗରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଂଗ୍ରେସ ତରଫରୁ ସୋମବାର ଦେଓଗାଁ ଥାନାରେ ଏତଲା ଦିଆଯାଇଛି। ବ୍ଲକର ଛାତ୍ର ଓ ଯୁବ କଂଗ୍ରେସ କର୍ମକର୍ତ୍ତା ଥାନା ସମ୍ମୁଖରେ ଏକତ୍ରିତ ହୋଇ ବିଧାୟକଙ୍କ ଦ୍ୱାରା ହୋଇଥିବା ଆଇନ ବିରୋଧ କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ଫାଙ୍କା ଗୁଳିଚାଳନା କରି ଲୋକଙ୍କୁ ଭୟଭୀତ କରାଯିବା ଓ ଏହି ଘଟଣାରେ ତାଙ୍କୁ ସହଯୋଗ କରିଥିବା ପିଏସ

ଅସମ୍ପୂର୍ଣ୍ଣ ସ୍ୱେରେଜ ପ୍ରକଳ୍ପ, ଜଳସ୍ରୋତ ପ୍ରଦୂଷିତ

ରାଉରକେଲା,୩୦।୩(ସଙ୍ଗୀତା ଜେନା)

କୋଏଲ ନଦୀକୁ ଯାଉଥିବା ପ୍ରଦୂଷିତ ଜଳ।

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ନିର୍ଗତ ବର୍ଜ୍ୟଜଳ ଠିକ୍ ଭାବେ ନିଷ୍କାସନ ଓ ପ୍ରଭାବଶାଳୀ ଭାବେ ସ୍ୱଚ୍ଛ କରି ବ୍ରାହ୍ମଣୀ ଓ କୋଏଲ ନଦୀକୁ ଛଡିବା ପାଇଁ ୨୦୧୬ ଜାନୁଆରୀ ୯ରେ ରାଉରକେଲାରେ ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ଏବେ ଅଧାପନ୍ତରିଆ ଭାବେ ପଡିରହିଛି। ଏପର୍ଯ୍ୟନ୍ତ ସହରର ବିଭିନ୍ନ ଅଞ୍ଚଳରେ ୨୫ ପ୍ରତିଶତ ଘରକୁ ସ୍ୱେରେଜ ଲାଇନ୍ ସଂଯୋଗୀକରଣ ହୋଇଛି। ସେହିପରି କୋଏଲନଗରରେ ଏସ୍‌ଟିପି ପ୍ଲାଣ୍ଟ ନିର୍ମାଣରେ ଜମି ବିବାଦ ଦେଖାଯାଇଛି। ଏହା ଏକ ପ୍ରମୁଖ ସମସ୍ୟା ସାଜିଛି। ସିଭିଲଟାଉନଶିପ୍ ଓ ଛେଣ୍ଡ ଅଞ୍ଚଳରେ ଘରକୁ ସ୍ୱେରେଜ ସଂଯୋଗୀକରଣ ମୁଖବନ୍ଧା ପାଲଟିଛି। ବର୍ଷା ଋତୁ ଏବଂ ସାମାନ୍ୟ କାଳବୈଶାଖୀ ବର୍ଷାରେ ସ୍ୱେରେଜ ଚାମ୍ବରଗୁଡ଼ିକରେ ଆବର୍ଜନା ପାଣି ଉଛୁଳି ଲୋକଙ୍କ ଘର ଭିତରକୁ ପ୍ରବେଶ କରୁଛି। ଅପରପକ୍ଷେ, ୨୦୨୬ରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗୁରୁତ୍ୱ ଦିଆଯାଉଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ୨୦୨୧ ଫେବ୍ରୁଆରୀ ୧୬ରେ ବାଲୁଘାଟ ରୁପୁଟୋଲାରେ ସ୍ୱେରେଜ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା। ପ୍ରାୟ ୨୬୦ କୋଟି ଟଙ୍କା ବ୍ୟୟରେ ୪୦ ମିଲିଅନ୍ ଲିଟର କ୍ଷମତା ବିଶିଷ୍ଟ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି-୩) ସ୍ଥାପିତ ହୋଇଥିଲା। ଏଥିରେ ପ୍ରାୟ ୧୮୫ କି.ମି. ସ୍ୱେରେଜ ଲାଇନ୍ ସହ ଏସ୍‌ଟିପି-୩ର ମୋଟ ୧୦ ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ସଂଯୋଗ କରିବାକୁ ଯୋଜନା ରହିଥିଲା। ଅମୃତ ମିଶନ ଜରିଆରେ ପ୍ରାୟ ୮୫୦କୋଟି ଟଙ୍କାରେ ଏହା ନିର୍ମାଣ ହେଉଛି। ସିଭିଲଟାଉନଶିପ୍, ସେକ୍ଟର ୧ରୁ୬ ମଧ୍ୟରେ କିଛି ଅଞ୍ଚଳ, ଉଦିତନଗର ବ୍ୟତୀତ ଅନେକ ସ୍ଥାନରେ ଏଯାବତ୍ କାମ ଅଧୁରା ରହିଛି। ୨୦୨୪-୨୫ ସୁଦ୍ଧା ପ୍ରକଳ୍ପ ଅବଧି ସମ୍ପୂର୍ଣ୍ଣ କରିବାକୁ ଥିବାବେଳେ ତାହା ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। କୋଏଲନଗରର ଦିଲୀପ ଦାଶ କୁହନ୍ତି, କୋଏଲନଗର ସ୍ୱେରେଜ ବୋର୍ଡରେ ପ୍ରାୟ ୫୦ବର୍ଷ ତଳେ କାର୍ଯ୍ୟ ହୋଇଥିଲା। ଏହାର ପାଇପଗୁଡ଼ିକ ନଷ୍ଟ ହୋଇଯାଇଛି। ଫଳରେ ଏଥିରେ ଆବର୍ଜନା ପାଣି ବାହାରେ ଭାସୁଛି। କେବଳ ପାଇପ୍ ପରିବର୍ତ୍ତନ କଲେ ହେବ ନାହିଁ, ବରଂ କୋଏଲନଗରରେ ଏସ୍‌ଟିପି ନିର୍ମାଣରେ ଥିବା ପ୍ରତିବନ୍ଧକୁ ଦୂର କରି କୋଏଲ ନଦୀକୁ ସ୍ୱଚ୍ଛ ରଖିବା ଉପରେ ବିଭାଗ କାମ କରୁ ବୋଲି ଦାଶ କହିଥିଲେ। ଏ ସମ୍ପର୍କରେ ୱାଟକୋ ଭାରପ୍ରାପ୍ତ ଅଧିକାରୀ (ସ୍ୱେରେଜ ବୋର୍ଡ) ତୁଷାର ମେହେରଙ୍କୁ ପଚରାଯିବାରୁ ସେ କହିଲେ, ଆଧୁନିକ ସ୍ୱେରେଜ ନେଟୱାର୍କ ଓ ଏସ୍‌ଟିପି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି। ପୁରୁଣା ପାଇପ୍‌ଗୁଡ଼ିକ ପୁନରୁଦ୍ଧାର କରାଯାଇଛି। ପ୍ଲାଷ୍ଟିକ ବ୍ୟବହାର ହ୍ରାସ ତଥା ନାଗରିକ ସଚେତନତା ଅଭିଯାନ କରାଯାଉଛି। ସେହିପରି ପାଣିଲାଇନ୍ ଓ ବିଦ୍ୟୁତ୍ କେବୁଲ ମୁଖ୍ୟ ବାଧକ ହେଉଛି। ମୌସୁମୀ ସମୟରେ ୩-୪ ମାସ କାର୍ଯ୍ୟ ମନ୍ଥର ହୋଇଥିଲା। ଫଳରେ କାର୍ଯ୍ୟରେ ସାମାନ୍ୟ ବିଳମ୍ବ ଘଟିଛି। ଶୀଘ୍ର କାର୍ଯ୍ୟ ଶେଷ ହେବା ଆଶା କରାଯାଉଛି ବୋଲି ମେହେର କହିଥିଲେ।

ନାରୀ ସମ୍ମାନ ଆଜି ଓ ସବୁଦିନ ଶୀର୍ଷକ ଆଲୋଚନାଚକ୍ର

ଆଲୋଚନାଚକ୍ରରେ ଉପସ୍ଥିତ ବକ୍ତା ଓ ଅନ୍ୟମାନେ।

ରାଉରକେଲା,୩୦।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବାସନ୍ତୀ ପାଠାଗାର ପକ୍ଷରୁ ସ୍ୱତନ୍ତ୍ର ମାସିକ ସାହିତ୍ୟ ଆସରରେ 'ନାରୀ ସମ୍ମାନ ଆଜି ଓ ସବୁଦିନ' ଶୀର୍ଷକରେ ଏକ ଆଲୋଚନାଚକ୍ର ରବିବାର ସନ୍ଧ୍ୟାରେ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସମ୍ପାଦିକା କବିତା ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ଗାୟତ୍ରୀ ସେଠୀଙ୍କ ପୌରୋହିତ୍ୟରେ ଛେଣ୍ଡ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରଗଠନରେ ନାରୀର ଭୂମିକା, ଗାଣ୍ଡ୍ରିକା ମୋନାଲିସା ମିଶ୍ର ପରିବାର ଓ ପେଶା ମଧ୍ୟରେ ସନ୍ତୁଳନ, ଡାକ୍ତର ଗୀତାଞ୍ଜଳି ପତ୍ରୀ ନାରୀ ସ୍ୱାସ୍ଥ୍ୟ ଓ ସୁସ୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସବିତା ପରିଡ଼ା ଓ ଗୀତାଞ୍ଜଳି ମହାରଣାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ପ୍ରିୟା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭୁଦତ୍ତ ବେହେରା, ସୁପ୍ରିୟା ଜେନା, ସୌଦାମିନୀ ମିଶ୍ର, କରୁଣାକର ପାଟ୍ଟଶାଣୀ, ରାଜଲକ୍ଷ୍ମୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ମୁଣ୍ଡା ମାର୍କେଟରୁ ୯ ଏଲ୍‌ପିଜି ସିଲିଣ୍ଡର ଜବତ

ରାଉରକେଲା,୩୦।୩(ସଙ୍ଗୀତା ଜେନା): ଦେଶରେ ତୈଳ ଓ ଗ୍ୟାସ ସଙ୍କଟ ବେଳେ ବିଭିନ୍ନ ସ୍ଥାନରେ ରନ୍ଧନ ଗ୍ୟାସ ସିଲିଣ୍ଡରର କଳାବଜାର ଚାଲିଛି। ଏହାକୁ ରୋକିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି। ଏହି କ୍ରମରେ ରବିବାର ରାତିରେ ଯୋଗାଣ ବିଭାଗ ପକ୍ଷରୁ ସେକ୍ଟର-୧୯ ଥାନା ଅନ୍ତର୍ଗତ ମୁଣ୍ଡା ମାର୍କେଟରେ ଚଢ଼ାଉ କରାଯାଇଥିଲା। ସେଠାରେ ଫାଷ୍ଟଫୁଡ୍ ଦୋକାନମାନଙ୍କରୁ ୯ଟି ଏଲପିଜି ସିଲିଣ୍ଡର ଜବତ କରାଯାଇ ଥାନାକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ବୈଦ୍ୟନାଥ ସାହୁ ସୂଚନା ଦେଇଛନ୍ତି।

ମିଳିତ ଟ୍ରେଡ୍ ୟୁନିୟନ ବୈଠକ

ରାଉରକେଲା,୩୦।୩(ସଙ୍ଗୀତା ଜେନା): ସୁନ୍ଦରଗଡ଼ ଜିଲାରେ ମିଳିତ ଟ୍ରେଡ୍ ୟୁନିୟନମାନଙ୍କ ବୈଠକ ସେକ୍ଟର-୧୬ ଶ୍ରମିକ ଭବନରେ ରବିବାର ସନ୍ଧ୍ୟା ୭ଟାରେ ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ଜିଲା ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଏଆଇୟୁଟିୟୁସି ଓ ସ୍ଥାନୀୟ ୟୁନିୟନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କେନ୍ଦ୍ରର ମୋଦି ସରକାର ଶ୍ରମିକ ବିରୋଧୀ ୪ ଶ୍ରମ କୋର୍ଡକୁ ଆସନ୍ତା ଏପ୍ରିଲ ୧ ତାରିଖରୁ ବିଧିବଦ୍ଧ ଭାବେ ଲାଗୁ କରିବାକୁ ବିଜ୍ଞପ୍ତି ଜାରି କରିଛନ୍ତି। ଏହାକୁ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ଓ କର୍ମଚାରୀ ଫେଡେରେଶନ ଦୃଢ଼ ବିରୋଧ କରିବା ସହିତ ଉକ୍ତ ଦିନ କଳା ଦିବସ ପାଳନ ପାଇଁ ଆହ୍ୱାନ ଦେଇଛନ୍ତି। ତେବେ ଓଡ଼ିଶାରେ ଉକ୍ତ ଦିନ ଓଡ଼ିଶା ଦିବସ ଥିବାରୁ ଏପ୍ରିଲ ୨ ତାରିଖରେ ଏହାକୁ ସଙ୍ଗଠିତ କରିବା ପାଇଁ ରାଜ୍ୟସ୍ତରରେ ନିଷ୍ପତ୍ତି ନିଆଯାଇଛି। ତେଣୁ ୨ ତାରିଖରେ ବିଶ୍ରା ଛକ ନିକଟରେ ବିକ୍ଷୋଭ କରିବା ସହିତ ଶ୍ରମିକମାନେ କଳାବ୍ୟାଜ୍ ପରିଧାନ କରି ଏହାକୁ ପାଳନ କରିବା ସହିତ ଆଗାମୀ ଦିନରେ ଏହା ବିରୁଦ୍ଧରେ ଶ୍ରମିକ ଆନ୍ଦୋଳନ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସିଆଇଟିୟୁ ରାଜ୍ୟ ସମ୍ପାଦକ ବସନ୍ତ ନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

ଏଆଇ, ଆଇଓଟି ସମ୍ପର୍କିତ କର୍ମଶାଳା

ରାଉରକେଲା,୩୦।୩(ବିପ୍ଳବ ରଞ୍ଜନ ଦାଶ)

କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ର।

ଏଆଇ ଏବଂ ଆଇଓଟି ସମ୍ପର୍କିତ ଏକ କର୍ମଶାଳା ସେକ୍ଟର-୨୦ ସ୍ଥିତ ଏସ୍‌ଏସ୍‌ଆର୍‌ଭିଏମ୍ ପରିଚାଳିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ଗିରିଜା ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଆଇଟିର କମ୍ପ୍ୟୁଟର ବିଜ୍ଞାନର ପ୍ରାଧାପକ ଡ. ପବିତ୍ର ମୋହନ ଖୁଲାର ବିଷୟ ବିଶେଷଜ୍ଞ ଓ ସହଯୋଗୀ ଭାବେ ନିତେଶ ପାତ୍ର, ନିଶାନ ମାଇତି, ଆଶିଷ କୁମାର ବାରିକ ପ୍ରମୁଖ ଯୋଗଦେଇ ଏଆଇ ଏବଂ ଆଇଓଟି ଉପଯୋଗିତା ଓ ସାମ୍ପ୍ରତିକ ସମୟରେ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିପାଇଁ ପ୍ରାଧାପକ ଡ. ଖୁଲାର ଓ ଟିମ୍ ଦ୍ୱାରା ପ୍ରସ୍ତୁତ ମେଶିନ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ବିଶେଷ କରି ଅଷ୍ଟମ, ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀର ପ୍ରାୟ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ କରାଯାଇ ଛାତ୍ରୀଛାତ୍ରମାନେ ନିଜର ସନ୍ଦେହ ମୋଚନ ପାଇଁ ବିଭିନ୍ନ ପ୍ରଶ୍ନ ପଚାରି ବିଷୟ ବିଶେଷଜ୍ଞଙ୍କ ପାଖରୁ ସମାଧାନ ପାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡ. ଖୁସବୁ ଜ୍ୟୋତି, ବିତ୍ତ ପ୍ରବନ୍ଧକ ସୁଚିନ୍ଦ୍ରନ ସେନଗୁପ୍ତ, ବରିଷ୍ଠ ଶିକ୍ଷୟିତ୍ରୀ ମୀନାକ୍ଷୀ ପାଢ଼ୀ, ମନପ୍ରିତ କୌର, ବିଶାଲ ସୁନାନୀ ପ୍ରମୁଖ ସହଯୋଗ କରିଥିଲେ।

ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସନାତନ ଜାଗ୍ରତ ସଭା

ରାଉରକେଲା,୩୦।୩(ଦିନେଶ ମିଶ୍ର): ଛେଣ୍ଡସ୍ଥିତ ଦେବ ବିହାର ମନ୍ଦିର ପରିସରରେ ସୋମବାର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସନାତନ ଜାଗ୍ରତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ପ୍ରଭାରୀ ଡ. ସନାତନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଆଦି ଦେବଦେବୀଙ୍କ ଧର୍ମ ହେଉଛି ସନାତନ ଧର୍ମ। ସନାତନ ସର୍ବଦା ବିଶ୍ୱକୁ ନୈତିକତା ଓ ସଂସ୍କାର ଶିଖାଇଥାଏ। ତେଣୁ ପ୍ରତ୍ୟେକ ହିନ୍ଦୁ ସନାତନ ଧର୍ମ ସମାଜକୁ ଦେଇଥିବା ଗୀତା, ବେଦଶାସ୍ତ୍ରକୁ ଅଧ୍ୟୟନ କରି ଏକ ସୁସ୍ଥ ଓ ସଂସ୍କାରିତ ସମାଜ ଗଠନ କରିବା ପାଇଁ ପ୍ରଧାନ ଆହ୍ୱାନ ଦେଇଥିଲେ। ପରେ ମନ୍ଦିର ପରିସରରେ ଏକ ବିଶ୍ୱଶାନ୍ତି ଯଜ୍ଞ କରାଯାଇଥିଲା। ଏହି ଯଜ୍ଞରେ ଏକାଧିକ ପରିଷଦର କର୍ମୀ ଉପସ୍ଥିତ ରହି ଘୃତ ଓ ନାରିକେଳ ଅର୍ପଣ କରି କରିଥିଲେ। ଶୁଶିଲ କୁଜୁର, ଦୀପକ ତିୱାରୀ, ଗୋଲକ ମହାନ୍ତି, ସୁରେଶ ଠାକୁର, ନରେଶ ରାମ ପ୍ରମୁଖ ସହଯୋଗ କରିଥିଲେ।

ଉତ୍କଳ ଗୌରବ ମଧୁସୂଦନ ଦାସ ମେମୋରିଆଲ ହଲ୍ ଉଦ୍‌ଘାଟିତ

ମୁଖ୍ୟ ଅତିଥି ହଲ୍‌କୁ ଉଦ୍‌ଘାଟନ କରୁଛନ୍ତି।

ରାଉରକେଲା,୩୦।୩(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୨୧ସ୍ଥିତ ରାଉରକେଲା ଆଇନ୍ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସ ମେମୋରିଆଲ ହଲ୍‌କୁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ରବିବାର ଉଦ୍‌ଘାଟନ କରିଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ଼ ଯତିନ୍ଦ୍ର ନାୟକ ଓ ଭାରପ୍ରାପ୍ତ ଅଧ୍ୟକ୍ଷା ଡ଼ ସମ୍ପାଦିକା ମହାନ୍ତିଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପକ ତନ୍ମୟରାଜ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ସୁନିଲ କୁମାର ବିଶି, ଏମଡି ରଫିକ୍, ଡ. ପ୍ରଜ୍ଞାପରମିତା ପଣ୍ଡା, ଡ. ଦିବ୍ୟେନ୍ଦୁ କୁମାର ପଣ୍ଡା, ଆଲୁମ୍‌ନି ଆସୋସିଏଶନ ସଭାପତି ଡ. ସୁମନ ଦତ୍ତ, ସାଧାରଣ ସମ୍ପାଦକ ଅଧ୍ୟାପକ ତ୍ରୟୋଲକ୍ୟନାଥ ପାଣ୍ଡେଙ୍କ ସମେତ ବହୁ ଆଲୁମ୍‌ନି ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସନ୍ଧ୍ୟା ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

ସୀତାରାମ ମନ୍ଦିରରେ ଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ

ରାଉରକେଲା, ୩୦।୩(ବିପ୍ଳବ ରଞ୍ଜନ ଦାଶ): ରାମନବମୀ ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସେକ୍ଟର-୩ ସ୍ଥିତ ଶ୍ରୀ ଶ୍ରୀ ସୀତାରାମ ମନ୍ଦିରରେ ସୋମବାର ପ୍ରବଚନ, ଯଜ୍ଞ ଆଦି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ପ୍ରଖଣ୍ଡ ସଭାପତି ପ୍ରଭାତ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ସମାପନୀ କାର୍ଯ୍ୟକ୍ରମରେ ଗୋଦାବରୀଶ ଶତପଥୀ, ସତ୍ୟାନନ୍ଦ ଦାସ, ସର୍ବେଶ୍ୱର ଦାସ, ସନାତନ ପଟେଲ ପ୍ରମୁଖ ଯୋଗଦେଇ ହିନ୍ଦୁ ରାଷ୍ଟ୍ର ଗଠନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ସାତ୍ତ୍ୱିକ ଭାବ ବୃଦ୍ଧି, ସନାତନୀ ହିନ୍ଦୁ ଧର୍ମ ସମାଜ ଐକ୍ୟବଦ୍ଧତା ତଥା ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ଦିର ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା।

ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ସ୍ୱତନ୍ତ୍ର ଶିବିର

ଶିବିରରେ କଲେଜ ଷ୍ଟାଫ ଓ ସ୍ୱେଚ୍ଛାସେବୀ।

ରାଉରକେଲା,୩୦।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ମାଧ୍ୟମରେ ଗତ ୨୬ତାରିଖରୁ ସ୍ୱତନ୍ତ୍ର ଶିବିର ଆରମ୍ଭ ହୋଇଛି। ଏହି ଶିବିର ଆସନ୍ତା ଏପ୍ରିଲ ୧ତାରିଖ ଯାଏଁ ପୋଷ୍ୟଗ୍ରାମ ପଦ୍ମପୁର ଓ କୁଆଁରମୁଣ୍ଡାଠାରେ ଚାଲିବ। ବେଦବ୍ୟାସ ସଂସ୍କୃତ କଲେଜର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଜ୍ୟୋସ୍ନାରାଣୀ ଦାଶ ଏହାକୁ ପରିଚାଳନା କରୁଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପରମେଶ୍ୱର ଶତପଥି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରୁଛନ୍ତି। ଗ୍ରାମ୍ୟ ଭ୍ରମଣ ସହ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ବୃକ୍ଷରୋପଣ ତଥା ସୁସ୍ଥତା ବାର୍ତ୍ତା ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଯାଉଛି। ଏହାସହିତ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଦୈନିକ ଶୋଭାଯାତ୍ରା ମାଧ୍ୟମରେ ଲୋକମାନଙ୍କୁ ସ୍ୱଚ୍ଛତା ଅଭିଯାନ ବାର୍ତ୍ତା ପ୍ରଦାନ କରାଯାଉଛି।

ଏପ୍ରିଲ ୨ରେ ଗରିମା ପରିବାରର ଓଡ଼ିଶା ଦିବସ

ରାଉରକେଲା,୩୦।୩(ବିପ୍ଳବ ରଞ୍ଜନ ଦାଶ)

ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ଆସନ୍ତା ଏପ୍ରିଲ ୨ ତାରିଖରେ ସିଭିକ ସେଣ୍ଟରରେ ଗରିମା ପରିବାରର ଅଷ୍ଟମ ଓଡ଼ିଶା ଦିବସ ପାଳନ ପାଳନ କରାଯିବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ସେକ୍ଟର-୨ ସେହେନାଇ ମଣ୍ଡପରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌର, ଦୀପିକା ମହିଳା ସଂହତି ଉପସଭାପତି ପ୍ରତିଜ୍ଞା ପଲେଇ ଅତିଥି ଭାବେ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମାଜସେବୀ ଅନୁଶ୍ରୀ ଦାଶ ଓ ସୁନ୍ଦରଗଡ଼ର ଗୀତାଞ୍ଜଳି ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାସହିତ ଓଡ଼ିଆ କଳା, ସଂସ୍କୃତି ଓ ନାରୀ ସଶକ୍ତୀକରଣ ଆଧାରିତ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବ। ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷା ନିହାରିକା ବଘିଆ, ସଭାପତି ମମତା ନାୟକ, ସମ୍ପାଦିକା ଡ. ସରିତା ମଲ୍ଲ, କାର୍ଯ୍ୟକ୍ରମ ସଂଯୋଜିକା ସୁମିତା ପଟ୍ଟନାୟକ, ପ୍ରଣତୀ ପଟ୍ଟନାୟକ, ମୋନାଲିସା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ବସନ୍ତ କାବ୍ୟ ସନ୍ଧ୍ୟା, ଆଲୋଚନାଚକ୍ର

ରାଉରକେଲା, ୩୦।୩(ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ କଲଚରାଲ ଏକାଡେମୀ ପରିସରରେ ସୋମବାର ବସନ୍ତ କାବ୍ୟ ସନ୍ଧ୍ୟା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ମାର୍କସୀୟ ଚେତନାର ବ୍ୟାଖ୍ୟାକାର ବିଷ୍ଣୁ ମହାନ୍ତି ମୁଖ୍ୟ ଆଲୋଚକ ଭାବେ ଭୂ ରାଜନୈତିକ ଚିତ୍ରପଟରେ ଯୁଦ୍ଧ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ସେ ବିଶ୍ୱଯୁଦ୍ଧର ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ

ସଡ଼କ ଦୁର୍ଘଟଣା, ଜଣେ ଗୁରୁତର

ଭେଡ଼େନ, (ହୃଷିକେଶ ଖମାରୀ): ଗୋଡ଼ଭଗା-ଗୁରୁମ ୫୮ ନମ୍ବର ରାଜ୍ୟ ରାଜପଥ ଭେଡ଼େନ ଥାନା ଗୁଣ୍ଡୁଡ଼ା ଫାଣ୍ଡି ଅନ୍ତର୍ଗତ ଖୁଣ୍ଟୁଲିପାଲିର ଏକ ଢାବା ନିକଟରେ ରବିବାର ସନ୍ଧ୍ୟାରେ ଏକ ବାଇକ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଭେଡେନ ଥାନା ପାପପାଲି ଗ୍ରାମର ସନ୍ତୋଷ ପୋଦ୍ଦା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କାଦୋବାହାଲ ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ ଗୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସଂକ୍ଷେପରେ

ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ବରପାଲି,୩୦।୩ (ଚିତ୍ତରଞ୍ଜନ ସାହୁ)

ବରପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା, ବରଗଡ,ସିଡିଏମ୍ ଓ କୁବେର ମହନ୍ତ, ଜିଲା ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶୁଣାଣିରେ ମୋଟ ୭୭ଟି ଅଭିଯୋଗ ଆସିଥିବା ବେଳେ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶୁଣାଣିରେ ତହସିଲଦାର ଭୁଜ୍ଜଣ ମେହେର, ବିଡିଓ ସୁମନ୍ତ କୁମାର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ଥାନାଧିକାରୀ ପ୍ରମୋଦ କୁମାର ସାହୁଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଝାରବନ୍ଧ,୩୦।୩ (ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଜାଡୋଲଠାରେ ତିନିଦିନ ଧରି ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିରର ତୃତୀୟ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଝାରବନ୍ଧ, ଗନିଆରି, ବିଜାଡୋଲ, ବରଘୁଣ୍ଡା, ପୂଜାରୀ ଗୁଡ଼ା, ସାଧୁପାଲି, ଧୂବଳପଡ଼ା ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏହି ଯଜ୍ଞରେ କର୍ତ୍ତା ଭାବରେ ରଜନୀ ଶଗର ଓ ତାଙ୍କର ସ୍ତ୍ରୀ ମାଳତୀ ଶଗର ତୁଲାଇଥିଲେ। ଯଜ୍ଞ ପୁରୋହିତ ଭାବରେ ବୁଦ୍ଧାଧନ ଦାସ ଓ ଲିଙ୍ଗରାଜ ତ୍ରିପାଠୀ ହୋମଯଜ୍ଞ ସମ୍ପାଦନ କରିଥିଲେ। ଶନିବାର ସ୍ଥାନୀୟ ପୋଖରୀରୁ ଶହେ ଆଠ ପୂର୍ଣ୍ଣକଳସ ଆଣି ଗାଁରେ ଶୋଭାଯାତ୍ରା ପରେ ରାଧାକୃଷ୍ଣ ପ୍ରତିମୂର୍ତ୍ତିରେ ସ୍ଥାପନ କରି ନାମ ସଂକୀର୍ତ୍ତନ୍ୟ ଆରମ୍ଭ ହୋଇଥିଲା । ସୋମବାର ପୂର୍ଣ୍ଣାହୁତି ପରେ ଦହି ହାଣ୍ଡି ଭଂଗାଯାଇ କଳସ ବିସର୍ଜନ କରାଯାଇଥିଲା । ଏହି ଷୋହଳ ପ୍ରହର ନାମଯଜ୍ଞକୁ ରମେଶ ଚନ୍ଦ୍ର ରାୟ, ଅଶୋକ ହାତୀ, ଆଭାସ ଦାସ, ଭଜନ ସଗର, ଦେବରାଜ ଶ୍ରୀଦାର ପ୍ରମୁଖ କମିଟି ଭାବରେ ଯଜ୍ଞ ପରିଚାଳନା କରିଥିଲେ।

ପୁନଃ ଗଣତି, ଫଳାଫଳ ଅପରିବର୍ତ୍ତିତ

ଜିଲା ଓକିଲ ସଂଘ ନିର୍ବାଚନ

ବରଗଡ଼,୩୦।୩ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭୀଷ୍ମଦେବ ସରାଫ୍ ସଭାପତି, ଉତ୍ତର କୁମାର ସାହୁ ଉପସଭାପତି, ହରିହର ପ୍ରଧାନ ସମ୍ପାଦକ, ବୈକୁଣ୍ଠନାଥ ପଣ୍ଡା, ଟି. ଷଡ଼ଙ୍ଗୀ ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଥିଲେ। ତେବେ ସଭାପତି ପଦବୀରେ ନିର୍ବାଚିତ ଭୀଷ୍ମଦେବ ଏବଂ ଯୁଗ୍ମ ସମ୍ପାଦକ ପଦବୀରେ ନିର୍ବାଚିତ ବୈକୁଣ୍ଠନାଥଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୁନଃ ଗଣତି ପାଇଁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ଏହି କ୍ରମରେ ରବିବାର ସଭାପତି ଏବଂ ଯୁଗ୍ମ ସମ୍ପାଦକ ପଦବୀରେ ପଡ଼ିଥିବା ଭୋଟ୍‌ର ପୁନଃ ଗଣତି ହୋଇଥିଲା। ପୁନଃ ଗଣତି ପରେ ଫଳାଫଳ ଅପରିବର୍ତ୍ତିତ ରହିଥିଲା।

ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପାଇକମାଳ, ୩୦।୩ (ବଡ଼ ଶତପଥୀ)

ପାଇକମାଳ ସଡ଼କପଡ଼ାରେ ଚାରିଦିନ ଧରି ଚାଲିଥିବା ୩୧ତମ ଚବିଶ ପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଏହି ନାମଯଜ୍ଞ ପାଇଁ କଳସ ଯାତ୍ରା ହୋଇଥିଲା। ଶିବମନ୍ଦିର ଘାଟରୁ ୧୦୮ କଳସୀରେ ମହିଳାମାନେ ଜଳ ବୁଡ଼ାଇ ଏକ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବରେ ମୁକେଶ ସେଠ ଓ ତାଙ୍କର ସହ ଧର୍ମିଣୀ ନିରୁପମା ସେଠ ଦାୟିତ୍ୱ ତୁଲାଇଥିଲେ। ଯଜ୍ଞ ପୁରୋହିତ ଭାବରେ ଡିଗ୍ରୀଧର ଦେବତା ଓ ମିତ୍ରଭାନୁ ଦେବତା ପୂଜା, ପାଠ, ହୋମଯଜ୍ଞ ଆଦି କାମ ତୁଲାଇଥିଲେ। ଏଥିରେ ୧୬ ଗୋଟି ସଂକୀର୍ତ୍ତନ ଦଳ କଳିଯୁଗରେ ମୁକ୍ତି ପାଇବା ପାଇଁ ମହାମନ୍ତ୍ର ନାମ ଧରି ଚାରି ଦିନ ଯାକ ଅହୋରାତ୍ର ପରିବେଷଣ କରିଥିଲେ। ଯଜ୍ଞ କମିଟିର ସଭାପତି ଜୟଦ୍ରଥ ପ୍ରଧାନ, ସମ୍ପାଦକ ଡୋଲାମଣି ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାମ ଚାଲିଥିଲା। କର୍ତ୍ତା ମୁକେଶ ଓ ତାଙ୍କ ଦମ୍ପତିଙ୍କୁ ପ୍ରକୃତିବନ୍ଧୁ ବଡ଼ ଶତପଥୀ ଏକ ଅଶୋକ ଚାରା ପ୍ରଦାନ କରି ଯଜ୍ଞ ସ୍ମୃତି ପାଇଁ ରୋପଣ କରିବାକୁ ପରାମର୍ଶ ଦେଇଥିଲେ।

କେନ୍ଦୁପତ୍ର କର୍ମଚାରୀଙ୍କ ଅବସର ବୟସ ୬୫ ବୃଦ୍ଧି ଦାବି

ପଦ୍ମପୁର, ୩୦।୩ (ପ୍ରଦୀପ୍ତ ଦାଶ)

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବରଗଡ଼ ଏମ୍‌ପି

ମୁଖ୍ୟମନ୍ତ୍ରୀଙ୍କୁ ବରଗଡ଼ ଏମ୍‌ପି ଦାବିପତ୍ର ପ୍ରଦାନ କରୁଛନ୍ତି।

ବିଭିନ୍ନ ସମସ୍ୟା ନେଇ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସେମାନଙ୍କ ସମସ୍ୟା ସମାଧାନ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶାର ପ୍ରାୟ ୧୨ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବଂ ସାମୟିକ କର୍ମଚାରୀଙ୍କ ହକ ପାଇଁ ଏକ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି। ସାମୟିକ କେନ୍ଦୁପତ୍ର କର୍ମଚାରୀଙ୍କ ଅବସର ବୟସ ୬୨ରୁ ୬୫ ବର୍ଷକୁ ବୃଦ୍ଧି କରାଯାଉ। ୨୦୨୦ରୁ ବନ୍ଦ ଥିବା ଦରମା ବୃଦ୍ଧିକୁ ତୁରନ୍ତ ଲାଗୁ କରାଯାଉ ଏବଂ ସର୍ବନିମ୍ନ ମଜୁରି ନିୟମ ଅନୁସାରେ ପାରିଶ୍ରମିକ ନିର୍ଦ୍ଧାରଣ ହେଉ। କେନ୍ଦ୍ରୀୟ ଗୋଦାମ ଜଗୁଆଳିଙ୍କର ବକେୟା ଥିବା ପ୍ରାୟ ୨.୪୦ କୋଟି ଟଙ୍କା ତୁରନ୍ତ ପ୍ରଦାନ କରାଯାଉ। ବର୍ତ୍ତମାନର ପତ୍ର ପିଛା ୦.୦୮ ପଇସା ଦରକୁ ବର୍ତ୍ତମାନର ମହଙ୍ଗା ପରିସ୍ଥିତି ଅନୁସାରେ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ପ୍ରଦୀପ ପୁରୋହିତ । ବର୍ତ୍ତମାନ, ରତୁକାଳୀନ କେନ୍ଦୁପତ୍ର କର୍ମଚାରୀଙ୍କ ଅବସର ବୟସ ୬୨ ବର୍ଷ ରହିଛି, ଏହାକୁ ୬୫କୁ ବୃଦ୍ଧି କରିବାକୁ ଦାବି କରିଛନ୍ତି । ୨୦୨୦ରୁ ସର୍ବନିମ୍ନ ମଜୁରି ମାନଦଣ୍ଡ ଏବଂ ବୁଝାମଣାପତ୍ର ଅନୁଯାୟୀ ବ୍ୟବସ୍ଥା ସତ୍ତ୍ୱେ, ରତୁକାଳୀନ କର୍ମଚାରୀଙ୍କ ପାଇଁ ମଜୁରିରେ କୌଣସି ବୃଦ୍ଧି କରା ଯାଇନାହିଁ। ଏହି ଦୀର୍ଘକାଳୀନ ସ୍ଥିରତା ଆୟ ଉପରେ ନିର୍ଭରଶୀଳ ହଜାର ହଜାର ପରିବାର ପାଇଁ ଘୋର ଅସୁବିଧା ସୃଷ୍ଟି କରିଛି। କେନ୍ଦ୍ରୀୟ ଗୋଦାମକୁ ଦେୟ ପ୍ରାୟ ୨କୋଟି ୪୦ ଲକ୍ଷ ଟଙ୍କାର ବକେୟା ପୂର୍ବ ସରକାରଙ୍କ ନିକଟରେ ପଡ଼ି ରହିଥିବା ସୂଚନା ମିଳିଛି। ଏହି କର୍ମଚାରୀମାନେ ସେମାନଙ୍କର ପ୍ରାପ୍ୟ ପାଇଁ ଧୈର୍ଯ୍ୟର ସହିତ ଅପେକ୍ଷା କରିଛନ୍ତି ଏବଂ ବକେୟା ପ୍ରାପ୍ୟ ଶୀଘ୍ର ପ୍ରଦାନ କରିବାକୁ ଏମ୍‌ପି ମୁଖ୍ୟମନ୍ତ୍ରୀଙ୍କ ଆଗରେ ଅନୁରୋଧ କରିଛନ୍ତି। ବର୍ଦ୍ଧିତ ମୁଦ୍ରାସ୍ଫୀତି ଏବଂ ସଂଗ୍ରହରେ ଜଡିତ କଠିନ ପରିଶ୍ରମକୁ ଦୃଷ୍ଟିରେ ରଖି ପ୍ରତି ପତ୍ରର ବର୍ତ୍ତମାନର ୦.୦୮ କ୍ରୟ ହାର ଅତ୍ୟନ୍ତ କମ। ଏହି ହାରକୁ ପ୍ରତି ପତ୍ରର ଅତି କମରେ ୦.୧୨କୁ ବୃଦ୍ଧି କରାଯାଉ, ଯାହା ଲକ୍ଷ ଲକ୍ଷ ଆଦିବାସୀ ସଂଗ୍ରହକାରୀଙ୍କୁ ଅତ୍ୟନ୍ତ ଆବଶ୍ୟକୀୟ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଶ୍ରମିକମାନଙ୍କର ମର୍ଯ୍ୟାଦା, ନ୍ୟାୟପୂର୍ଣ୍ଣ ମଜୁରି ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା କେବଳ ଏକ ନୀତିଗତ ବାଧ୍ୟତା ନୁହେଁ ବରଂ ଏକ ନୈତିକ ଦାୟିତ୍ୱ ମଧ୍ୟ। ତେଣୁ ଏହା ଉପରେ ତୁରନ୍ତ ସହ ପ୍ରସଙ୍ଗକୁ ନେଇ ତୁରନ୍ତ ବିଚାର କରିବାକୁ ଏମ୍‌ପି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ବିକାଶରେ ସମ୍ବର୍ଦ୍ଧନା ସମାରୋହ

ସମ୍ବର୍ଦ୍ଧନା ସମାରୋହରେ ଛାତ୍ରୀମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ।

ବରଗଡ଼,୩୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ରବିବାର ବିଦାୟ ସମ୍ବର୍ଦ୍ଧନା ସମାରୋହ ୟାଦେଁ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମ ଆରମ୍ଭରୁ ଭାଷଣ ଦେଇ ଶେଷବର୍ଷ ଛାତ୍ରୀଛାତ୍ରଙ୍କ କୃତିତ୍ୱ ଉପରେ ଆଲୋଚନା କରିଥିଲେ। ବିକାଶ ଡିଗ୍ରୀ କଲେଜ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହିତ ଜୀବନ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଲକ୍ଷ୍ମୀ ଚିଟ୍ ଏଡ଼ମିନିଷ୍ଟ୍ରେଟିଭ୍ ଅଫିସର ଇଂ ଅଜୟ କୁମାର ମହାପାତ୍ର ନିଜ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହିତ ଜୀବନ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ବିକାଶ ଡିଗ୍ରୀ କଲେଜର ଗୌରବମୟ ଇତିହାସ, ଛାତ୍ରୀଛାତ୍ରଙ୍କ ଉପଲବ୍ଧି ଏବଂ ଅଧ୍ୟାପିକା, ଅଧ୍ୟାପକଙ୍କ ମାର୍ଗଦର୍ଶନର ଗୁରୁତ୍ୱକୁ ରେଖାଙ୍କିତ କରିଥିଲେ। ଚଳିତବର୍ଷ ଏକ ନୂତନ ପ୍ରକ୍ରିୟା ମାଧ୍ୟମରେ ଶେଷବର୍ଷର ଶ୍ରେଷ୍ଠ ୮ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସର ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ଡିନ୍(ଷ୍ଟୁଡେଣ୍ଟସ୍ ଏଫେୟାର୍ସ) ଉପସ୍ଥିତ ଥିବା ବେଳେ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

ଟେମରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଇକମାଳ,୩୦।୩(ବଡ଼ ଶତପଥୀ)

ପାଇକମାଳ ବ୍ଲକ ଅନ୍ତର୍ଗତ ଟେମରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଇକମାଳ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ମୁଖ୍ୟ ବକ୍ତା ଶାନ୍ତନୁ ସାହୁ, ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୀପ୍ତିପୁର ଏବଂ ସମ୍ମାନିତ ଅତିଥି ମିନକେତନ ସାହୁ, ସମ୍ପାଦକ ଜିଲା ପରିବେଶ ସୁରକ୍ଷା ମଞ୍ଚ ବରଗଡ଼ ମହେଶ୍ୱର ହରିପାଲ ସାଧନ କେନ୍ଦ୍ର ସଂଯୋଜକ, ଦିଲୀପ କୁମାର ବେହେରା, ସରପଞ୍ଚ ଟେମରୀ ଗ୍ରାମପଞ୍ଚାୟତ ଯୋଗଦେଇଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ମୋହନ ଭୋଇ। ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭାକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ବିଦ୍ୟାଳୟର ସହକାରୀ ଶିକ୍ଷକ ଯୁଧିଷ୍ଠିର ଯୋଶୀ ଏବଂ ବିବରଣୀ ପଠନ କରିଥିଲେ ଶିକ୍ଷକ ଉପେନ୍ଦ୍ର ପ୍ରଧାନ।

ଜାତୀୟ ଶିକ୍ଷା ନୀତି ୨୦୨୦ ଆଲୋଚନାଚକ୍ର

ବରପାଲି,୩୦।୩(ଚିତ୍ତରଞ୍ଜନ ସାହୁ)

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରପାଲି ଫାର୍ମାସ୍ୟୁଟିକାଲ କଲେଜ ପକ୍ଷରୁ 'ଜାତୀୟ ଶିକ୍ଷା ନୀତି ୨୦୨୦' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଡ. ଅର୍କ କୁମାର ଦାସ ମହାପାତ୍ର ଏବଂ ଡ. ଯଶପିନ୍ଦର ପାଲ ସିଂ ବିରଡି ଯୋଗଦେଇଥିଲେ। ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତା, ସମ୍ପାଦକ ଦାମୋଦର ପଣ୍ଡା ଏବଂ ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ସାହୁଙ୍କ ଗରିମାମୟ ଉପସ୍ଥିତିରେ ଡ. ଆଶୁତୋଷ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଡ.ଆଶୁତୋଷ ମେହେରଙ୍କ ସମେତ କଲେଜର ଅଧ୍ୟାପକ ଅବିନାଶ ସାହୁ, ଡ. ସନ୍ତୋଷ ଦାଶ, ଡ. ଅବଦୁଲ ସୟିଦ ଖାନ, ହେନେରିଟା ଦାଶ, ସୌରଭ ଦ୍ୱିବେଦୀ, ପଫୁନ ଭୋଇ, ଚେକଚାନ୍ଦ ସେନାପତି, ସିଦ୍ଧେଶ୍ୱର ପଟେଲ, ରଞ୍ଜିତ ଥାଇତ, ବୈଜୟନ୍ତୀ ଦେବତା, ଗଙ୍ଗାଧର ମେହେର ଏବଂ ପଦ୍ମାଳୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ହରଭଙ୍ଗାରେ ଝଡ଼ବର୍ଷା: ପଡିବା ଚାଷ ନଷ୍ଟ

ଚାରିଛକଠାରେ ଝଡ଼ ତୋଫାନରେ ଭାଙ୍ଗିଥିବା ଗଛ।

ହରଭଙ୍ଗା,୩୦।୩(ନରେନ୍ଦ୍ର କୁମାର ସାହୁ)

ହରଭଙ୍ଗା ବ୍ଲକରେ ସୋମବାର ଅପରାହ୍ନରେ ଝଡ଼ ବର୍ଷା ପ୍ରଭାବରେ ବ୍ୟାପକ କ୍ଷୟକ୍ଷତ ଘଟିଛି। ବ୍ଲକ ସଦରମହକୁମା ଚାରିଛକରେ ଥିବା ହରଭଙ୍ଗା ବ୍ଲକ ନିକଟରେ ଏକ ବିରାଟ କଦମ୍ବ ଗଛ ଉପୁଡି ପଡ଼ିଛି। ଏହା ସହିତ ଝାଡ୍ରାଜିଂ ସେବାଶ୍ରମ ସ୍କୁଲ ଭିତରେ ମଧ୍ୟ ବିରାଟ ଗଛ ମାଡ଼ିବସିଥିଲା। ବଜାର ଉପରେ ଥିବା ଅନେକ ଦୋକାନର ଆଜବେଷ୍ଟସ, ଟିଣ ଛପର ଉଡିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଚାରିଛକ-ଛତ୍ରଙ୍ଗ ରାସ୍ତାର କରକଟା ନିକଟରେ ଏକ ଚାକୁଣ୍ଡା ଗଛ ରାସ୍ତା ଉପରେ ପଡିଥିବା ଜଣାପଡ଼ିଛି। ଝଡବର୍ଷା ଯୋଗୁ ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିବାରୁ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ଏଥିସହ ବର୍ଷା ସାଙ୍ଗକୁ କୁଆପଥର ପଡ଼ିଥିବା ଦେଖିବାକୁ ମିଳିଥିଲା। ବର୍ଷା ଯୋଗୁ ପନିପରିବା ଚାଷ ନଷ୍ଟ ହୋଇଛି। ଅଗ୍ନିଶମ ବାହିନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଗଛକଟା କାର୍ଯ୍ୟ ଜାରି ରହିଛି।

ହେମସାଗର ପଦ୍ମପୁର ନୂତନ ଉପଜିଲାପାଳ

ପଦ୍ମପୁର,୩୦।୩ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡକୁ ନୂତନ ଉପଜିଲାପାଳ ଭାବେ ହେମସାଗର ଭୋଇଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବ କାର୍ଯ୍ୟରତ ଉପଜିଲାପାଳ ସ୍ନେହା ଅରଗୁଲାଙ୍କୁ ପୁରୀ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଭୋଇ ୨୦୧୧ବ୍ୟାଚର ଓଏଏସ୍। ସେ ଏହା ପୂର୍ବରୁ କୁଡିଣ୍ଡା ଆଇଟିଡିଏର ପ୍ରୋଜେକ୍ଟ ଆଡ୍‌ମିନି ଷ୍ଟ୍ରେଟର୍ ଥିଲେ । ତା' ପୂର୍ବରୁ ସେ କଳାହାଣ୍ଡି ଜିଲାର କଳମପୁର, ସୋନପୁର ଜିଲାର ଉଲୁଣ୍ଡା, ଝାରସୁଗୁଡା ଜିଲା ଲଖନପୁର ତହସିଲଦାର ଭାବେ ଦକ୍ଷତାର ସହିତ କାର୍ଯ୍ୟନିର୍ବାହ କରିଥିଲେ।

ଜିଲାସ୍ତରୀୟ ପ୍ରବେଶ ଉତ୍ସବ ପାଳନ ପ୍ରସ୍ତୁତି

ବରଗଡ଼,୩୦।୩ (ପ୍ରେମାନନ୍ଦ ଖମାରୀ)

ଆସନ୍ତା ଏପ୍ରିଲ ମାସ ୨ତାରିଖ ବରଗଡ଼ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳନ ପାଇଁ ରବିବାର ବରଗଡ଼ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପୌର ପରିଷଦ ଅନ୍ତର୍ଗତ ଅମ୍ବାପାଲିସ୍ଥିତ ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତା ଏବଂ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଏଡିଇଓ ବିନୟ ପ୍ରକାଶ ସୟ, ସରୋଜ ଭୁଏ, ଅମୃତା ସାହୁ, ଅମ୍ବାପାଲି ଉଚ୍ଚ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ କମିଟି ଅଧ୍ୟକ୍ଷ ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପର୍

ସଂକ୍ଷେପରେ

ଦୁର୍ଘଟଣାରେ ବାଇକ୍‌ଆରୋହୀ ମୃତ

ଲଖନପୁର,୩୦।୩(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୪୯ର କରଲାବାହାଲି ନିକଟରେ ସୋମବାର ସକାଳ ପ୍ରାୟ ୮ଟାରେ ଦୁର୍ଘଟଣାରେ ଜଣେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିଥିଣ୍ଡା ପଞ୍ଚାୟତ ଅଧୀନ ତିଲଗି ଗ୍ରାମର ବିକାଶ ପାତ୍ର(୨୫)। ସେ ବାଇକ୍‌ରେ କନକତୋରା ପଟୁ ପଞ୍ଚଗାଁ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବିକାଶଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଖବରପାଇ କନକତୋରା ବିଟ୍ ହାଉସ୍ ଅଧିକାରୀଙ୍କ ସମେତ ରେଙ୍ଗାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଚିକିତ୍ସାଳୟକୁ ପଠାଇଥିଲା। ଏଥିସହିତ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଚୋରି ଅଳଙ୍କାର ଜବତ, ୩ ଗିରଫ

ବ୍ରଜରାଜନଗର, ୩୦।୩ (ବିଜୟ ବରାଡ଼)

ସୁନାଅଳଙ୍କାର ଚୋରି ଅଭିଯୋଗରେ ଓରିଏଣ୍ଟ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଓରିଏଣ୍ଟ ଥାନା ଅନ୍ତର୍ଗତ ଗାୟତ୍ରୀ ନଗର ଅଞ୍ଚଳର ରମେଶ ଚୌଭାନ, ଉମେଶ ଚୌଭାନ ଓ ସୁରଜ ନାୟକ। ଅଭିଯୋଗ ଅନୁଯାୟୀ, ଓରିଏଣ୍ଟ ଥାନା ଅଧୀନ ଗାୟତ୍ରୀ ନଗର ଚର୍ଚ୍ଚପଡ଼ାର ଅରୁଣ ମିଶ୍ରଙ୍କ ଘରୁ ଚୋରି ହୋଇଥିଲା। ଶନିବାର ରାତିରେ ତାଙ୍କ ଘରେ କେହି ନ ଥିଲେ। ଏହି ସୁଯୋଗରେ ଅଭିଯୁକ୍ତମାନେ ତାଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିବା ସହ ୨ ହଳ କାନଫୁଲ, ୨ଟି ସୁନାମୁଦି, ୪ଟି ନାକଫୁଲ ଓ ୩ଟି ସୁନା ଲକେଟ୍ ଚୋରିକରିଥିଲେ। ଏନେଇ ରବିବାର ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁକରିଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଚୋରି ଅଳଙ୍କାର ଜବତ କରାଯାଇଥିବା ଥାନା ଅଧିକାରୀ କ୍ଷମାସାଗର ନାୟକ କହିଛନ୍ତି।

ସମଡ଼ା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ବୈଠକ

ଲଖନପୁର,୩୦।୩(ଗୌତମ ସାହୁ)

ଲଖନପୁର ବ୍ଲକ୍ ଅଧୀନ ସମଡ଼ା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଆର୍ଟ ଅଫ୍ ଲିଭିଂ ସେଣ୍ଟରଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରବିରତ୍ନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସଞ୍ଜୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ସମିତିର ଆୟବ୍ୟୟ ଓ ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିଥିଲେ। ଏଥିସହ ୨୦୨୫-୨୬ ବର୍ଷ ପାଇଁ ବଜେଟ ଅଟକଳ ପ୍ରସ୍ତୁତ କରାଯାଇ ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ଏହି ଅବସରରେ ସମଡ଼ା ପ୍ରାଥମିକ କୃଷି ସମବାୟ ସମିତି ସଭ୍ୟ ବିରଞ୍ଚି ସାହୁ ସରକାରଙ୍କ ନୂତନ କୃଷି ଯୋଜନା ଓ ଆଗାମୀ ଦିନରେ ସମିତି କିପରି ଅଧିକରୁ ଅଧିକ ଲାଭ ପାଇପାରିବ, ସେ ବିଷୟରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ମୁରଲୀ ପଧାନ, ରାମପ୍ରସାଦ ସାହୁ, ସଂକୀର୍ତ୍ତନ କୁମୁରା, କୈଳାସ ନାଇକ ପ୍ରମୁଖ ଉପସ୍ଥିତ ଥିଲେ।

ପାଇପ୍ ବିଛାଯାଇଛି, ମିଳୁନି ପାଣି

ଝାରସୁଗୁଡ଼ା,୩୦।୩(ଆଶିଷ ରଞ୍ଜନ ଦାଶ)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଗ୍ରୀଷ୍ମଋତୁରେ ପାନୀୟଜଳ ସଙ୍କଟ ଦୂର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପାଇପ୍ ଯୋଗେ ଲୋକମାନଙ୍କୁ ୨୪ ଘଣ୍ଟିଆ ପାନୀୟଜଳ ଯୋଗାଇ ଦିଆଯାଉଛି। ହେଲେ ଝାରସୁଗୁଡ଼ା ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସହରର ଜନସାଧାରଣ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଜଳଯୋଗାଣ ବ୍ୟବସ୍ଥା କରିବା ପାଇଁ ସହରବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ସହରବାସୀଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦେବା ପାଇଁ ଅନେକ ସ୍ଥାନରେ ପାଇପ୍ ବିଛାଯାଇଛି। ବିଶେଷକରି ବେହେରାମାଲ, ଭୁଲିଆଟିକରା, ବଡ଼େଇମୁଣ୍ଡା, ମଙ୍ଗଳବଜାର, ମୁଜାପଡ଼ା, ଶାନ୍ତିନଗର, ବୁରୋମାଲ ଆଦି ଅଞ୍ଚଳରେ ୩ ବର୍ଷ ହେଲା ପାଇପ୍ ବିଛା ଯାଇଥିଲେ ମଧ୍ୟ ପାନୀୟ ଜଳଯୋଗାଣ ସମ୍ଭବ ହୋଇନାହିଁ। ସେହିପରି ସହରର କାପୁମାଳ ଅଞ୍ଚଳରେ ପାଇପ୍ ବିଛା କାମ ଶେଷ ହୋଇଥିଲେ ମଧ୍ୟ ଲୋକଙ୍କୁ ପାନୀୟଜଳ ଯୋଗାଇ ଦିଆଯାଇନାହିଁ। କେତେକ ସ୍ଥାନରେ ପାଇପ୍ ବିଛାଇବା ପାଇଁ କଂକ୍ରିଟ୍ ରାସ୍ତାକୁ ଖୋଳି ଦିଆଯାଇଛି। ଅପରପକ୍ଷେ ସହରର ହାଉସିଂ ବୋର୍ଡ, ବୁରୋମାଲ, ପଣ୍ଡରିପଥର ଅଞ୍ଚଳରେ ପାଣି ପାଇଁ ପାଇପ୍‌ବିଛା କାର୍ଯ୍ୟ କରାଯାଇନାହିଁ। ଏହାକୁ ୱାଟ୍‌କୋ କର୍ତ୍ତୃପକ୍ଷ ମଧ୍ୟ ସ୍ୱୀକାର କରିଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଝାରସୁଗୁଡ଼ା ସହରବାସୀଙ୍କ ପାଇଁ ହୋଇଥିବା ୨୪ ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥା ଫେଲ୍ ମାରିଛି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ତୁରନ୍ତ ସହରବାସୀଙ୍କୁ ପାଇପ୍ ଯୋଗେ ଜଳ ଯୋଗାଇ ଦେବା ପାଇଁ ସହରର ବଳିଆ ପଣ୍ଡା, ସଂକୀର୍ତ୍ତନ ପ୍ରଧାନଙ୍କ ସମେତ ଅନେକ ସଚେତନ ନାଗରିକ ଦାବି କରିଛନ୍ତି। ଏ ସମ୍ପର୍କରେ ୱାଟ୍‌କୋ ଜିଏମ୍ ସୁବ୍ରତ ନାୟକ କହିଛନ୍ତି, ଝାରସୁଗୁଡ଼ା ସହରରେ ୮୦% ଜଳ ଯୋଗାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବାକି ଅଞ୍ଚଳକୁ ଖୁବ୍‌ଶୀଘ୍ର ପାଇପ୍ ବିଛାଯିବ। ଝାରସୁଗୁଡ଼ାରେ ୨୪ ଘଣ୍ଟା ଜଳ ଯୋଗାଣ ପାଇଁ ଡିପିଆର୍ ସହିତ ଟଙ୍କା ଅନୁମୋଦନ ହୋଇଛି। ବୈଷୟିକ କାର୍ଯ୍ୟର ତର୍ଜମା ଚାଲିଛି। ଆସନ୍ତା ୨/୩ ମାସ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି।

ପାଇପ୍‌ରେ ପାଣି ଆସୁନାହିଁ। ପାଇପ୍ ବିଛାଇବା ପାଇଁ କଂକ୍ରିଟ ରାସ୍ତା ଖୋଳାଯାଇଛି।

ମହାବୀର ଜୟନ୍ତୀରେ ଶୋଭାଯାତ୍ରା

ଶୋଭାଯାତ୍ରାରେ ଜୈନ ଧର୍ମାବଲମ୍ବୀଙ୍କ ସମେତ ଅନ୍ୟମାନେ।

ଝାରସୁଗୁଡ଼ା, ୩୦।୩(ଆଶିଷ ରଞ୍ଜନ ଦାଶ)

ମହାବୀର ଜୟନ୍ତୀ ଅବସରରେ ସୋମବାର ଝାରସୁଗୁଡ଼ା ଜୈନ ସମାଜ ପକ୍ଷରୁ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ଝଣ୍ଡା ଚୌକସ୍ଥିତ ଜୈନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସକାଳ ୮ଟା ୪୫ ମିନିଟ୍‌ରେ ସେଠାରୁ ଶୋଭାଯାତ୍ରା ବାହାରିଥିଲା। ଏକ ସୁସଜ୍ଜିତ ରଥରେ ମହାବୀରଙ୍କ ଫଟୋ ସହିତ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରା ମଙ୍ଗଳବଜାର ରୋଡ଼, ବାଳିକା ବିଦ୍ୟାଳୟ ରୋଡ଼, ମୁଖ୍ୟ ରାସ୍ତା ଦେଇ ମୋହିନୀ ରୟାଲ ପର୍ଯ୍ୟନ୍ତ ଯାଇଥିଲା। ତରୁଣ ଜୈନଙ୍କ ବାସଭବନ ଏବଂ ମଙ୍ଗଳବଜାର ରୋଡ଼ସ୍ଥିତ ଅନିଷ ଜୈନ ଓ ଜିନେନ୍ଦ୍ର ଜୈନଙ୍କ ବାସଭବନ ସମ୍ମୁଖରେ ଶୋଭାଯାତ୍ରାରେ ସାମିଲ ଲୋକଙ୍କୁ ଶୁଖିଲା ଖାଦ୍ୟ, ପାନୀୟ ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଡା. ପ୍ରଭାତ ଜୈନ, ଦିନେଶ ଜୈନ, ଜିନେନ୍ଦ୍ର ଜୈନ, ଅଶୋକ ଜୈନ, ଆନନ୍ଦ ଜୈନ, ଅନିଷ ଜୈନଙ୍କ ସମେତ ଜୈନ ସମାଜ ଓ ଅନ୍ୟାନ୍ୟ ସମାଜର ଶତାଧିକ ମହିଳା, ପୁରୁଷ ଅଂଶଗ୍ରହଣ କରିଥିଲେ।

ଝାରସୁଗୁଡ଼ା ବିମାନବନ୍ଦରରୁ ଖୁବ୍‌ଶୀଘ୍ର ଆରମ୍ଭ ହେବ କାର୍ଗୋ ସେବା

ଝାରସୁଗୁଡ଼ା, ୩୦।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଖୁବ୍‌ଶୀଘ୍ର କାର୍ଗୋ ବା ପଣ୍ୟ ପରିବହନ ସେବା ଆରମ୍ଭ ହେବାକୁ ଯାଉଛି। ସୋମବାର ବିମାନବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧଉଣ୍ଡିଆ ଏହି ସୂଚନା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ବ୍ୟୁରୋ ଅଫ୍ ସିଭିଲ ଆଭିଏସନ ସିକ୍ୟୁରିଟିର ଆଞ୍ଚଳିକ ନିର୍ଦ୍ଦେଶକ ଜେ.ପି. ବାକ୍ସଲାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ବିମାନବନ୍ଦରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଏହି ଟିମ୍‌ରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ, ଗୁପ୍ତଚର ସଂସ୍ଥା ଏବଂ ବିଭିନ୍ନ ବିମାନ ସେବା ପ୍ରଦାନକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ ସାମିଲ ଥିଲେ। କମିଟି ପକ୍ଷରୁ ବିମାନବନ୍ଦରର ପାସେଞ୍ଜର ଟର୍ମିନାଲ ଜରିଆରେ କାର୍ଗୋ ପରିବହନର ସମ୍ଭାବ୍ୟତା ଉପରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇଛି। ସୁରକ୍ଷା ପ୍ରୋଟୋକଲ ଏବଂ ଆବଶ୍ୟକ ଭିତ୍ତିଭୂମିର ସମୀକ୍ଷା ପରେ ଟିମ୍ ସନ୍ତୋଷ ପ୍ରକାଶ କରିଛି। ପ୍ରାଥମିକ ପର୍ଯ୍ୟାୟରେ ଛୋଟ ଆକାରରେ ସେବା କାର୍ଯ୍ୟ ଆରମ୍ଭ ହେବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ଧଉଣ୍ଡିଆ କହିଛନ୍ତି। ବିମାନବନ୍ଦରରେ କାର୍ଗୋ ସେବା ଆରମ୍ଭ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିସିଏଏସ୍ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ସ୍ଥଳ ପରିଦର୍ଶନ କରାଯାଇଛି। ଖୁବ୍‌ଶୀଘ୍ର ଆବଶ୍ୟକ ଅନୁମତି ମିଳିଯିବ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ଭାବେ ସୀମିତ ଭିତ୍ତିଭୂମିକୁ ନେଇ କମ୍ ପରିମାଣର ପଣ୍ୟ ପରିବହନ କରାଯିବ ଏବଂ ପରବର୍ତ୍ତୀ ସମୟରେ ଚାହିଦା ଅନୁସାରେ ଏହାର ସମ୍ପ୍ରସାରଣ କରାଯିବ। ଏହି ସେବା ଆରମ୍ଭ ହେଲେ ପଶ୍ଚିମ ଓଡ଼ିଶାର ଲଜିଷ୍ଟିକ୍ସ କ୍ଷମତା ବୃଦ୍ଧି ପାଇବା ସହ ସ୍ଥାନୀୟ ଶିଳ୍ପ ଏବଂ ବ୍ୟବସାୟକୁ ଏକ ନୂଆ ଗତି ମିଳିବ ବୋଲି ନିର୍ଦ୍ଦେଶକ ଧଉଣ୍ଡିଆ ପ୍ରକାଶ କରିଛନ୍ତି।

ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପାଇଁ ନିମନ୍ତ୍ରଣ ପତ୍ର ବାଣ୍ଟିଲେ ଜିଲାପାଳ

କୋଲାବିରା,୩୦।୩(ସଞ୍ଜୟ ପୂଜାରୀ)

